ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୨୨/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Friday, October 22/2021 | ★★★★★

୧୭ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

DSPL - 204

ଓଡ଼ିଶା ସରକାର | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

"ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ ।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୟୂରଭଞ୍ଜ ଜିଲ୍ଲା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା






ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଶୁଭାରମ୍ଭ

✓ ନୂଆ ସ୍ମାର୍ଟ କାର୍ଡ ବିତରଣ
ଏବଂ
ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ
ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ବାରିପଦା | ୨୨ ଅକ୍ଟୋବର ୨୦୨୧

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

OIPR-10001/13/0064/2122

## ସଂକ୍ଷେପରେ

### ବିଶ୍ୱର ବଡ଼ ଆହ୍ୱାନର ସମାଧାନ ଲାଗି ଭାରତ ପ୍ରସ୍ତୁତ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ):** ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନ୍‌ଇପି)ର ପ୍ରଣୟନ ସହିତ ଭାରତ ବିଶ୍ୱର ବଡ଼ ଆହ୍ୱାନର ସମାଧାନ ପାଇଁ ପୂର୍ବାପେକ୍ଷା ଅଧିକ ପ୍ରସ୍ତୁତ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ଏସ୍ ୪-ବାର୍ଷିକ ଏସଡିଜି (ସଷ୍ଟେନେବଲ ଡେଭଲପ୍‌ମେଣ୍ଟ୍ ଗୋଲ) କନକ୍ଲେଭରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଭାରତର ଶିକ୍ଷା ଦୃଶ୍ୟପଟରେ ପରିବର୍ତ୍ତନ ଅଣାଯାଇଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଭାରତର ଶିକ୍ଷା ନୀତିର ଶ୍ରେଣୀବଦ୍ଧତା ଏବଂ ବିଶ୍ୱ ଦୃଷ୍ଟିକୋଣ ଓ ସମ୍ବେଦନଶୀଳତାର ସହିତ ଭାରତର ଯୁବକଙ୍କ ପୋଷଣ ଉପରେ ସେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନଇପି)ର ପ୍ରଣୟନ ସହିତ ଭାଗୀଦାରିରେ ପ୍ରାଥମିକତା ଉପରେ କାର୍ଯ୍ୟ କରିବା ଏବଂ ବିଶ୍ୱର କିଛି ବଡ ଆହ୍ୱାନର ସମାଧାନ ପାଇଁ ଭାରତ ସମଗ୍ର ବିଶ୍ୱର ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନ, ଏକାଡେମୀ ଓ ଶିଳ୍ପ ସହିତ ନେଟ୍‌ୱର୍କ ନିର୍ମାଣ ପାଇଁ ପୂର୍ବ ଅପେକ୍ଷା ଅଧିକ ପ୍ରସ୍ତୁତ। ଏସଡିଜି ଲକ୍ଷ୍ୟକୁ ହାସଲ କରିବା ପାଇଁ ଶିଳ୍ପ ସଂସ୍ଥା, ପଲିସି ମେକର, ଏକାଡ଼େମୀ ଏବଂ ସମାଜ ମିଳିତ ଭାବେ କାମ କରିବା ପାଇଁ ଆଗେଇ ଆସିବା ଦରକାର। ଅନ୍ୟ ଏକ ଆଲୋଚନାରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସାମୁଦ୍ରିକ ପରିସଂସ୍ଥାନର ସୁରକ୍ଷା ଉପରେ ଭାରତରେ ଅବସ୍ଥାପିତ ନରୱେର ରାଷ୍ଟ୍ରଦୂତ ହାନ୍ସ ଜ୍ୟାକବ ଫ୍ରାଇଡେନଲୁଣ୍ଡଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ୍ ହୋଇଛି।

### ରାସଗୋବିନ୍ଦପୁରରେ ହେବ ବିମାନବନ୍ଦର

#### ପ୍ରତିଶ୍ରୁତି ଦେଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ବାଲେଶ୍ୱର ଏମ୍‌ପି ପତ୍ର ଦେଉଛନ୍ତି।

**ବାଲେଶ୍ୱର ଅଫିସ, ୨୧।୧୦:** ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତ ଅମର୍ଦ୍ଦାସ୍ଥିତ ରାସଗୋବିନ୍ଦପୁରଠାରେ ଏକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଜିଲାବାସୀ ପ୍ରଚେଷ୍ଟା କରିଆସୁଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବହୁବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଲିଖିତ ଜଣାଇଥିଲେ। ଦୀର୍ଘ ୨ବର୍ଷ ହେଲା ଏଥିପାଇଁ ଏମ୍‌ପି ଷଡ଼ଙ୍ଗୀ ପୂର୍ବତନ ମନ୍ତ୍ରୀ ହରଦୀପ ସିଂ ପୁରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ବହୁବାର ସାକ୍ଷାତ୍ ଆଲୋଚନା କରିଥିଲେ। ଫଳସ୍ୱରୂପ ଏହାକୁ ଉଡ଼ାନ୍ ଯୋଜନାରେ ସାମିଲ କରାଯାଇଥିଲା। ବର୍ତ୍ତମାନର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଏମ୍‌ପି ସାକ୍ଷାତ କରି ଉକ୍ତ ବିଷୟରେ ପତ୍ର ଦେବା ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ଷଡ଼ଙ୍ଗୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବାଲେଶ୍ୱର ଓ ମୟୂରଭଞ୍ଜ ସମେତ ସମଗ୍ର ଉତ୍ତର ଓଡ଼ିଶାବାସୀ ଉପକୃତ ହେବେ।

### ଗୃହରାଷ୍ଟ୍ର ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ବରଗଡ଼ ଅଫିସ,୨୧।୧୦ :** କଳାହାଣ୍ଡି ଜିଲା ମହାଲିଙ୍ଗ ସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କୁ ଅପହରଣ, ହତ୍ୟା ମାମଲାରେ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ଆନ୍ଦୋଳନ ଦାନା ବାନ୍ଧୁଛି। ଏହି କ୍ରମରେ ଗୁରୁବାର ବରଗଡ଼ ଗାନ୍ଧୀ ଛକରେ ଭାଜପା ଯୁବମୋର୍ଚ୍ଚା ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ ସହିତ ମନ୍ତ୍ରୀମଣ୍ଡଳରୁ ତାଙ୍କର ବହିଷ୍କାର ଦାବି କରିଥିଲା। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଅମିତ ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ସୁନନ୍ଦା ମେହେର, ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଅକ୍ରୁର ମଲ୍ଲିକ, ପରୀକ୍ଷିତ ଛତର, ଯୁଧିଷ୍ଠିର ମେହେରଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୨୬ ସୁଦ୍ଧା ସଂରକ୍ଷଣ ତାଲିକା ଚୂଡ଼ାନ୍ତ କର: ଏସ୍‌ଇସି

## ରାଜ୍ୟ ନିର୍ବାଚନ କମିଶନରଙ୍କ ପଞ୍ଚାୟତ ନିର୍ବାଚନ ସମୀକ୍ଷା

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଗୁରୁବାର ରାଜ୍ୟ ନିର୍ବାଚନ କମିଶନର (ଏସ୍‌ଇସି) ଆଦିତ୍ୟ ପ୍ରସାଦ ପାଢ଼ୀ ସବୁ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଚଳିତ ମାସ ୪ ତାରିଖରେ ସବୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଚିଠି ଅନୁସାରେ ସେମାନେ ସମ୍ପୃକ୍ତ ଜିଲାର ପଞ୍ଚାୟତ ନିର୍ବାଚନ ପାଇଁ ୱାର୍ଡ ପରିସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ କାର୍ଯ୍ୟ ସମାପ୍ତ କରି ତାହାର ତାଲିକା ଆସନ୍ତା ୨୬ ତାରିଖ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସମସ୍ତ ଜିଲାପାଳଙ୍କୁ ପଦ ସଂରକ୍ଷଣ ତଥ୍ୟ ନିର୍ଦ୍ଧାରିତ ପ୍ରୋଫର୍ମାରେ ସ୍ୱତନ୍ତ୍ର ବାର୍ତ୍ତାବହ ଜରିଆରେ କମିଶନଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲଟ୍ ବକ୍ସ ସମ୍ପର୍କରେ ନିର୍ବାଚନ କମିଶନର ଆଲୋଚନା କରିଛନ୍ତି। ପ୍ରତ୍ୟେକ ଜିଲାରେ କେତେ ବାଲଟ୍ ବକ୍ସ ଆବଶ୍ୟକ ହେବ, ଜିଲାସ୍ତରରେ କେତେ ଅଛି, ସେନେଇ ମଧ୍ୟ କମିଶନ ଜାଣିବାକୁ ଚାହିଁଛନ୍ତି । ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲଟ୍ ବକ୍ସର ମରାମତି ଓ ରଙ୍ଗ କରାଇବା ପାଇଁ ନିର୍ବାଚନ କମିଶନ ସମସ୍ତ ଜିଲାପାଳଙ୍କୁ ଜଣାଇଛନ୍ତି । ଏଥି ନିମନ୍ତେ ୧ କୋଟି ୧୬ ଲକ୍ଷ ଟଙ୍କା ଜିଲାଗୁଡ଼ିକୁ ପ୍ରଦାନ କରାଯାଇଛି। ନଭେମ୍ବର ୧୫ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି। ନିର୍ବାଚନ ପରେ ଭୋଟ୍ ଗଣତି ସମ୍ପର୍କରେ ନିର୍ବାଚନ କମିଶନ ଏକ ବିସ୍ତୃତ ନିୟମାବଳୀ ଜାରି କରିଛନ୍ତି। ଏଥର ପଞ୍ଚାୟତ ନିର୍ବାଚନ ଭୋଟ୍ ଗଣତି ବ୍ଲକ୍ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିରେ ସବୁ ଜିଲାପାଳ ଭୋଟ୍ ଗଣତି ସମ୍ପର୍କରେ ଜାରି କରାଯାଇଥିବା ବିସ୍ତୃତ ନିୟମାବଳୀକୁ ଅନୁଧ୍ୟାନ କରିବେ। ଏଥିସହ ବ୍ଲକ୍ ମୁଖ୍ୟାଳୟରେ ଭୋଟ୍ ଗଣତି କେନ୍ଦ୍ର ଚିହ୍ନଟ ସହ ପ୍ରସ୍ତୁତ କରି ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ଜାନୁଆରୀ ୨୦୨୧ରେ ପ୍ରକାଶ ପାଇଥିବା ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନ ସବୁ ଜିଲାଗୁଡ଼ିକୁ ସିଡୀ(ଏକ୍ସଲ୍ ଫର୍ମାଟ୍) ଜରିଆରେ ପଠାଇଛନ୍ତି। ଏହାକୁ ଆଧାର କରି ଜିଲା ସମୂହ (ଏକ୍ସେଲ ଫର୍ମାଟ)ରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବେ।

ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନିଯୁକ୍ତ କରିବାକୁ ଜିଲାପାଳମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଏହା ଆସନ୍ତା ୨୫ ତାରିଖ ସୁଦ୍ଧା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ ନିର୍ବାଚନ ନିମନ୍ତେ ଭୋଟ୍ ଗ୍ରହଣ କେନ୍ଦ୍ର ନଭେମ୍ବର ୫ ତାରିଖ ସୁଦ୍ଧା ଚିହ୍ନଟ କରିବା ପାଇଁ ଜିଲାପାଳଙ୍କୁ ଜଣାଯାଇଛି। ଯେଉଁଠି ଭୋଟ ଗ୍ରହଣ ନିମନ୍ତେ ସୁବିଧା ନ ଥିବ ସେଠାରେ ଅସ୍ଥାୟୀ ଭୋଟ୍ ଗ୍ରହଣ କେନ୍ଦ୍ର ନିର୍ମାଣ କରାଯିବ। ଜିଲାସ୍ତରରେ ନଭେମ୍ବର ୩୦ ସୁଦ୍ଧା ବାଲଟ ବକ୍ସ କଭର କିଣିବା ପାଇଁ କମିଶନ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# କଂଗ୍ରେସର ରାସ୍ତାରୋକୋ, ଧାରଣା







ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଓ ସିବିଆଇ ତଦନ୍ତ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ରାସ୍ତାରୋକୋ ଏବଂ ମହିଳା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

## ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା, ଗିରଫ ଦାବି ତେଜିଲା

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ସନ୍‌ଶାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ରାଜଧାନୀରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ କଂଗ୍ରେସ ତାଙ୍କ ବହିଷ୍କାର ଓ ଗିରଫ ଦାବି କରିଛି। ଗୁରୁବାର ମଧ୍ୟାହ୍ନରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବାଣୀବିହାର ଛକଠାରେ ବିକ୍ଷୋଭ, ଧାରଣା ଓ ରାସ୍ତାରୋକୋ କରାଯାଇଥିଲା।

ଛାତ୍ର କଂଗ୍ରେସ କର୍ମୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରମାନେ ଗ୍ଲାସ କ୍ୟାଣ୍ଟିନ ଛାତ୍ର ସଂସଦ କାର୍ଯ୍ୟାଳୟଠାରୁ ବିକ୍ଷୋଭ ଶୋଭାଯାତ୍ରାରେ ଆସି ବାଣୀବିହାର ଛକରେ ପହଞ୍ଚିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମମିତାଙ୍କ ଅନ୍ୟତମ ହତ୍ୟାକାରୀ ଦର୍ଶାଇ ନାରାବାଜି ଦେବାସହ ଟାୟାର ଜାଳି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଛାତ୍ର କଂଗ୍ରେସ ସଭାପତି ୟାସିର କହିଛନ୍ତି, ନବୀନ ସରକାରରେ ମା'ଙ୍କୁ ସମ୍ମାନ ଆହ୍ୱାନ ପ୍ରତାରଣାରେ ପରିଣତ ହୋଇଛି। ମମିତାଙ୍କ ଅପହରଣ ଓ ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସିଧାସଳଖ ସଂପୃକ୍ତି ରହିଛି। ମନ୍ତ୍ରୀ ସ୍କୁଲରେ ରାତ୍ରିଯାପନ କରନ୍ତି ବୋଲି ଅଭିଯୋଗ ହେଉଛି। କିନ୍ତୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀଙ୍କ ଅପରାଧକୁ ଘଣ୍ଟ ଘୋଡାଉଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ଓ ଗିରଫ କରା ନ ଗଲେ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ନୱାଜ କହିଛନ୍ତି। ଏହି ଆନ୍ଦୋଳନରେ ପ୍ରକାଶ ମିଶ୍ର, ଅରମାନ ଜେନା, ନୀହାର ବେହେରା, ରଞ୍ଜିତ ପାତ୍ର, ଅଖିଳେଶ ଯାଦବ, ସଙ୍ଗୁନା କହଁର, ରଞ୍ଜିତ ସେନାପତି, ବାବୁ ଜେନା, ସାଗର ପଟ୍ଟନାୟକ, ମହମ୍ମଦ ଗୁଲ୍‌ଫାମ, କାର୍ତ୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ଅବିନାଶ ନନ୍ଦ, ଭାଗ୍ୟଶ୍ରୀ ମହାନ୍ତି, ନିତେଶ ବେହେରା ପ୍ରମୁଖ ସାମିଲ ଥିଲେ।

ଏପଟେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ବାଣୀବିହାରସ୍ଥିତ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଓ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ବହୁ ବିଶିଷ୍ଟ କଂଗ୍ରେସ ନେତା ଶିବାନନ୍ଦ ରାୟ, ପ୍ରତିମା ମଲ୍ଲିକ, ରଶ୍ମି ମହାପାତ୍ର ଓ ସିଲି ସେଠୀ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।

## ଶଶିକଳାଙ୍କ ନାଁରେ ଏଆଇଏଡିଏମ୍‌କେର ଏତଲା

ଚେନ୍ନାଇ,୨୧।୧୦

ଏଆଇଏଡିଏମ୍‌କେରୁ ବହିଷ୍କୃତ ଭି.କେ. ଶଶିକଳା ନିଜକୁ ଦଳର ସାଧାରଣ ସମ୍ପାଦକ ବୋଲି ଦାବି କରିଛନ୍ତି। ଏହାକୁ ନେଇ କ୍ଷୁବ୍ଧ ଏଆଇଏଡିଏମ୍‌କେ ତାମିଲନାଡୁର ମମ୍ବାଲମ୍ ଥାନାରେ ତାଙ୍କ ବିରୋଧରେ ଏତଲା ଦେଇଛି। ଶଶିକଳାଙ୍କୁ ୨୦୧୮ରେ ଦଳରୁ ବିଦା କରାଯାଇଥିଲେ ହେଁ ସେ ଏବେ ବି ସାଧାରଣ ସମ୍ପାଦକ ଥିବା କହୁଥିବାରୁ ଏଆଇଏଡିଏମ୍‌କେ ଆଇନର ଆଶ୍ରୟ ନେଇଥିବା ବର୍ତ୍ତମାନ ସାଙ୍ଗଠନିକ ସମ୍ପାଦକ ଥିବା ଡି. ଜୟକୁମାର କହିଛନ୍ତି। ଗତ ୧୭ ତାରିଖରେ ଏଆଇଏଡିଏମ୍‌କେର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶଶିକଳା ଦଳର ପ୍ରତିଷ୍ଠାତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଏମ୍‌ଜି ରାମଚନ୍ଦ୍ରନ୍‌ଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।



ଜୟକୁମାର କହିଛନ୍ତି, ୨୦୧୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ପରଲୋକ ପରେ ନିର୍ବାଚନ କମିଶନ ଓ ସୁପ୍ରିମକୋର୍ଟ ଓ. ପନ୍ନିରସେଲଭମ୍ ଏବଂ କେ. ପାଲାନିସାମୀଙ୍କ ନେତୃତ୍ୱରେ ପରିଚାଳିତ ଏଆଇଏଡିଏମ୍‌କେକୁ ଦଳୀୟ ଚିହ୍ନ 'ଦୁଇଟି ପତ୍ର' ଦେଇଥିଲେ। ଏହାବାଦ୍ ଶଶିକଳାଙ୍କ ପିଟିଶନକୁ ମଧ୍ୟ ଇସି ଖାରଜ କରିଦେଇଥିଲେ। ଏଆଇଏଡିଏମ୍‌କେର ସଦସ୍ୟା ନ ଥାଇ ବି ସେ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ପାଇଁ ଦଳୀୟ ପତାକାକୁ ବ୍ୟବହାର କରୁଛନ୍ତି ବୋଲି ଜୟକୁମାର ଅଭିଯୋଗ ଆଣିଛନ୍ତି। ଚିନ୍ନାମ୍ମା ନାମରେ ପରିଚିତ ଶଶିକଳା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ। ୨୦୧୮ରେ ଦଳ ତାଙ୍କୁ ବହିଷ୍କାର କରିଥିଲା। ଗତ ଫେବୃୟାରୀରେ ସେ ଜେଲରୁ ମୁକୁଳିବା ପରେ ମାର୍ଚ୍ଚ ୩ରେ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ।

## ଦ୍ୱାଦଶ ପାସ୍ ଝିଅଙ୍କୁ ସ୍ମାର୍ଟଫୋନ୍, ସ୍ନାତକ ଛାତ୍ରୀଙ୍କୁ ସ୍କୁଟି ମିଳିବ



ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ସେଲ୍‌ଫି ନେଉଛନ୍ତି ୟୁପି ପୋଲିସର ମହିଳା କର୍ମଚାରୀ।

### ୟୁପିରେ ପ୍ରିୟଙ୍କାଙ୍କ ନିର୍ବାଚନୀ ପ୍ରତିଶ୍ରୁତି

ଲକ୍ଷ୍ନୌ,୨୧।୧୦

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ନାନା ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। ଏହି କ୍ରମରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୪୦% ମହିଳାଙ୍କୁ ଟିକେଟ ଦେବା ନେଇ ଘୋଷଣା କରିଥିଲେ। ମହିଳା ଭୋଟରଙ୍କ ସମର୍ଥନ ହାତେଇବା ପାଇଁ ସେ ଗୁରୁବାର କହିଛନ୍ତି, ୟୁପିରେ ତାଙ୍କ ଦଳ କ୍ଷମତାକୁ ଆସିଲେ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ଝିଅଙ୍କୁ ସ୍ମାର୍ଟଫୋନ ଏବଂ ସ୍ନାତକ ଛାତ୍ରୀମାନଙ୍କୁ ଇଲେକ୍ଟ୍ରିକ୍ ସ୍କୁଟି ଦିଆଯିବ।

ଟୁଇଟରରେ ପ୍ରିୟଙ୍କା କହିଛନ୍ତି, ସେ ବୁଧବାର କେତେଜଣ ଛାତ୍ରୀଙ୍କୁ ଭେଟିଥିଲେ। ସେମାନେ ନିଜ ପାଠପଢ଼ା ଓ ନିରାପତ୍ତା ପାଇଁ ସ୍ମାର୍ଟଫୋନ ଦରକାର ବୋଲି ତାଙ୍କୁ କହିଥିଲେ। ୟୁପି କଂଗ୍ରେସ ଇସ୍ତାହାର କମିଟିର ସହମତି ନେଇ ଛାତ୍ରୀମାନଙ୍କୁ ସ୍ମାର୍ଟଫୋନ୍ ଓ ଇ-ସ୍କୁଟି ଦେବାକୁ ନିଷ୍ପତ୍ତି ନେଇଥିବା ବିଷୟ ଜାଣି ସେ ଖୁସି। ନିର୍ବାଚନରେ ମହିଳାଙ୍କୁ ୪୦% ଟିକେଟ ଦେବା ନିଷ୍ପତ୍ତି ପରେ ଏହି ଘୋଷଣାକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି କଂଗ୍ରେସ ମୁଖପାତ୍ର ଅଂଶୁ ଅଗ୍ରୱାଲ କହିଛନ୍ତି। ରାଜ୍ୟର ଝିଅମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବାରେ ଏହା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରିୟଙ୍କା ଆଉ ଏକ ଟୁଇଟ୍‌ରେ ଏକ ଫଟୋ ପୋଷ୍ଟ କରିଛନ୍ତି। ପୋଲିସ ହାଜତରେ ଆଗ୍ରାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ପ୍ରିୟଙ୍କା ବୁଧବାର ତାଙ୍କ ଘରକୁ ଯାଉଥିଲେ। ବାଟରେ କେତେଜଣ ମହିଳା ପୋଲିସ କର୍ମଚାରୀ ତାଙ୍କ ସହ ସେଲ୍ଫି ନେଇଥିଲେ। ଏନେଇ ପ୍ରିୟଙ୍କା ଗୁରୁବାର କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉକ୍ତ ଫଟୋକୁ ଦେଖି ବିଚଳିତ ହୋଇଯାଇଛନ୍ତି। ଯଦି ଏହା ଏକ ଅପରାଧ ତେବେ ଯୋଗୀ ସେମାନଙ୍କ ପରିବର୍ତ୍ତେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

## ୯୫% ଭାରତୀୟଙ୍କୁ ପେଟ୍ରୋଲ ଲୋଡ଼ାନାହିଁ

### ତେଲ ଦର ବୃଦ୍ଧିକୁ ନେଇ ୟୁପି ମନ୍ତ୍ରୀଙ୍କ ପ୍ରତିକ୍ରିୟା

ଜଲାଉନ,୨୧।୧୦

ଭାରତର ୯୫% ଲୋକଙ୍କୁ ପେଟ୍ରୋଲ ଲୋଡ଼ା ନାହିଁ। କେବଳ ହାତଗଣତି ଲୋକ ଚାରିଚକିଆ ବ୍ୟବହାର କରନ୍ତି ବୋଲି ଉତ୍ତର ପ୍ରଦେଶର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଉପେନ୍ଦ୍ର ତିୱାରୀ କହିଛନ୍ତି।

ମହାମାରୀ ଯୋଗୁ ଆର୍ଥିକ ଦୁରବସ୍ଥାରେ ଥିବା ଲୋକଙ୍କ ପକେଟରେ ନିଆଁ ଲଗାଇବା ସହ ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧିର କାରଣ ହୋଇଛି। ଗୁରୁବାର ତେଲ ଦର ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଜଲାଉନରେ ଗୁରୁବାର ରାଷ୍ଟ୍ରମନ୍ତ୍ରୀ ଉପେନ୍ଦ୍ରଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ତେଲ ଦର ବୃଦ୍ଧି ଉପରେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସେ କହିଥିଲେ, ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ୨୦୧୪ ପୂର୍ବର ଓ ବର୍ତ୍ତମାନର ତଥ୍ୟକୁ ତୁଳନା କଲେ ଜଣାପଡୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନରେ ମୁଣ୍ଡପିଛା ଆୟ ଦ୍ୱିଗୁଣିତ ହୋଇଛି। ପେଟ୍ରୋଲ ଓ ଡିଜେଲ ଦରକୁ ନେଇ ବିଚାର କଲେ ହାତଗଣତି ଅଳ୍ପ କେତେଜଣ ଲୋକ ଚାରିଚକିଆ ଯାନ ପାଇଁ ପେଟ୍ରୋଲ



ଉପେନ୍ଦ୍ର ତିୱାରୀ

ଆବଶ୍ୟକ କରୁଥିବା ଜଣାଯାଏ। ବର୍ତ୍ତମାନ ଦେଶର ୯୫% ଲୋକ ସେମାନଙ୍କୁ ପେଟ୍ରୋଲ ଦରକାର ନାହିଁ ବୋଲି କହୁଛନ୍ତି। ୟୁପି ରାଜଧାନୀ ଲକ୍ଷ୍ନୌରେ ଲୋକେ ପେଟ୍ରୋଲ ଲିଟର ପାଇଁ ୧୦୩.୧୮ ଟଙ୍କା ଦେଉଛନ୍ତି। କିନ୍ତୁ ମେଟ୍ରୋ ସିଟିଗୁଡ଼ିକରେ ଏହାର ମୂଲ୍ୟ ଆହୁରି ଅଧିକ ରହିଛି। ସରକାର ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣା କରୋନା ଭାକ୍ସିନ ଦେଲେଣି। ଘର ଘର ବୁଲି ଔଷଧ ବଣ୍ଟନ ଚାଲିଛି ବୋଲି ମନ୍ତ୍ରୀ ତିୱାରୀ କହିଥିଲେ। ଏହା ପୂର୍ବରୁ ଚଳିତ ମାସରେ କେନ୍ଦ୍ରର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ମଧ୍ୟ କରୋନା ଟିକା ପାଇଁ ତେଲ ଦର ବୃଦ୍ଧିକୁ ଦାୟୀ କରିଥିଲେ।

# ଚିଲିକା ବିଧାୟକ ପ୍ରଶାନ୍ତଙ୍କୁ ଜାମିନ

କଟକ ଅଫିସ,୨୧।୧୦

ବାଲୁଗାଁ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ମାଡ଼ମାରିବା ସହ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ଗିରଫ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗୁରୁବାର ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଆବେଦନକାରୀ ଜାମିନ ଥିବା ସମୟରେ କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ ଏବଂ ତଦନ୍ତରେ ସହଯୋଗ କରିବେ। ଜାମିନ ସମ୍ପର୍କିତ କାଗଜାଦ ଦାଖଲ ବେଳେ ତଳକୋର୍ଟ ଅନ୍ୟାନ୍ୟ ସର୍ତ୍ତ ରଖିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବାଲୁଗାଁ ଥାନାରେ ମାମଲା ରୁଜୁ ହେବାପରେ ନିଜର ଗିରଫଦାରିକୁ ଏଡ଼ାଇବା ପାଇଁ ପ୍ରଶାନ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହେଲେ ଉଚ୍ଚ ଅଦାଲତ ତାହାକୁ ଖାରଜ କରିବା ସହ ତଳ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିବାକୁ କହିଥିଲେ। ସେହି ଅନୁସାରେ ପ୍ରଶାନ୍ତ ଗତ ୮ତାରିଖରେ ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିଥିଲେ। ହେଲେ ଏଡିଜେ-୧ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ପ୍ରଶାନ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଜେଲ୍ ଯିବାର କିଛି ସମୟ ପରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅଦ୍ୟାବଧି ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କୁ ଜାମିନ ପ୍ରଦାନ କରିବାକୁ ଗତ ୧୧ତାରିଖରେ ସେ ହାଇକୋର୍ଟରେ ପୁଣିଥରେ ଆବେଦନ କରିଥିଲେ।

ପ୍ରକାଶ ଯେ, ଗତ ସେପ୍ଟେମ୍ବର ୮ରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ବିଧାୟକ ପ୍ରଶାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେବାର ଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ଘଟିବାରୁ ମଣ୍ଡଳ ଭାଜପା ସଭାପତି ସେଠୀ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଏହି ସମୟରେ ବିଧାୟକ ସେଠାରେ ପହଞ୍ଚି ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ସେଠୀ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ସେହିଦିନ ପ୍ରଶାନ୍ତଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା ।

# ଆଦିବାସୀବର୍ଗ ନେତାଙ୍କୁ ଅପମାନ କରୁଛନ୍ତି ସରକାର: ଭାଜପା

## ଏସ୍‌ଟି କମିଶନ, ପୋଲିସ ମହାନିର୍ଦ୍ଦେଶକଙ୍କୁ ଭାଜପାର ଦାବିପତ୍ର

ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ, ୨୧।୧୦

ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ତଥା ସାଂସ୍କୃତିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ସମ୍ବିଧାନରେ ଅନେକ ବ୍ୟବସ୍ଥା ରହିଛି । ଅନ୍ୟପଟେ ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତି ଯୋଗୁ ରାଜ୍ୟରେ ବସବାସ କରୁଥିବା ଆଦିବାସୀମାନେ ସେମାନଙ୍କ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇବା ସହିତ ସେମାନେ ହିଂସା ଓ ଦ୍ୱେଷର ଶିକାର ହେଉଛନ୍ତି। ଆଦିବାସୀଙ୍କ ସ୍ୱାର୍ଥ ପାଇଁ ମୁହଁ ଖୋଲିଲେ ସରକାରୀ ବାବୁ ଏବଂ କର୍ମଚାରୀଙ୍କ ଜରିଆରେ ରାଜ୍ୟ ସରକାର ଆଦିବାସୀ ବର୍ଗ ପାଇଁ ପ୍ରତିନିଧିତ୍ୱ କରୁଥିବା ଜନପ୍ରତିନିଧିଙ୍କୁ ଅପମାନ କରୁଥିବା ଭାଜପା ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଆଜି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ଏସ୍‌ଟି କମିଶନଙ୍କ ପ୍ରତିନିଧି ଏବଂ ପରେ କଟକ ଯାଇ



କେନ୍ଦୁଝର ବିଧାୟକ ମୋହନ ଚରଣ ମାଝିଙ୍କ ଗାଡ଼ି ଉପରକୁ ହୋଇଥିବା ବୋମାମାଡ଼ ଘଟଣାର ତଦନ୍ତର ଶିଥିଳତା ଦେଖାଦେଇଥିବା ଅଭିଯୋଗ କରି ଡିଜିପିଙ୍କୁ ସ୍ମାରକପତ୍ର ଦେଉଛନ୍ତି ଭାଜପା ବିଧାୟକ ଓ ପ୍ରତିନିଧି ମଣ୍ଡଳୀ।

ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପା ଅଭିଯୋଗ କରିଛି, ଆଦିବାସୀବର୍ଗକୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଅପମାନ ଏବଂ ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଶାସକ ବିଜେଡିର ଅସହିଷ୍ଣୁତା ଏବଂ ରାଜନୈତିକ ହିଂସାପରାୟଣ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି। ରାଜ୍ୟରେ ବସବାସ କରୁଥିବା ଆଦିବାସୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ପ୍ରଚୁର ମାତ୍ରାରେ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଆସୁଛି । ସେ ସମସ୍ତ ଅର୍ଥକୁ ସରକାରୀ ବାବୁଙ୍କ ଜରିଆରେ ଶାସକ ବିଜେଡି ମନ୍ତ୍ରୀ, ବିଧାୟକମାନେ ହଡପ୍ କରି ଆଦିବାସୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍‌ରୁ ବଞ୍ଚିତ ରଖାଯାଉଛି।

ଧରିତ୍ରୀ
DHARITRI
ଶୁକ୍ରବାର, ଅକ୍ଟୋବର ୨୨/୨୦୨୧ | Friday, October 22/2021 | ପୃଷ୍ଠା-୧



**୩୦୦ ଚରିତ୍ରରେ ଆସିଫ୍‌ଙ୍କ ରେକର୍ଡ**

କମେଡି ଧାରାବାହିକ 'ଭାବିଜୀ ଘର ପର ହୈଁ'ରେ ବିଭୂତି ମିଶ୍ରା ସାଜିଥିବା ଅଭିନେତା ଆସିଫ ଶେଖ୍ ୩୦୦ରୁ ଉର୍ଦ୍ଧ୍ୱ ଚରିତ୍ରରେ ଅଭିନୟ କରି ୱାର୍ଲଡ ବୁକ୍ ଅଫ୍ ରେକର୍ଡସ୍‌ରେ ସାମିଲ ହୋଇଛନ୍ତି।

୦୫

୦୬

**ଶକିବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଅଲରାଉଣ୍ଡ ପ୍ରଦର୍ଶନ ସହ ବାଂଲାଦେଶକୁ ସୁପର-୧୨ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି ଶକିବ ଅଲ୍ ହସନ।



# ସ୍ଲରି ପାଇପ୍ ଲାଇନ୍ ପାଇଁ ଜଳକର

*ସ୍ଲରି ପାଇପ୍ ଲାଇନ୍‌ରେ ଖଣିଜ ପଦାର୍ଥ ପରିବହନ ଯୋଗୁ କମ୍ପାନୀଗୁଡ଼ିକ ଦ୍ୱାରା ବିପୁଳ ପରିମାଣର ଜଳ ନଷ୍ଟ ହେଉଛି। କେବଳ ସେତିକି ନୁହେଁ, କାରଖାନାରୁ ଉକ୍ତ ଜଳ ପ୍ରଦୂଷିତ ହୋଇ ଅନ୍ୟ ଜଳ ଉତ୍ସରେ ମିଶୁଛି। ଏହାର ନିରାକରଣ ଦିଗରେ କମ୍ପାନୀଗୁଡ଼ିକ ଆନ୍ତରିକତା ଦେଖାଉ ନାହାନ୍ତି। ଏନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଉଥିବାବେଳେ ରାଜ୍ୟ ସରକାର କମ୍ପାନୀଗୁଡ଼ିକଠାରୁ ସ୍ଲରି ପାଇପ୍ ଲାଇନ୍‌ରେ ଖଣିଜ ପଦାର୍ଥ ପରିବହନ ପାଇଁ ଜଳକର ଆଦାୟ କରିବାକୁ ନିଷ୍ପତ୍ତି ନେଇଛନ୍ତି।*

**ଯାଜପୁର ଅଫିସ,୨୧।୧୦**

ସ୍ଲରି ପାଇପ୍ ଲାଇନ୍‌ରେ ଖଣିଜ ପଦାର୍ଥ ପରିବହନ କରୁଥିବା କମ୍ପାନୀଗୁଡ଼ିକ ଉପରେ ଜଳକର କେତେ ନିର୍ଦ୍ଧାରଣ ହେବ ସେନେଇ ପ୍ରସ୍ତାବ ଦେବାକୁ ଶିଳ୍ପ ବିଭାଗ ସମେତ ଷ୍ଟିଲ ଓ ଖଣି ବିଭାଗର ଅତିରିକ୍ତ ସଚିବଙ୍କୁ ରାଜ୍ୟ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଏସ୍.କେ. ପଣ୍ଡା ନିର୍ଦ୍ଦେଶ ଜାରି କରିଛନ୍ତି। ସଚିବ ପଣ୍ଡା ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି, ୧୩।୯।୨୦୨୧ରେ ଅନୁଷ୍ଠିତ ବୈଠକରେ ସ୍ଲରିପାଇପ୍ ଲାଇନ୍‌ରେ ଖଣିଜ ପଦାର୍ଥ ପରିବହନ ସଂକ୍ରାନ୍ତରେ ଏକ ଗାଇଡ୍ ଲାଇନ ପ୍ରସ୍ତୁତ ହୋଇଥିଲା। ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଜଳକର ପରିମାଣ ନିର୍ଦ୍ଧାରଣ ହେବ। ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ବୈଠକରେ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଗତ ବୈଠକରେ ଖଣି ଖାଦାନଠାରୁ ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ଦ୍ୱିତୀୟ ସ୍ଲରି ପାଇପ୍ ଲାଇନ୍ ବିଛାଯିବ ଏବଂ ଏଥିରେ ଖଣିଜ ପଦାର୍ଥ ଅଲଗା କରିବା ପରେ ପାଣିକୁ ଫେରାଇ ଅଣାଯିବ ବୋଲି ନିଷ୍ପତ୍ତି ହୋଇଛି।

ସହଜ ଏବଂ କମ୍ ଖର୍ଚ୍ଚରେ ଖଣିଜ ପଦାର୍ଥ ପରିବହନ କରିବାକୁ ଶିଳ୍ପ କମ୍ପାନୀଗୁଡ଼ିକ ଏବେ ସ୍ଲରିପାଇପ୍ ଲାଇନ ବିଛାଇବାକୁ ଲମ୍ଫାଧାଡ଼ିରେ ରହିଛନ୍ତି। ଜଳସମ୍ପଦ ବିଭାଗର ତଥ୍ୟ ଅନୁଯାୟୀ ସ୍ଲରିପାଇପ୍ ଲାଇନରେ ରାସ୍ତା



ପରିବହନଠାରୁ ୮୦ ପ୍ରତିଶତ ଏବଂ ରେଳ ପରିବହନଠାରୁ ୫୦ ପ୍ରତିଶତ କମ୍ ଖର୍ଚ୍ଚ ହେଉଛି। ଏହାସହ ସ୍ୱଚ୍ଛ ପରିବେଶ ଏବଂ ଟ୍ରାଫିକ ସମସ୍ୟା ରହୁ ନାହିଁ। ୯।୧୦।୨୦୨୦ରେ ୯୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍‌ଡବ୍ଲୁସିଏ) ବୈଠକରେ ଏନେଇ ସବିଶେଷ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସ୍ଲରି ପାଇପ୍‌ଲାଇନରେ ବ୍ୟବହାର ହେଉଥିବା ଜଳ ଉପରେ ରାଜସ୍ୱ ଆଦାୟ କରିବାକୁ ନୀତି ନିର୍ଦ୍ଧାରଣ ପାଇଁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା। ଏହାସହ ଜଳସମ୍ପଦ ବିଭାଗ, ଶିଳ୍ପ ବିଭାଗର ଇପିକଲ ଓ ଇଡ୍‌କୋ ଏବଂ ପୂର୍ତ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ଆନ୍ତଃବିଭାଗ କମିଟି ଗଠନ ହୋଇଥିଲା। ଏହି କମିଟି ଜରିଆରେ ସ୍ଲରି ପାଇପ୍‌ଲାଇନ ପ୍ରକଳ୍ପଗୁଡ଼ିକୁ ଜଳ ବଣ୍ଟନ କରିବାକୁ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ଏଥିରେ ଓଡ଼ିଶା ଇରିଗେଶନ ଆକ୍ଟ ୧୯୫୯, ଓଡ଼ିଶା ଇରିଗେଶନ ରୁଲସ୍ ୧୯୬୧ ଏବଂ ଷ୍ଟେଟ ୱାଟର ପଲିସି ଅନୁସାରେ ପାଣି ବ୍ୟବହାର ହେବ। ସ୍ଲରିପାଇପ୍ ଲାଇନ ପ୍ରକଳ୍ପକୁ ମଞ୍ଜୁର କରିବା ପୂର୍ବରୁ ନଦୀନାଳ ଉତ୍ସର ଜଳ ପରିମାଣକୁ ଅବଲୋକନ କରାଯିବ। ସମ୍ପୃକ୍ତ କମ୍ପାନୀ ଜଳଭଣ୍ଡାର ନିର୍ମାଣ ଏବଂ ଇନ୍-ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର (ଆଇଏସ୍ଏସ୍)କୁ ପ୍ରୋତ୍ସାହନ କରିବ। ସ୍ଲରି ପାଇପ୍ ଲାଇନର ଜଳକୁ ବିଶୋଧନ କରି ପୁନଃ ବ୍ୟବହାର କରିବ। ସ୍ଲରି ପାଇପ୍ ଲାଇନଠାରୁ ଖଣିଜ ପଦାର୍ଥ ଅଲଗା କରିବା ପରେ ପାଣିକୁ ଫେରାଇବାକୁ ଦ୍ୱିତୀୟ ପାଇପ୍ ଲାଇନ୍ ବିଛାଇବା ଆଦି ବ୍ୟବସ୍ଥା କରିବାକୁ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ତେବେ ଏଥିଯୋଗୁ କର୍ମନିଯୁକ୍ତି ହ୍ରାସ ପାଇବା ସହ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବେ ବୋଲି ରାଜ୍ୟ ଜଳ ସମ୍ପଦ ବିଭାଗ ଓ ଇପିକଲ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଥିଲା। ଏସାର ମିନମେଣ୍ଟ ଲିମିଟେଡ୍ କେନ୍ଦୁଝର ଓ ପାରାଦୀପଠାରେ ବାର୍ଷିକ ୧୪ ମେଟ୍ରିକ୍ ☞ପୃଷ୍ଠା-୨



ଆର୍ଥର ରୋଡ୍ ଜେଲରେ ପୁଅ ଆର୍ଯ୍ୟନ୍ ଖାନଙ୍କୁ ଭେଟିବା ପାଇଁ ଆସିଥିବା ଶାହରୁଖ ଖାନ।

## ଜେଲରେ ପୁଅକୁ ଦେଖାକଲେ ଶାହରୁଖ

**ମୁମ୍ବାଇ, ୨୧।୧୦**

କ୍ରୁଜ୍ ଜାହାଜ ଡ୍ରଗ୍ସ ପାର୍ଟି ମାମଲାରେ ଅଭିନେତା ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୬ ତାରିଖରେ ହେବ ବୋଲି ବମ୍ବେ ହାଇକୋର୍ଟ ଗୁରୁବାର କହିଛନ୍ତି। ବୁଧବାର ସ୍ୱତନ୍ତ୍ର ଏନ୍‌ଡିପିଏସ୍ ଅଦାଲତ ଆର୍ଯ୍ୟନଙ୍କ ଜାମିନ ଖାରଜ କରିଦେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ଆର୍ଯ୍ୟନ, ଅର୍ବାଜ ମର୍ଚ୍ଚାଣ୍ଟଙ୍କ ସମେତ ମାମଲାରେ ଗିରଫ ହୋଇଥିବା ଆଉ ୬ ଜଣଙ୍କ ବିଚାର ବିଭାଗୀୟ ହାଜତରେ ରହିବା ଅବଧିକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଆର୍ଯ୍ୟନଙ୍କ ଓକିଲ ସତୀଶ ମନିସିନ୍ଦେ ଜଷ୍ଟିସ୍ ଏନ୍ ଡବ୍ଲ୍ୟୁ ସାମ୍ବ୍ରେଙ୍କ ନିକଟରେ ଜାମିନ ଆବେଦନର ତ୍ୱରିତ ଶୁଣାଣି ପାଇଁ ☞ପୃଷ୍ଠା-୨

### ଅନନ୍ୟାଙ୍କୁ ୨ ଘଣ୍ଟା ଜେରା




**ମୁମ୍ବାଇ, ୨୧।୧୦**

ମୁମ୍ବାଇ ଉପକୂଳରେ ଡ୍ରଗ୍ସ ପାର୍ଟି ମାମଲାରେ ଲିଙ୍କ୍ ଥିବା ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଗୁରୁବାର ଅଭିନେତା ଚଙ୍କି ପାଣ୍ଡେ ଓ ଝିଅ ଅନନ୍ୟା ପାଣ୍ଡେଙ୍କ ଘରେ ଚଢ଼ାଉ କରିଛି। ଏନ୍‌ସିବି ଅନନ୍ୟାଙ୍କ ମୋବାଇଲ ଏବଂ ଲାପ୍‌ଟପ୍ ଜବତ କରିବା ସହ ଅପରାହ୍ନ ୨ଟାରେ ☞ପୃଷ୍ଠା-୨

## ଗୁଣିଗାରେଡ଼ି ସନ୍ଦେହ: ଦମ୍ପତିଙ୍କୁ ହତ୍ୟା

**ସୁନ୍ଦରଗଡ଼, ୨୧।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅନ୍ତର୍ଗତ ଭଦ୍ରାଟୋଲିରେ ବୁଧବାର ରାତିରେ ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧ ଦମ୍ପତିଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଛି। ମୃତକ ହେଲେ ଲୋହିଆ ପାତୁଓ୍ୱାର (୬୫) ଓ ତାଙ୍କ ସ୍ତ୍ରୀ ଲୋଧି (୬୦)। ଖବରପାଇ ରାଏବଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ପଠାଇଛି। ଗୁରୁବାର ସୁନ୍ଦରଗଡ଼ରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୮୫/୨୦୨୧) ରୁଜୁ ହୋଇଛି। ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାଏବଗା ଥାନା ଆଇଆଇସି ଅର୍ପିତା ସାହୁ ଏହି ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।



**ଖୋଲିଲା ଏକାଦଶ ଶ୍ରେଣୀ:** ଦୀର୍ଘଦିନ ପରେ ଗୁରୁବାରଠାରୁ ଏକାଦଶ ଶ୍ରେଣୀ ଖୋଲିବା ପରେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ଛାତ୍ରୀଛାତ୍ରମାନେ କ୍ଲାସ୍‌ରୁମ୍‌କୁ ଯାଉଛନ୍ତି।

## ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଗିରଫ

**ବଲାଙ୍ଗୀର ଅଫିସ, ୨୧।୧୦**

**ସ୍କୁଲ୍ ଅଧକ୍ଷା ମମିତା ହତ୍ୟା ଘଟଣା**



ରାଧେଶ୍ୟାମ ଚଣ୍ଡୀ

**ଜେସିବି ଡ୍ରାଇଭର ପୁଷ୍କର ଏବଂ ମୁନ୍‌ସି ଗୁପ୍ତେଶ୍ୱର ରାଜସାକ୍ଷୀ**



କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ୍ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ବଲାଙ୍ଗୀର ପୋଲିସ ଗୁରୁବାର ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କ ବିଶ୍ୱସ୍ତ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ। ଦୁଇଦିନ ତଳେ ତାଙ୍କୁ ପୋଲିସ ମହାଲିଙ୍ଗ ଗ୍ରାମରୁ ଉଠାଇ ଆଣି ପଚରାଉଚରା କରୁଥିଲା। ମମିତାଙ୍କ ହତ୍ୟା ପରେ ମୃତଦେହ ପୋଡ଼ିବା ଏବଂ ପୋତିବାରେ ସେ ଗୋବିନ୍ଦଙ୍କୁ ସହାୟତା କରିଥିବା ପୋଲିସ ଜାଣିବାକୁ ପାଇଛି। ରାଧେଶ୍ୟାମଙ୍କୁ ଗିରଫ ପରେ ପୋଲିସ ବଙ୍ଗୋମୁଣ୍ଡା ଜେଏମ୍ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ସେହିପରି ପୂର୍ବରୁ ଅଟକ ଥିବା ଜେସିବି ଡ୍ରାଇଭର ପୁଷ୍କର ଭୋଇ ଏବଂ ମୁନ୍‌ସି ଗୁପ୍ତେଶ୍ୱର ତାଣ୍ଡିଙ୍କୁ ପୋଲିସ ରାଜ ସାକ୍ଷୀ କରିଛି।

ଅପରପକ୍ଷରେ ବୁଧବାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କୁ ପୋଲିସ ୫ଦିନିଆ ରିମାଣ୍ଡରେ ଆଣିବା ପରେ ଏସ୍‌ପି ଅଫିସରେ ମାରାଥନ୍ ଜେରା କରାଯାଇଥିଲା। ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଓ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଜେରା କରିଥିଲେ। ଜେରା ବେଳେ ମମିତା ହତ୍ୟାକାଣ୍ଡର ସବୁ ତଥ୍ୟ ଗୋବିନ୍ଦ ପୋଲିସ ନିକଟରେ ପ୍ରକାଶ କରିଥିବା ଜଣାପଡ଼ିଛି। କେଉଁ କାରଣରୁ ମମିତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ, ଏହାକୁ କିଭଳି ବାସ୍ତବତାର ରୂପ ଦେଇଥିଲେ ସବୁ କଥାକୁ ଗୋବିନ୍ଦ ଖୋଲି କହିଛନ୍ତି। ଏଭଳିକି ଏଥିରେ ତାଙ୍କୁ କିଏ ସହାୟତା କରିଥିଲେ ତାହା ମଧ୍ୟ କହିଥିଲେ। କଲେଜର ଜଣେ ଛାତ୍ରୀଙ୍କ ସହ ଗୋବିନ୍ଦଙ୍କ ଅନୈତିକ ସମ୍ପର୍କ ରହିଥିଲା ଓ ଏହି କଥାକୁ ମମିତା ଜାଣିଥିଲେ। ଗୋବିନ୍ଦ ଓ ଉକ୍ତ ଛାତ୍ରୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ବିଷୟରେ ଜାଣିବା ପରେ ମମିତା ଏହାକୁ ନେଇ ଆପତ୍ତି ଉଠାଇଥିଲେ। ତୁରନ୍ତ ଏଭଳି କାର୍ଯ୍ୟ ବନ୍ଦ କରିବାକୁ ଗୋବିନ୍ଦଙ୍କୁ କହିଥିଲେ। ଜଣେ ଛାତ୍ରୀଙ୍କ ଭବିଷ୍ୟତକୁ ସେ କେବେ ନଷ୍ଟ ହେବାକୁ ଦେବେ ନାହିଁ ବୋଲି କହିଥିଲେ। ଏଭଳି କାଣ୍ଡରୁ ନ ଓହରିଲେ ସେ ପ୍ରଘଟ କରିଦେବେ ବୋଲି ଚେତାବନୀ ଦେଇଥିଲେ। ଏହି ଘଟଣା ପରଠାରୁ ମମିତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ସଫା କରିବାକୁ ଗୋବିନ୍ଦ ଯୋଜନା ପ୍ରସ୍ତୁତ କରିବାରେ ଲାଗିଥିଲେ। ତେବେ କୋଭିଡ ମହାମାରୀ ଯୋଗୁ ସ୍କୁଲ ବନ୍ଦ ହୋଇଯିବାରୁ ମମିତା ନିଜ ଗାଁ ଝରଣୀକୁ ଚାଲି ଆସିଥିଲେ। ଗୋବିନ୍ଦ ଯୋଜନାବଦ୍ଧ ଭାବେ ସ୍କୁଲ୍‌ରେ ମିଟିଂ ଅଛି ବୋଲି କହି ମମିତାଙ୍କୁ ଡାକିଥିଲେ। ଏଥିରେ ବିଶ୍ୱାସ କରି ମମିତା ଗତ ୮ ତାରିଖ ସକାଳେ ନିଜ ଗାଁରୁ ମହାଲିଙ୍ଗ ଅଭିମୁଖେ ବସ୍‌ରେ ଯାଇଥିଲେ। ହେଲେ ଅଧାବାଟ ଚାନ୍ଦୋତରାରୁ ଗୋବିନ୍ଦ ତାଙ୍କୁ କାରରେ ବସାଇ ନେଇଥିଲେ। ମମିତା ଯେପରି କିଛି ସନ୍ଦେହ କରିପାରିବେନି ସେଥିପାଇଁ ମହାଲିଙ୍ଗ ଗାଁକୁ ନ ଯାଇ ଭବାନୀପାଟଣା ନେଇଯାଇଥିଲେ। ସେଠାରେ ମମିତାଙ୍କୁ ବିଭିନ୍ନ ଦୋକାନକୁ ନେଇ ବିଭିନ୍ନ ଜିନିଷପତ୍ର କିଣି ଦେଇଥିଲେ। ସେଠାରୁ ଫେରିବା ବାଟରେ ବୋର୍ଡାଛକ ନିକଟ ଏକ ନିଛାଟିଆ ସ୍ଥାନରେ କାର ଭିତରେ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ କାର ଭିତରେ ମହାଲିଙ୍ଗ ଗାଁସ୍ଥିତ ତାଙ୍କ ଘର ପଛପଟ ଗେଟ୍‌କୁ ନେଇଯାଇଥିଲେ। ବାଟରୁ ସହଯୋଗୀ ରାଧେଶ୍ୟାମଙ୍କୁ ଘରପଛ ପଟ ଗେଟ୍ ଖୋଲିଦେବାକୁ କହିଥିଲେ। ଏହି ଗେଟ୍‌ରେ ଗୋବିନ୍ଦ ନିଜର ଜେସିବି ମେଶିନ୍, ଟ୍ରାକ୍ଟର ରଖିଥାନ୍ତି। ସେଠାରେ କାରକୁ ରଖିଥିବାବେଳେ ତା' ଭିତରେ ମମିତାଙ୍କ ମୃତଦେହ ରହିଥିଲା। ☞ପୃଷ୍ଠା-୨

# ତୈଳ ଦର: ଆଶ୍ୱସ୍ତି ଆଶା କମ୍

*ଆମେରିକା, ଚାଇନା ସମେତ କେତେକ ଦେଶରେ ତୈଳଦର ହ୍ରାସ ପାଇଥିବାବେଳେ ଭାରତରେ ବଢ଼ିଚାଲିଛି। ଅଶୋଧିତ ତୈଳ ଦର ଅତି ମାତ୍ରାରେ ବଢ଼ିବା ଏବଂ ଭାରତରେ ଟିକସ ହ୍ରାସ ନ ହେବା ଯୋଗୁ ତୈଳଦର ଖସୁନାହିଁ। ଏହାର ପ୍ରଭାବରେ ସବୁକ୍ଷେତ୍ରରେ ଘଟିଥିବା ମୂଲ୍ୟବୃଦ୍ଧିରେ ସାଧାରଣ ଲୋକ ଦୁର୍ଦ୍ଦଶା ଭୋଗୁଛନ୍ତି। କିନ୍ତୁ ଆଗାମୀ ଦିନରେ ମୂଲ୍ୟବୃଦ୍ଧିରୁ ଆଶ୍ୱସ୍ତି ମିଳିବ ନାହିଁ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି।*

**୧୦୦** ଡଲାର ଛୁଇଁବ ଅଶୋଧିତ ତେଲ

■ ପେଟ୍ରୋଲ, ଡିଜେଲ ଦର ଆହୁରି ୧୦ ଟଙ୍କା ବଢ଼ିପାରେ

**ବିଗତ ବର୍ଷଗୁଡ଼ିକରେ ଅଶୋଧିତ ତେଲ ଦର**

| | | |
|---|---|---|
| ୨୦୧୪ ଏପ୍ରିଲ | - | ୧୦୫.୫୬ ଡଲାର |
| ୨୦୧୬ ଜାନୁୟାରୀ | - | ୨୮.୦୮ ଡଲାର |
| ୨୦୧୮ ଅକ୍ଟୋବର | - | ୮୦.୦୮ ଡଲାର |
| ୨୦୨୦ ଏପ୍ରିଲ | - | ୧୯.୯୦ ଡଲାର |
| ୨୦୨୧ ଅକ୍ଟୋବର | - | ୮୫.୦୦ ଡଲାର |

* ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ରିପୋର୍ଟ

**ନୂଆଦିଲ୍ଲୀ,୨୧।୧୦**

କରୋନା କାଳରେ ପେଟ୍ରୋଲ ଏବଂ ଡିଜେଲର ଲଗାତର ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। ଗତ ଗୋଟିଏ ବର୍ଷରେ ପେଟ୍ରୋଲ ୨୮ ଟଙ୍କା ଏବଂ ଡିଜେଲ ୨୬ ଟଙ୍କା ବଢ଼ିବାକୁ ନେଇ ଖାଉଟି ଅତିଷ୍ଠ ହୋଇ ପଡ଼ିଲେଣି। ଦର କମାଇବା ଲାଗି ଲୋକମାନେ ବାରମ୍ବାର ସରକାରଙ୍କୁ ନିବେଦନ କରୁଛନ୍ତି। ଏମିତିକି କେରଳ ହାଇକୋର୍ଟ ମଧ୍ୟ ଜିଏସ୍‌ଟି ପରିଷଦକୁ ଏ ନେଇ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ମଧ୍ୟ ଏହାର ସୁଫଳ ମିଳିପାରିନାହିଁ। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ତେଲକୁ ନେଇ ସହମତି ପ୍ରକାଶ ପାଇ ନ ଥିବାରୁ ସାଧାରଣ ଜନତା ତେଲ ତାତିରେ ତଉଲି ହେଉଛନ୍ତି। ଏଭଳି ସ୍ଥଳେ ତେଲ ଦର ବୃଦ୍ଧିରୁ ଆଶ୍ୱସ୍ତି ପାଇବା ନେଇ ଆଶା କ୍ଷୀଣ ବୋଲି ବଜାର ବିଶେଷଜ୍ଞ କହୁଛନ୍ତି। କାରଣ ଅଶୋଧିତ ତେଲ ଦର ଏବେ କମିବାର ଦେଖାଯାଉନାହିଁ। ଭାରତ ଏହାର ତେଲ ଆବଶ୍ୟକତାର ପ୍ରାୟ ୮୫% ବିଦେଶରୁ ଆମଦାନୀ କରୁଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ☞ପୃଷ୍ଠା-୨

## ପେଟ୍ରୋଲ ୩୫, ଡିଜେଲ ୩୯ ପଇସା ବଢ଼ିଲା

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୧।୧୦**



କ୍ରମାଗତ ଦ୍ୱିତୀୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଫଳରେ ସାରା ଦେଶରେ ତୈଳ ଦର ସର୍ବକାଳୀନ ରେକର୍ଡ କରିଚାଲିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ(ଆଇଓସିଏଲ୍)ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ଡିଜେଲ ୩୯ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୩.୯୨ ଟଙ୍କା ଏବଂ ପେଟ୍ରୋଲ ୧୦୭.୪୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୪.୨୬ ଟଙ୍କା ଓ ପେଟ୍ରୋଲ ୧୦୭.୮୩ ଟଙ୍କାରେ ପହଞ୍ଚିଛି। ☞ପୃଷ୍ଠା-୨

## କେଗାଁ ଆଇଆଇସି ନିଲମ୍ବିତ

**ଭବାନୀପାଟଣା, ୨୧।୧୦(ସ୍ୱ.ପ୍ର.)**



ଆଇଆଇସି ଡମ୍ବୁ ପରଜା

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ୍ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଦାୟିତ୍ୱରେ ଅବହେଳା ଦର୍ଶାଇ କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ୍ ଏମ୍ ଗୁରୁବାର କେଗାଁ ଥାନା ଆଇଆଇସି ଡମ୍ବୁ ପରଜାଙ୍କୁ ନିଲମ୍ବିତ କରିଛନ୍ତି। ଗତ ୮ତାରିଖରେ ମମିତା ନିଜ ଗାଁ ବଲାଙ୍ଗୀର ଜିଲା ତୁରେକେଲା ଅନ୍ତର୍ଗତ ଝରିଗାଁରୁ ମହାଲିଙ୍ଗ ଅଭିମୁଖେ ଆସିଥିଲେ। ହେଲେ ଏହାର କିଛି ଘଣ୍ଟା ପରେ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ଏହା ଜଣାପଡ଼ିବା ପରେ ପରିବାର ଓ ସମ୍ପର୍କୀୟଙ୍କ ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲା। ଏପରି କି ମମିତାଙ୍କୁ ମହାଲିଙ୍ଗସ୍ଥିତି ସ୍କୁଲ୍ ମିଟିଂରେ ଯୋଗଦେବାକୁ କହି ଡାକିଥିବା ବିଦ୍ୟାଳୟ ପରିଚାଳନା ସଭାପତି ଗୋବିନ୍ଦ ସାହୁଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିଲା। ହେଲେ କୌଣସି ସୂଚନା ନ ମିଳିବାରୁ ମମିତାଙ୍କ ପରିବାର ଲୋକ କେଗାଁ ଥାନାରେ ଝିଅ ଅପହରଣ ନେଇ ୧୧ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଥାନା ଅଧିକାରୀ ପରିଜା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଚାଇନାର ଆହ୍ୱାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ପହଁରଇ ବାଳିଆ,
ପାଚିଲା ବାଳରେ ପୁଅ ହେଇଛି;
ନାଆଁ ଦେଲା ଗୋପାଳିଆ।।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପୁତ୍ର ସନ୍ତାନ ଲାଭ ନିମନ୍ତେ ଅନେକେ ନାନା ଓଷା, ବାର ବ୍ରତ ରଖିବା ସହ ଈଶ୍ୱରଙ୍କଠାରେ ମାନସିକ ରଖିଥାନ୍ତି। ଈଶ୍ୱରଙ୍କ କୃପାରୁ ବୃଦ୍ଧାବସ୍ଥାରେ ପୁତ୍ର ସନ୍ତାନ ପାଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନ ଦେଖିଲେ ଝୁରୁଥାଏ,
ଦେଖିଲେ କଥା ନ କହେ।**

ଉପର ଠାଉରିଆ ଭଲପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧାଭାବ ଦେଖେଇ ହୁଅନ୍ତି। ଆଖି ଛଳଛଳ କରି ନିଜର ଭାବପଣିଆ ଜାହିର କରିବସନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନଥାଇ ଆପଣାର ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଦେଢ଼ କୋଟିର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହାତରେ ଏକ ଆନ୍ତଃରାଜ୍ୟ ବ୍ରାଉନସୁଗାର ବେପାରୀ ଧରାପଡିଛନ୍ତି। ପଶ୍ଚିମବଙ୍ଗରୁ ଆସି କଟକ ଜିଲା ଟାଙ୍ଗୀ ୧୬ ନଂ. ଜାତୀୟ ରାଜପଥ ନିକଟରେ ଡିଲ୍‌ବେଳେ ବୁଧବାର ବିଳମ୍ବିତ ରାତିରେ ତାଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ୍ ଜିଲା ବେଲଡାଙ୍ଗ ଥାନା ମିର୍ଜାପୁର ଅଞ୍ଚଳର ଏସ୍‌କେ ସଫିକୁଲ୍ ଓରଫ ଖୋକନ୍। ତାଙ୍କଠାରୁ ଏସ୍‌ଟିଏଫ୍ ୧ କେଜି ୪୩ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ। ଏଥିସହ ତାଙ୍କଠାରୁ ମୋବାଇଲ ଫୋନ୍, ଆଧାର କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୩୫/୨୧) ରୁଜୁକରି ଅଭିଯୁକ୍ତଙ୍କୁ ଗୁରୁବାର କଟକ ସ୍ୱତନ୍ତ୍ର ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଓଡିଶାର ବିଭିନ୍ନ ସ୍ଥାନରେ ପୂର୍ବରୁ ବ୍ରାଉନସୁଗାର ଆଣି ପହଞ୍ଚାଉଥିଲେ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେଣୁ ଓଡିଶାରେ ତାଙ୍କ ଲିଙ୍କରେ ଥିବା ଏଜେଣ୍ଟ ଓ ବେପାରିଙ୍କୁ ଧରିବାକୁ ଏସ୍‌ଟିଏଫ୍ ଲକ୍ଷ୍ୟ ରଖିଛି। ସେ କେତେଥର ଓଡିଶା ଆସି ବ୍ରାଉନସୁଗାର ବିକ୍ରି କରିଛନ୍ତି, ତାଙ୍କ ଲିଙ୍କ୍‌ରେ ଆଉ କେଉଁମାନେ ଅଛନ୍ତି, କେତେଦିନ ହେବ ସେ ଏହି କାରବାର କରୁଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି ଏସ୍‌ଟିଏଫ୍। ଅଧିକ ତଦନ୍ତ ପାଇଁ ଏକ ପୋଲିସ ଟିମ୍ ପଶ୍ଚିମବଙ୍ଗ ଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ତେଜରାଜ ପଟେଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଖୋକନ ବ୍ରାଉନସୁଗାର ନେଇ ଟାଙ୍ଗୀ ନିକଟରେ ବୁଧବାର ବିଳମ୍ବିତ ରାତିରେ ପହଞ୍ଚିଥିଲେ। ସେ ଏଜେଣ୍ଟଙ୍କୁ ଅପେକ୍ଷା କରି ଜାତୀୟ ରାଜପଥ ନିକଟରେ ଛିଡ଼ା ହୋଇଥିଲେ। ଏନେଇ ବିଶ୍ୱସ୍ତ ସୂତ୍ରରୁ ଏସ୍‌ଟିଏଫ୍ ଖବର ପାଇବା ପରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ଖୋକନଙ୍କୁ କାବୁ କରିନେଇଥିଲା।


# classifieds

**Everyday**
0674-2580101, 2549302

real estate

**SALE**

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9776974912. D-21938

**Highly developed gharabari land, at Balianta, Bhingarpur, Drainage, electricity, 30'road mega plotting projects. Ready for immediate construction. Cost- 850/-. 7008371750.** D-21996

**ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868.** D-71711

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଣୀରେ - 650/- ଦିଆଯାଉଛି। 9938016295. D-71724

**ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862.** D-717 23

construction

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71801

Refreshing your mind and body with the best therapy. 7873794731. D-71180

Refreshing your mind, your body with tha best therapy at Lotus SPA. 8018891951. D-71802

Newly open SPA positively health benefit with Expert. Contact: 7749976301. D-71187

Newly Open Saikrupa Panchakarma Spa positively health benefits with Expert. 8984068077. D-21923

**AFFIDAVIT**

Affidavit before Executive Magistrate, Dhenkanal I Kandhei Sahoo, W/o. Hadibandhu Sahoo, At-Indipur Upar Nuasahi, PO-Indipur, Dist-Dhenkanal change my name from Manini Sahoo to Kandhei Sahoo for LIC policy-599231907 and all purposes. D-70363


**ପ୍ରଥମ ପୃଷ୍ଠାରୁ...**

## ସ୍ଲରି ପାଇପ୍ ଲାଇନ୍...

ଟନ୍ ଲେଖାଏ ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରିବାକୁ ଆବେଦନ କରିଛି। ଏଥିପାଇଁ ୬,୬୫୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। କେତେକାଂଶରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇସାରିଛି। ସେହିପରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ସଂପ୍ରସାରଣ ସହ ଅନୁଗୋଳକୁ ବାର୍ଷିକ ୩୬ ମେଟ୍ରିକ ଟନ୍ ସ୍ଲରି ପାଇପ୍ ଲାଇନ ଦୁଇଟି ପର୍ଯ୍ୟାୟରେ ସ୍ଥାପନ କରିବାକୁ ପ୍ରସ୍ତାବ ରଖିଛି। ଏଥିପାଇଁ ୭୬,୦୧୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ତ୍ରିବେଣୀ ଆର୍ଥମୁଭର୍ସ ପ୍ରା.ଲି. କେନ୍ଦୁଝର ଜିଲାର ବଡ଼ବିଲ, ଦେଓଝର ନିକଟରୁ ଜଗତସିଂହପୁର ଜିଲା ପାରାଦୀପ ନିକଟସ୍ଥ ଭିତରଗଡ଼କୁ ବାର୍ଷିକ ୩୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ସ୍ଲରିପାଇପ୍ ଲାଇନ ବିଛାଇବାକୁ ଆବେଦନ କରିଛି। ଏହି ସ୍ଲରି ପାଇପ୍ ଲାଇନର ଦୂରତା ୨୯୮ କିମି ଏବଂ ୯୪୮.୯୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ସେହିପରି ଜେଏସ୍‌ଡବ୍ଲ୍ୟୁ କେନ୍ଦୁଝର ଜିଲା ସାରଦା ମାଇନ୍ସରୁ ପାରାଦୀପ ପର୍ଯ୍ୟନ୍ତ ବାର୍ଷିକ ୩୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସ୍ଲରି ପାଇପ୍ ସ୍ଥାପନ କରିବ। ପୂର୍ବରୁ ବିଆରପିଏଲର କେନ୍ଦୁଝର ଜିଲା ବଡ଼ବିଲଠାରୁ କଳିଙ୍ଗନଗର ମଧ୍ୟରେ ୨୨୦ କିଲୋମିଟର ଦୀର୍ଘ ଲୌହ ସ୍ଲରି ସ୍ଥାନାନ୍ତରଣ ପାଇପ୍ ଲାଇନ କାର୍ଯ୍ୟକାରୀ ହେଉଛି। ତେବେ ଏହାର ଦ୍ୱିତୀୟ ପାଇପ୍ ଲାଇନ ନ ଥିବାରୁ ଜଳ ପ୍ରଦୂଷଣ ଉପରେ ଏନ୍‌ଜିଟିରେ ମାମଲା ବିଚାରାଧୀନ ରହିଛି। ଏହି ସବୁ ସ୍ଲରି ପାଇପ୍ ଲାଇନରେ ଲୁହାପଥର ପରିବହନ ପାଇଁ ପ୍ରାୟ ୧୦୦ କ୍ୟୁସେକରୁ ଊର୍ଦ୍ଧ୍ୱ ନଦୀଜଳ ବ୍ୟବହାର କରାଯିବ। ଅଧିକାଂଶ ପାଣି ବୈତରଣୀ ନଦୀରୁ ବ୍ୟବହାର ହେବ ବୋଲି ଜଣାପଡିଛି। ବଡ଼ବିଲ, ରିମୁଲି, କେନ୍ଦୁଝର, ଆନନ୍ଦପୁର, ଯାଜପୁରରୋଡ, କଳିଙ୍ଗନଗର, ପାଣିକୋଇଲି, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ ବିଛା ହେବ ବୋଲି ପ୍ରସ୍ତାବ ରହିଛି। ଅନ୍ୟପକ୍ଷେ ବଡବିଲ ଅଞ୍ଚଳରୁ ପାରାଦୀପ ଯାଏ ବ୍ରାହ୍ମଣୀ, ବୈତରଣୀ, ଗେଙ୍ଗୁଟି, ବିରୂପା, ଗୋବରୀ, ଲୁଣା, ଚିତ୍ରୋତ୍ପଳା, ମହାନଦୀ ଆଦି ନଦୀ ସହ ୫୦ରୁ ଊର୍ଦ୍ଧ୍ୱ ନାଳ ଦେଇ ଏହି ପ୍ରକଳ୍ପ ଯାଉଥିବାରୁ ଜୈବବିବିଧତା ପ୍ରତି ବିପଦ ରହିଛି ବୋଲି ମତପ୍ରକାଶ ପାଇଛି।

## ତୈଳ ଦର...

ବଢ଼ିଲେ ଦ୍ୱରିତ ଭିତ୍ତିରେ ଭାରତ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୫ ଡଲାର ଟପିଲେ ଭାରତ ଲାଗି ସମସ୍ୟା ଉପୁଜିଥାଏ। ମାତ୍ର ବ୍ରେଣ୍ଟ ଅଶୋଧିତ ତେଲ ଦର ବର୍ତ୍ତମାନ ବ୍ୟାରେଲ ପିଛା ପ୍ରାୟ ୮୫ ଡଲାରରେ ବିକ୍ରି ହେଉଛି। ଯାହା ୭ ବର୍ଷର ସର୍ବୋଚ୍ଚ ସ୍ତର। ତେବେ ଆଗାମୀ ୩ରୁ ୬ ମାସରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଟଙ୍କା ଛୁଇଁବା ନେଇ ଆକଳନ କରାଯାଇଛି। ଅଶୋଧିତ ତେଲ ଦର ଯଦି ଏଭଳି ସ୍ତର ଛୁଏଁ ତେବେ ଭାରତରେ ପେଟ୍ରୋଲ ଏବଂ ଡିଜେଲର ଲିଟର ପିଛା ଦର ୮ରୁ ୧୦ ଟଙ୍କା ବଢ଼ିବା ନେଇ ଆଶଙ୍କା କରାଯାଉଛି। ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକ ଅଧିକ ଭାଟ୍ ଲାଗୁ କରୁଥିବାରୁ ଏହି ସ୍ଥାନଗୁଡ଼ିକରେ ତେଲ ଦର ଏହି ସମୟରେ ଆହୁରି ବଢ଼ିବ ବୋଲି ଆକଳନ କରାଯାଇଛି।

ଇରାକ ତେଲମନ୍ତ୍ରୀ ଏହଶାନ ଅବଦୁଲ ଜବାରୀ କହିଛନ୍ତି, ଆସନ୍ତା କିଛି ମାସରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁପାରେ। ଗୋଟିଏ ବର୍ଷ ତଳେ ବ୍ରେଣ୍ଟ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୪୨.୫ ଡଲାର ଥିବା ବେଳେ ଏହା ୨ ଗୁଣ ବଢ଼ି ୮୫ ଡଲାର ଛୁଇଁଛି। ଏଭଳି ସ୍ଥିତିରେ ଭାରତ ଭଳି ଆମଦାନୀ ଉପରେ ନିର୍ଭର କରୁଥିବା ଦେଶଗୁଡ଼ିକର ଚିନ୍ତା ବଢ଼ିଛି। ଏସ୍ ଆଣ୍ଡ ପି ଗ୍ଲୋବାଲ ଆନାଲିଟିକ୍ସ ରିପୋର୍ଟ ମୁତାବକ, ବର୍ତ୍ତମାନ ଭାରତରେ କରୋନା କଟକଣା କୋହଳ ହୋଇଥିବାରୁ ତେଲ ଚାହିଦା ବଢ଼ିଛି। ଅର୍ଥନୈତିକ କାର୍ଯ୍ୟକଳାପ, ବିବାହ ଏବଂ ସାମାଜିକ କାର୍ଯ୍ୟକ୍ରମ ପୂର୍ବ ତୁଳନାରେ ଅଧିକ ହେଉଛି। ଫଳରେ ପେଟ୍ରୋଲିୟମ ଚାହିଦା ମଧ୍ୟ ବୃଦ୍ଧି ପାଇଛି। ଆଗାମୀ ଦିନରେ ଏହି ଚାହିଦା ମଧ୍ୟ ବଢ଼ିବ ବୋଲି ଏହି ଏଜେନ୍ସି କହିଛି। ଅପରପକ୍ଷରେ ରେଟିଂ ଏଜେନ୍ସି ଇକ୍ରାର ଉପସଭାପତି ପ୍ରଶାନ୍ତ ବଶିଷ୍ଠ କହିଛନ୍ତି, ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧ ଡଲାର ବଢ଼ିଲେ ଭାରତରେ ତେଲ ଦର ଲିଟର ପିଛା ପ୍ରାୟ ୬୦ ପଇସା ବୃଦ୍ଧି ପାଇବ। ଅଶୋଧିତ ତେଲ ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁଲେ ଦେଶ ମଧ୍ୟରେ ତେଲ ଦର ୧୦ ଟଙ୍କା ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି।

ଅଶୋଧିତ ତେଲ ବଢ଼ିବା ଯୋଗୁ ଭାରତରେ ପେଟ୍ରୋଲ ୧୧୮.୨୨ ଏବଂ ଡିଜେଲ ୧୦୯.୦୪ ଟଙ୍କା ଛୁଇଁଛି। ଅପରପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଟିକସ ଯୋଗୁ ତେଲ ଦର ଖସିବା ନାଁ ନେଉନାହିଁ। ସରକାର ଟିକସ କମାଇବା ସ୍ଥିତିରେ ମଧ୍ୟ ନାହାନ୍ତି। ଏପଟେ ତେଲ ଦର ବୃଦ୍ଧି ଯୋଗୁ ସରକାର ଚାପରେ ରହିଛନ୍ତି। ଶସ୍ତାରେ ଅଶୋଧିତ ତେଲ ଆମଦାନୀ କରିବାକୁ ସରକାର ଚାହୁଁଛନ୍ତି। ଏ ନେଇ ସ୍ୱତନ୍ତ୍ର ରଣନୀତି ମଧ୍ୟ ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଏକାଠି ହୋଇ ତେଲ ଆମଦାନୀ ଲାଗି ଡିଲ୍ କରିବେ। ଏମାନେ ଭିନ୍ନ ଭିନ୍ନ ଭାବେ ଡିଲ୍ କରୁଥିବାରୁ ପ୍ରଭାବିତ ହେଉଥିବା ଦେଖାଯାଇଛି। ପେଟ୍ରୋଲିୟମ ସଚିବ ତରୁଣ କପୁରଙ୍କ କହିବା ମୁତାବକ, ସରକାର ଘରୋଇ ଏବଂ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକୁ ନେଇ ଏକ ଗ୍ରୁପ ଗଠନ କରୁଛନ୍ତି। ଭାରତ ତୈଳ ଆମଦାନୀରେ ତୃତୀୟ ବୃହତ ରାଷ୍ଟ୍ର ହୋଇଥିବାରୁ ତେଲ ଆମଦାନୀ କରୁଥିବାରୁ କମ୍ପାନୀଗୁଡ଼ିକ ଗ୍ରୁପ ହୋଇ ଡିଲ୍ କଲେ ଖର୍ଚ୍ଚ ଅପେକ୍ଷାକୃତ କମ୍ ପଡ଼ିବ ବୋଲି ସରକାର ବିଚାର କରୁଥିବା କପୁର ମତ ପ୍ରକାଶ କରିଛନ୍ତି।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଊର୍ଦ୍ଧ୍ୱଗାମୀ ହେବା ନେଇ କେତେକ ବିଶେଷ କାରଣ ଦାୟୀ ରହିଛି। ବିଶ୍ୱ ଅର୍ଥ ବ୍ୟବସ୍ଥା ଏବେ ଚଳଚଞ୍ଚଳ ହୋଇଥିବାରୁ ତେଲ ଚାହିଦା ବଢ଼ିଥିବା ବେଳେ ଶୀତ ଆସୁଥିବାରୁ ଆମେରିକାରେ ସେଲ୍ ଅଏଲ ଉତ୍ପାଦନ ଏବେ ପ୍ରଭାବିତ ହୋଇଛି। ପେଟ୍ରୋଲିୟମ ଉତ୍ପାଦନ କରୁଥିବା ଦେଶ ସମୂହଙ୍କ ସଙ୍ଗଠନ ଓପେକ୍ ଦୈନିକ ମାତ୍ର ୪ ଲକ୍ଷ ବ୍ୟାରେଲ ଉତ୍ପାଦନ ବଢ଼ାଇବା ଲାଗି କହିଛି। ଓପେକ ଦେଶଗୁଡ଼ିକ କିଛି ପରିମାଣରେ ଉତ୍ପାଦନ ବଢ଼ାଇବା ସତ୍ତ୍ୱେ ମଧ୍ୟ ଉପଲବ୍ଧତା ଆବଶ୍ୟକତାଠାରୁ ୧୪% କମ୍ ରହିବ। କୋଇଲା ଏବଂ ପ୍ରାକୃତିକ ବାଷ୍ପ ଦର ଉଚ୍ଚରେ ରହିବା ଯୋଗୁ ଏହାର ପ୍ରଭାବ ଅଶୋଧିତ ତେଲ ଦର ଉପରେ ମଧ୍ୟ ପଡୁଛି। କିଛି କିଛି ସ୍ଥାନରେ ଗ୍ୟାସ୍ ସ୍ଥାନରେ ତେଲ ବ୍ୟବହାର ହେଉଥିବାରୁ ଏହାର ଚାହିଦା ବଢୁଛି।

## ପେଟ୍ରୋଲ ୩୫...

ବିଗତ ୨୮ ଦିନ ମଧ୍ୟରେ ଡିଜେଲ ୨୧ ଥର ଏବଂ ପେଟ୍ରୋଲ ୧୮ଥର ବଢ଼ିସାରିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ୫.୪୪ ଟଙ୍କା ଏବଂ ଡିଜେଲ ୭.୩୧ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ସର୍ବାଧିକ ତେଲ ଦର ରାଜ୍ୟର ମାଲକାନଗିରି(କାଲିମେଳା)ରେ ପେଟ୍ରୋଲ ୧୧୩.୧୭ ଟଙ୍କା ଥିବାବେଳେ ଡିଜେଲ ୧୦୯.୩୨ ଟଙ୍କା ଏବଂ ସର୍ବନିମ୍ନ ଦର ଜଗତ୍‌ସିଂହପୁରରେ ପେଟ୍ରୋଲ୧୦୭.୦୩ ଟଙ୍କା ଓ ଡିଜେଲ ୧୦୩.୪୪ ରେ କାରବାର ହେଉଥିବା ଜଣାପଡ଼ିଛି। ସେପ୍ଟେମ୍ବର ୨୪ଠାରୁ କ୍ରମାଗତ ଭାବେ ତୈଳ ଦର ପରିବର୍ତ୍ତନ ହୋଇଚାଲିଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୫.୨୭ ଟଙ୍କା ଏବଂ ପେଟ୍ରୋଲ ୧୦୬.୫୪ ଟଙ୍କା ରହିଛି। ଗତ ୨୮ ଦିନ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୫.୩୫ ଟଙ୍କା ଏବଂ ଡିଜେଲ ୬.୬୫ ଟଙ୍କା ବଢିଥିବା ନିଗମ ସୂଚନା ଦେଇଛି।

ସେହିପରି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୯୯.୫୯ ଟଙ୍କା, ୯୮.୩୮ ଟଙ୍କା ଏବଂ ୧୦୩.୨୬ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୩୦ ରୁ ୩୪ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୩.୬୧ ଟଙ୍କା, ୧୦୭.୧୧ଟଙ୍କା ଏବଂ ୧୧୨.୪୪ ଟଙ୍କାରେ ରହିଛି। ଅନ୍ୟପକ୍ଷରେ ଦେଶର ସର୍ବାଧିକ ତୈଳ ଦର ରାଜସ୍ଥାନ(ଗଙ୍ଗାନଗର)ରେ ପେଟ୍ରୋଲ ୧୧୮.୧୨ ଟଙ୍କା ଏବଂ ଡିଜେଲ ୧୦୯.୦୪ ଟଙ୍କାରେ କାରବାର ହେଉଛି।

ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଏହାର ବଜାର ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୮୬.୦୪ ଡଲାର ରହିଛି, ଯାହାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁଛି ବୋଲି ତୈଳ ଆମଦାନୀକାରୀ କମ୍ପାନୀଗୁଡିକ କହିଛନ୍ତି। ଅନ୍ୟପଟରେ ବିମାନ ଇନ୍ଧନ ଆଶାତୀତ ଭାବେ ହ୍ରାସ ପାଇ ବର୍ତ୍ତମାନ ପ୍ରତି ଲିଟର ପିଛା ୭୯ ଟଙ୍କା ଏବଂ ପ୍ରତି କିଲୋ ଲିଟର ପିଛା ୭୯,୦୨୦.୧୬ ଟଙ୍କା ରହିଥିବା ବେଳେ ପରିବହନ ପାଇଁ ସର୍ବାଧିକ ବ୍ୟବହୃତ ହେଉଥିବା ଡିଜେଲ ଦର ୧୮ ରାଜ୍ୟରେ ୧୦୦ଟଙ୍କା ଟପିଯାଇଛି। ଫଳରେ ପରିବହନର ବୋଝ ପରିବା ହାଟରେ ମଧ୍ୟ ଦେଖିବାକୁ ମିଳୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଜେଲରେ ପୁଅକୁ...

ନିବେଦନ କରିଥିଲେ। କିନ୍ତୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଅତିରିକ୍ତ ସିଲିସିଟର ଜେନେରାଲ ଅନିଲ ସିଂ ସପ୍ତାହେ ସମୟ ମାଗିଥିଲେ। ଫଳରେ ଜଷ୍ଟିସ୍ ସାମ୍ବ୍ରେ ଶୁଣାଣି ପାଇଁ ୨୬ ତାରିଖ ଧାର୍ଯ୍ୟ କରିଛନ୍ତି। ସେହିଦିନ ଅନ୍ୟତମ ଅଭିଯୁକ୍ତ ମୁନ୍‌ମୁନ୍ ଧାମେଚାଙ୍କ ଜାମିନ ଉପରେ ମଧ୍ୟ ଶୁଣାଣି ହେବ। ଗତ ୩ ତାରିଖରୁ ଗିରଫ ହୋଇ ଜେଲକୁ ଯିବା ପରେ ଆର୍ଯ୍ୟନଙ୍କୁ ବାପା ଶାହରୁଖ ଗୁରୁବାର ପ୍ରଥମ ଥର ପାଇଁ ଦେଖା କରିଛନ୍ତି। ପୂର୍ବାହ୍ନ ପ୍ରାୟ ୯ଟାରେ ଶାହରୁଖ ଆର୍ଥର ରୋଡ୍ ଜେଲରେ ପହଞ୍ଚିଥିଲେ। କରୋନା ମହାମାରୀ ପାଇଁ ମହାରାଷ୍ଟ୍ର ସରକାରଙ୍କ ନିୟମ ଅନୁଯାୟୀ ଜେଲ ହଲ୍‌ର କ୍ୟୁବିକଲ୍‌ରେ ଥିବା ଏକ ଇଣ୍ଟରକମ୍ ଦ୍ୱାରା ସେ ଆର୍ଯ୍ୟନଙ୍କ ସହ ପ୍ରାୟ ୨୦ ମିନିଟ୍ ଧରି କଥା ହୋଇଥିଲେ। ପ୍ରାୟ ୯ଟା ୩୫ରେ ଶାହରୁଖ ଜେଲରୁ ବାହାରିଥିଲେ। ଆର୍ଯ୍ୟନଙ୍କୁ ଦେଖାକରି ଶାହରୁଖ ଜେଲରୁ ଫେରିବା ପରେ ଏନ୍‌ସିବିର ଏକ ଟିମ୍ ଗୁରୁବାର ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନ 'ମନ୍ନତ'ରେ ପହଞ୍ଚିଥିଲା। ତେବେ ଏହା କୌଣସି ଚଢ଼ାଉ ନ ଥିଲା। ଆର୍ଯ୍ୟନ ବ୍ୟବହାର କରୁଥିବା ଅନ୍ୟ ଇଲେକ୍ଟ୍ରୋନିକ ଉପକରଣଗୁଡ଼ିକୁ ହସ୍ତାନ୍ତର କରିବାକୁ ଏହା ଏକ ନୋଟିସ୍ ଥିଲା ଏନ୍‌ସିବି କହିଛି। ଆର୍ଯ୍ୟନଙ୍କ ଜାମିନ ଦୁଇ ଥର ଖାରଜ ହୋଇସାରିଛି। ଆର୍ଯ୍ୟନ ନିୟମିତ ଭାବେ ବେଆଇନ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ତାଙ୍କ ହ୍ୱାଟ୍ସଆପ୍ ଚାର୍ଟରୁ ଜଣାପଡ଼ିଛି। ତେଣୁ ସେ ଜାମିନରେ ଗଲେ ଏଭଳି ଅପରାଧ ଜାରି ରଖିବାର ଆଶଙ୍କା ଥିବା ବିଚାରପତି ଭି.ଭି. ପାଟିଲ ବୁଧବାର କହିଥିଲେ।

## ଅନନ୍ୟାଙ୍କୁ ୨ ଘଣ୍ଟା...

ଏହାର କାର୍ଯ୍ୟାଳୟରେ ହାଜର ହେବାକୁ ସମନ କରିଥିଲା। ଅନନ୍ୟା ବାପା ଚଙ୍କି ପାଣ୍ଡେଙ୍କ ସହ ଏନ୍‌ସିବି ଅଫିସ୍‌ରେ ପହଞ୍ଚିବା ପରେ ତାଙ୍କୁ ୨ ଘଣ୍ଟା ଧରି ଜେରା କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନନ୍ୟାଙ୍କୁ ପୁଣି ହାଜର ହେବାକୁ ଏନ୍‌ସିବି ସମନ କରିଛି। ଗତ ୩ ତାରିଖରେ ମୁମ୍ବାଇ କ୍ରୁଜ୍ ଜାହାଜରେ ଡ୍ରଗ୍ସ ଜବତ ମାମଲାରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣଙ୍କ ହ୍ୱାଟ୍ସଆପ୍ ଚାର୍ଟରୁ ଅନନ୍ୟାଙ୍କ ନାଁ ସାମ୍ନାକୁ ଆସିଥିବା ଜଣାଯାଇଛି। ତେବେ ପଚରାଉଚରା କରାଯିବା ଅର୍ଥ ଅନନ୍ୟାଙ୍କୁ ଅଭିଯୁକ୍ତ କୁହାଯାଇପାରିବ ନାହିଁ ବୋଲି ଏନ୍‌ସିବି କହିଛି। ୨୨ ବର୍ଷୀୟା ଅନନ୍ୟା ୨୦୧୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

## ଗୋବିନ୍ଦଙ୍କ ସହଯୋଗୀ...

ସେହିଦିନ ରାତି ପ୍ରାୟ ୮ଟାରେ କାର୍‌କୁ ଷ୍ଟାଡିୟମକୁ ନେଇ ସେଠାରେ ପୂର୍ବରୁ ଖୋଳିଥିବା ଗାତରେ ମୃତଦେହକୁ ପକାଇ ପେଟ୍ରୋଲ୍ ଢାଳି ପୋଡ଼ି ଦେଇଥିଲେ। ପରେ ମାଟି ପକାଇ ପୋତିଥିଲେ। ଏହି କାର୍ଯ୍ୟରେ ରାଧେଶ୍ୟାମ ତାଙ୍କୁ ସହଯୋଗ କରିଥିଲେ ବୋଲି ଗୋବିନ୍ଦ କହିଥିଲେ। ବୁଧବାର ରାତିରେ ମାରାଥନ ଜେରା ପରେ ଡିଆଇଜି ଦୀପକ ଓ ଏସପି କୁଶଲକର ଗୁରୁବାର ସକାଳୁ ହତ୍ୟାସ୍ଥଳ ଏବଂ ମହାଲିଙ୍ଗ ଷ୍ଟାଡିୟମକୁ ଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି।

## କେଗାଁ ଆଇଆଇସି...

ସେମାନଙ୍କ ଅଭିଯୋଗକୁ ଗ୍ରହଣ ନ ଫେରାଇ ଦେଇଥିଲେ। ଗୋବିନ୍ଦଙ୍କ ଡାକରାରେ ଯେହେତୁ ମମିତା ମହାଲିଙ୍ଗ ଆସୁଥିଲେ, ତେଣୁ କେଗାଁ ଥାନା ଅଭିଯୋଗ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ସୁଦ୍ଧା କେଗାଁ ପୋଲିସ କିଛି ଶୁଣି ନ ଥିଲା। ସେଠାରୁ ନିରାଶ ହେବା ପରେ ମମିତାଙ୍କ ପରିବାର ଲୋକେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସିନ୍ଧେକେଲା ଥାନା ପୋଲିସ ଏକ ମାମଲା (ନଂ. ୯୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କ ଇସାରାରେ କେଗାଁ ଥାନା ଆଇଆଇସି ପରିଜା ଏତଲାକୁ ଗ୍ରହଣ କରି ନ ଥିଲେ ବୋଲି ମମିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶୁକ୍ର ନକ୍ଷତ୍ରସ୍ଥ ଜନ୍ମ ଚନ୍ଦ୍ର ହେତୁ ଟେନ୍ସନ ଭିତରେ କାମଗୁଡ଼ିକୁ ପୂରା ଦମ୍‌ରେ କରିବା ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ**
ଲାଭାଧିପ ତୃତୀୟଭାବକୁ ଦେଖୁଥିବାରୁ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ଗ୍ରହଣ କରିନେବା ଭଲ। ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଭାଇ, ଭଉଣୀଙ୍କ କୌଣସି କାମ ହାସଲ ସକାଶେ ଘରେ କଳହ କରିପାରନ୍ତି।

**ମିଥୁନ**
ଚତୁର୍ଥାଧିପ ସ୍ୱଗୃହୀ ହେତୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**କର୍କଟ**
କେନ୍ଦ୍ରସ୍ଥ କର୍ମାଧିପ ଚତୁର୍ଥଭାବକୁ ଦେଖୁଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଦୃଷ୍ଟିକୋଣରୁ ଉପକୃତ ହେବେ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ ।

**ସିଂହ**
ଧନାଧିପ ଧନଭାବରେ ଥିବାରୁ ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବ। ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହା କି ସମସ୍ୟାକୁ ବୃଦ୍ଧି କରିପାରେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହୋଇଯିବ।

**କନ୍ୟା**
କୋଣଭାବସ୍ଥ ଗୁରୁ ହେତୁ ସକାଳୁ କୌଣସି ଶୁଭ ଖବର ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକି ଆଣିବେ। ବହୁତ ଦିନ ହେଲା ଆଜି ସୁଦ୍ଧା ପାଇ ପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ଆଜି ଧନଏକାଦଶାଧିପ ରାଶିସ୍ଥ ଯୋଗୁ ସବୁ ଦିଗରୁ ଯେମିତି ଭଲ ଚାହୁଁଛନ୍ତି ସେମିତି ପାଇପାରିବେ। ପିଲାମାନଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଶୁକ୍ର କବନ୍ଧଗ୍ରହ ଯୁକ୍ତ କାରଣରୁ ଦୀର୍ଘଦିନ ହେଲା ଜଣାଶୁଣା ଲୋକଟି ନିଜ ଫାଇଦା ସକାଶେ ଚେଷ୍ଟା କରିପାରେ। ପରିବାରରେ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ପ୍ରତିଷ୍ଠା ମିଳିବ। ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ**
ଦୁର୍ବଳ ରାଶ୍ୟାଧିପ ହେତୁ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଚିନ୍ତା ଦୁଶ୍ଚିନ୍ତାକୁ ଡାକିଆଣିବ। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର**
ଅଟକି ରହିଥିବା କାମଗୁଡ଼ିକ ଆଜି ଅତି କମ୍ ସମୟରେ ସମ୍ପନ୍ନ ହୋଇପାରିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ**
ମଙ୍ଗଳ ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ଆଜି କୌଣସି ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ,ଏଣୁ ସତର୍କ ରହିବା ଭଲ। ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ଗଜକେଶରୀ ଯୋଗ ପ୍ରଭାବରୁ ଦିନ ଭିତରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଗତ ରାତିରେ ଆଲୋଚନା ଅନୁଯାୟୀ ଆଜିର କାମସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ, କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

# ଖୋଲିଲା ଏକାଦଶ ଶ୍ରେଣୀ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ରାଜ୍ୟରେ ଗୁରୁବାରଠାରୁ ଖୋଲିଛି ଉଚ୍ଚ ମାଧ୍ୟମିକ ସ୍କୁଲ। ଏକାଦଶ ଶ୍ରେଣୀ ବା ଯୁକ୍ତ୨ ପ୍ରଥମ ବର୍ଷ ପିଲାଙ୍କ ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନକୁ ପାଳନ କରାଯାଇଥିଲା। ପ୍ରବେଶ ପଥରେ ପିଲାଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଏଥିସହିତ ସାନିଟାଇଜର ବ୍ୟବସ୍ଥା ମଧ୍ୟ ହୋଇଥିଲା। ପିଲାମାନେ ଧାଡ଼ିରେ ଆସି କଲେଜ ଭିତରକୁ ପ୍ରବେଶ କରିଥିଲେ। ଦୂର ଦୂରାନ୍ତରୁ ଆସୁଥିବା ପିଲାଙ୍କ ପାଇଁ ପ୍ରଥମ ଦିନରେ ଇଣ୍ଡକ୍ସନ ସେସନ୍ ରଖାଯାଇଥିଲା। ଏଥିରେ ପିଲାଙ୍କ ସହ ଜଣେ ଅଭିଭାବକ ଉପସ୍ଥିତ ଥିଲେ। ଏହି ଇଣ୍ଡକ୍ସନ କ୍ଲାସକୁ ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକ ପରିଚାଳନା କରିଥିଲେ। ଅଧିକାଂଶ ପିଲା ୟୁନିଫର୍ମ ପିନ୍ଧି ଆସିଥିଲେ ମଧ୍ୟ ନଭେମ୍ବର ୧ରୁ ସମ୍ପୂର୍ଣ୍ଣ ୟୁନିଫର୍ମ ସହ କ୍ଲାସ୍ ରୁମ୍‌କୁ ପ୍ରବେଶ କରିବାକୁ ଛାତ୍ରୀଛାତ୍ରଙ୍କୁ କୁହାଯାଇଛି। ସେହିପରି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୟୁଟ୍ୟୁବ୍ କ୍ଲାସ୍ ମଧ୍ୟ ହେବ। ଏକାଦଶ ପିଲାଙ୍କୁ ଦଶମ ଶ୍ରେଣୀ ସହ ଲିଙ୍କ୍ ପାଠ ମଧ୍ୟ ପଢ଼ାଇବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୨୫ ତାରିଖରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପୂର୍ବରୁ ଘୋଷଣା କରିଥିଲା।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୩୦,୬୯,୪୬୨ | ୪୯,୪୧,୪୪୯ | ୨୨,୦୨,୭୧,୯୩୯ |
| ଭାରତ | ୩,୪୧,୪୦,୬୦୨ | ୪,୫୩,୦୪୮ | ୩,୩୫,୦୪,୪୭୯ |
| ଓଡ଼ିଶା | ୧୦,୩୭,୦୫୬ | ୮୨୯୮(+୫୩) | ୧୦,୨୪,୪୨୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଯୁବକଙ୍କୁ ଗୁଳିକରି ହତ୍ୟା

**ଝାରସୁଗୁଡ଼ା ଅଫିସ,୨୧।୧୦:** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସେ ହେଲେ ବିହାର ଲକ୍ଷ୍ମୀସରିଆର ପଙ୍କଜ କୁମାର (୪୦)। ସଦର ଥାନା ପୋଲିସ ବୁଡିପଦରସ୍ଥିତ ଇବ୍‌ନଦୀ ନିକଟରୁ ଗୁରୁବାର ତାଙ୍କ ମୃତଦେହ ଜବତ କରିଛି। ପଙ୍କଜ ଦୀର୍ଘବର୍ଷ ହେଲା ବ୍ରଜରାଜନଗର ଓରିଏଣ୍ଟ ଥାନା କାଳୀନଗର ଅଞ୍ଚଳରେ ରହି କୁଚିଆ ମଦ ବ୍ୟବସାୟ କରୁଥିଲେ। ତାଙ୍କ ଛାତିରେ ଗୁଳି ବାଜିଛି। ଏ ନେଇ ପୋଲିସ ଏକ ମାମଲା (ନଂ୧୪୮/୨୧) ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ୨ଜଣଙ୍କୁ ଅଟକରଖି ପୋଲିସ ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ପି ବିକାଶ ଚନ୍ଦ୍ର ଦାସ କହିଛନ୍ତି। ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଝାରସୁଗୁଡା ସଦର ଥାନାକୁ ଜଣାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ବୁଧବାର ରାତିରେ ପଙ୍କଜଙ୍କ ସହ କେତେଜଣ ଯୁବକଙ୍କ ପାଟିତୁଣ୍ଡ ହୋଇଥିଲା। ସେମାନେ ଗୁଳିକରି ହତ୍ୟା କଲା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହ ଇବ୍‌ନଦୀ କୂଳରେ ଫିଙ୍ଗି ଦେଇଥିଲେ।

### ମହୁମାଛି ଆକ୍ରମଣରେ ୧୫ ଆହତ

**କୁତ୍ରା, ୨୧।୧୦ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ମାର୍ଟିନପଡା ଗ୍ରାମରେ ମହୁମାଛି ଆକ୍ରମଣରେ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ନେଲସନ ସମାଧ, ଆନନ୍ଦ ମାସି ସମାଧ, ମନସିତ କାଣ୍ଡୁଲାନା, ବିନକା ଲୁଗୁନ, ସୁଚିତା ଗୁଡ଼ିଆ, ହର୍ଷିତ କାଣ୍ଡୁଲାନା, ଇଲିଶୋଭା ଗୁଡ଼ିଆ, ଶିତେଇ ସାମଧ, ମରକୁସ କାଣ୍ଡୁଲାନା, ନିର୍ମଲ ବାଗେ, ନମଲେନ ହରୋ ପ୍ରମୁଖ। ଘଟଣାରୁ ପ୍ରକାଶ ବୁଧବାର ଗ୍ରାମର ଦମରିସ କାଣ୍ଡୁଲାନା ନାମକ ଜନୈକା ବୃଦ୍ଧାଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ତେବେ ତାଙ୍କୁ ଗୁରୁବାର ତାଙ୍କର ପଡାବାସୀଙ୍କ ସମେତ ପରିବାର ବର୍ଗ ଅନ୍ତିମ ସତ୍କାର କରିବାକୁ ନିକଟସ୍ଥ ଶ୍ମଶାନକୁ ଶବ ନେଇଯାଇଥିଲେ। ସେଠାରେ ହଠାତ ସେମାନଙ୍କ ଉପରେ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ଲୋକେ ଜୀବନ ବିକଳରେ ଶବ ସତ୍କାର ନ କରି ଘଟଣାସ୍ଥଳରୁ ଶବକୁ ଛାଡି ଅନ୍ୟତ୍ର ପଳାଇଥିଲେ। ତଥାପି ୧୫ ଜଣ ଗୁରୁତର ଆହତ ହୋଇଥିଲେ। ପରେ ଖବରପାଇ ଘଟଣାସ୍ଥଳକୁ ୧୦୮ ଆମ୍ବୁଲାନସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ରାତି ପର୍ଯ୍ୟନ୍ତ ସେମାନଙ୍କ ଚିକିତ୍ସା ଜାରିରହିଥିଲା।

### ପିକ୍‌ଅପ୍ ଧକ୍କାରେ ରେଳ କର୍ମଚାରୀ ମୃତ

**ରାଉରକେଲା ଅଫିସ୍,୨୧।୧୦:** ରାଉରକେଲା ବନ୍ଧମୁଣ୍ଡା ଡି କ୍ୟାବିନ ନିକଟରେ ଗୁରୁବାର ପିକ୍‌ଅପ୍ ଧକ୍କାରେ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବନ୍ଧମୁଣ୍ଡା ରେଲୱେ ସିଗ୍‌ନାଲ ଟେଲିକମ ବିଭାଗର ମହେଶ କୁମାର ସିଂହ (୩୫)। ସକାଳେ ମହେଶ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ଡି କ୍ୟାବିନ ମୁଖ୍ୟ ରାସ୍ତାରେ ଦ୍ରୁତ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମହେଶଙ୍କ ମୃତ୍ୟୁ ହୋଇଥିଲା। ବନ୍ଧମୁଣ୍ଡା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ୪ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୧।୧୦:** ଢେଙ୍କାନାଳ ଜିଲାରେ ଗୁରୁବାର ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ଭୁବନ ଏନ୍‌ଏସିର ୧ ଏବଂ ଗଁଦିଆ ବ୍ଲକର ଜଣେ ରହିଛନ୍ତି। ଗତ ଦୁଇ ଦିନ ମଧ୍ୟରେ ୧୪ ପଜିଟିଭ୍ ଚିହ୍ନଟ ହେବା ସାମାନ୍ୟ ଚିନ୍ତା ବଢ଼ାଇଛି। ଜିଲାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୪ରେ ପହଞ୍ଚିଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୩ ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହେବ

## ମନୀଷ ଅନୁରାଗ ହତ୍ୟା ମାମଲା

- ସରିଲା ରିମାଣ୍ଡ, ଜେଲ ଗଲେ ୩ ଅଭିଯୁକ୍ତ
- ଜେରାବେଳେ ମିଳିଲାନି ବଡ଼ ତଥ୍ୟ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କ ୪ ଦିନିଆ ରିମାଣ୍ଡ ଅବଧି ଗୁରୁବାର ସରିଛି। ଇନ୍‌ଫୋସିଟି ଥାନା ପୋଲିସ ସେମାନଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମସ୍ତଙ୍କୁ ପୁଣିଥରେ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ତେବେ ସୋମବାରଠାରୁ ପୋଲିସ ଅଭିଯୁକ୍ତଙ୍କୁ ମାରାଥନ ଜେରା କରିଥିଲେ ମଧ୍ୟ ହତ୍ୟା ଅନ୍ତରାଳେ ସେଭଳି କିଛି ବଡ଼ ତଥ୍ୟ ପାଇ ନ ଥିବା ଜଣାପଡ଼ୁଛି। ଏନେଇ ଡିସିପି ଉମାଶଙ୍କର ଦାଶଙ୍କ କହିବା କଥା, ଅଭିଯୁକ୍ତଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ହତ୍ୟାକାଣ୍ଡକୁ ନେଇ ଲୁଚି ରହିଥିବା ଅନେକ ତଥ୍ୟ ପାଇବା ପୋଲିସ ପାଇଁ କଷ୍ଟସାଧ୍ୟ ହୋଇଛି। ତେଣୁ ସତ ଜାଣିବା ପାଇଁ ଖୁବ୍‌ଶୀଘ୍ର ୩ ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି।

କମିଶନରେଟ ପୋଲିସ ୩ ଅଭିଯୁକ୍ତ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅମଲାପଡ଼ାର ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନାଙ୍କୁ ଘନ ଘନ ଜେରା କରିଥିଲା। ଘଟଣା ଦିନ ସମସ୍ତେ ନିଶାରେ ଥିବାରୁ କେହି ହତ୍ୟା ସମ୍ପର୍କରେ ଅଧିକ କିଛି କହିପାରି ନ ଥିଲେ। ତେଣୁ ଏହା କୁହାଯାଇ ପାରେ ଯେ, ରିମାଣ୍ଡରେ ଆଣି ଅଧିକ ତଥ୍ୟ ପାଇବା ଯୋଜନା ପୋଲିସ ପାଇଁ ବିଫଳ ହୋଇଛି।

ହତ୍ୟାର ସବୁଠୁ ବଡ଼ ପ୍ରମାଣ ଥିଲା



ଜଣେ ଅଭିଯୁକ୍ତଙ୍କୁ କୋର୍ଟକୁ ନିଆଯାଉଛି।

ମୋବାଇଲ ଫୋନ୍। ଆଶା ଥିଲା ପୋଲିସ ଅଭିଯୁକ୍ତଙ୍କୁ ଜେରା କରି ମନୀଷଙ୍କ ମୋବାଇଲକୁ ଖୋଜି ଠାବ କରିବ। ହେଲେ ଏଥିରେ ପୋଲିସ ସଫଳ ହୋଇପାରିନି। ଏପରିକି ମନୀଷଙ୍କୁ କିଏ ପ୍ରଥମେ ଆକ୍ରମଣ କଲେ, କାହା ମାଡ଼ରେ ପ୍ରାଣ ଗଲା, ପୋଖରୀ ପାଖକୁ କେମିତି ନେଲେ, ଠେଲାପେଲାର ଘଟଣାସ୍ଥଳ କେଉଁଠି, ଏଭଳି ପ୍ରଶ୍ନର ଉତ୍ତର ପୋଲିସ ପାଇ ନ ଥିବା ଜଣାପଡିଛି। କେବଳ ହୋଟେଲ କର୍ମଚାରୀଙ୍କ ବୟାନକୁ ପୋଲିସ ରେକର୍ଡ କରିଛି। ଅଭିଯୁକ୍ତମାନେ କିଛି ସ୍ପଷ୍ଟ କହିପାରୁ ନ ଥିବାରୁ ସିନ୍‌କ୍ରିଏଶନ ମଧ୍ୟ କରାଯାଇନାହିଁ। ତେଣୁ ବଳିଷ୍ଠ ଚାର୍ଜଶିଟ୍ କିପରି ପୋଲିସ ପ୍ରସ୍ତୁତ କରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି।

ପୋଲିସ ସୂଚନାନୁସାରେ, ଗତ ୯ ତାରିଖ ୫ଟାରେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ଫୋନ କରି ଡାକିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି କାରରେ ଆଣିଥିଲେ। ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାର୍‌କୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ରାତି ୩ଟା ୨୯ରେ ମନୀଷ ଏକୁଟିଆ ହୋଟେଲ ବାହାରକୁ ଯିବା ପରେ ଅଭିଯୁକ୍ତମାନେ ପିଛା କରି ତାଙ୍କୁ ହତ୍ୟା କରିବା ପରେ ପାତ୍ରପଡ଼ା ପୋଖରୀରେ ଫିଙ୍ଗିଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଆଜି

## ୫୯୩ ପ୍ରକଳ୍ପର କରିବେ ଶିଳାନ୍ୟାସ, ଉଦ୍‌ଘାଟନ

**ବାରିପଦା ଅଫିସ,୨୧।୧୦**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମୟୂରଭଞ୍ଜ ଗସ୍ତରେ ଆସି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ଏଥି ସହିତ ୨୪୮୪କୋଟି ୨୪ଲକ୍ଷ ୪୦ହଜାର ଟଙ୍କାର ୫୯୩ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ୨ହଜାର୧୫୧କୋଟି ୯୫ଲକ୍ଷ ୮୯ହଜାର ଟଙ୍କାର ୪୦୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହା ସହିତ ୩୩୨କୋଟି ୨୮ଲକ୍ଷ ୫୧ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ୧୪୪ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ଜିଲାର ସମସ୍ତ ବ୍ଲକକୁ ସଂପ୍ରସାରିତ କରାଯିବ। ଏ ନେଇ ଜିଲା ସଦର ମହକୁମା, ବ୍ଲକ ଓ କ୍ଲଷ୍ଟରରେ ଏଲ୍‌ଇଡି ସ୍କ୍ରିନ୍ ଟିଭି ସେଟ୍, ବ୍ଲକସ୍ତରୀୟ ସଭା ସମ୍ମିଳନୀ ସ୍ଥଳ, ସାଜସଜା, ହିତାଧିକାରୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି। ୪/୫ ଟି ପଞ୍ଚାୟତକୁ ନେଇ କ୍ଲଷ୍ଟରସ୍ତରୀୟ କେନ୍ଦ୍ର ଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ କେ.ଆର.ଦ୍ୟାନଦେଓଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଉପ ଜିଲାପାଳ, ବିଡିଓ ଏବଂ ତହସିଲଦାରମାନେ ଅଂଶ ଗ୍ରହଣ କରିଥିଲେ।

# ତୃତୀୟ ଲହର ଆଶଙ୍କା କମ

## ଆଉ ୫୨୪ ଆକ୍ରାନ୍ତ, ୨ ମୃତ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ରାଜ୍ୟରେ ଏବେ କରୋନାର ଯାହା ସ୍ଥିତି ରହିଛି ସେଥିରେ ଆତଙ୍କିତ ହେବାର ନାହିଁ। ବର୍ତ୍ତମାନ ସ୍ଥିତିକୁ ଦେଖିଲେ ତୃତୀୟ ଲହର ଆଶଙ୍କା କମ୍ ରହିଛି। କିନ୍ତୁ ଅନ୍‌ଲକ ହୋଇଛି, ବିଭିନ୍ନ ଅନୁଷ୍ଠାନ ଖୋଲିଛି। ତେଣୁ ଲୋକମାନେ ନିଜ ଆଡୁ ସତର୍କ ରୁହନ୍ତୁ। କୋଭିଡ୍ ନିୟମ ଅନୁପାଳନ କରନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପାର୍ବଣରେ ସଂକ୍ରମଣ ବଢ଼ିବ ବୋଲି ଆଶଙ୍କା କରାଯାଉଥିଲା। ସେଥିପାଇଁ କଡା କଟକଣା ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ୭-୮ ଦିନରେ ସଂକ୍ରମଣ କେତେ ବଢ଼ିଛି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଯେତିକି ବଢ଼ିଛି ତାହା ଉଦ୍‌ବେଗଜନକ ନୁହେଁ। ଏବେ ଆମେ ଏଣ୍ଡେମିକ୍ ସ୍ତରରେ ଅଛୁ। ଏବେ ବି କୋଭିଡ୍ ଅଛି। ପରିସ୍ଥିତି ଦେଖି ସଂକ୍ରମଣ କମୁଛି ଆଉ ବଢୁଛି। ମହାରାଷ୍ଟ୍ରରେ ଯେଉଁ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି ତାହାକୁ ନେଇ ବ୍ୟସ୍ତ ହେବାର କିଛି ନାହିଁ। ସେହି ଭାରିଆଣ୍ଟର କଣ୍ଟାକ୍ଟ ଟ୍ରେସିଂରୁ ଅନ୍ୟ କେହି ସଂକ୍ରମିତ ବାହାରି ଥିବା ନେଇ କେନ୍ଦ୍ର ସରକାର କିମ୍ବା ଆଇଏଲ୍‌ଏସ୍ କିଛି ଅବଗତ କରାଇନାହାନ୍ତି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୮,୯୧୯ ନମୁନା ପରୀକ୍ଷା କରାଯାଇଥିବାବେଳେ ୫୨୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୦.୭୬%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮୨ଜଣ ୧୮ବର୍ଷରୁ କମ୍ ବୟସର ପିଲା ରହିଛନ୍ତି। ଏହାକୁ ମିଶାଇ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୩୭,୦୫୬ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୮,୨୯୮କୁ ଛୁଇଁଛି।

# ସୀମାନ୍ତରେ ୪୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୧।୧୦ (ଡି.ଏନ.ଏ.)**

ଗୁରୁବାର ସୁକ୍‌ମା ପୋଲିସ ନିକଟରେ ୪୩ ଜଣ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ତେବେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀଙ୍କ ସହ ତଳେ ବସି ସୁକୁମା ଏସ୍‌ପି ଏକାଠି ଖାଦ୍ୟ ଖାଇଥିଲେ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଛତିଶଗଡ ସୀମାନ୍ତ ମାଓବାଦୀ ପ୍ରବଣ ସୁକୁମା ଜିଲାରେ। ଖବରରୁ ଜଣାପଡିଛି ସୁକୁମା ଜିଲାରେ ନୂତନ ଏସ୍‌ପି ଭାବେ ଯୋଗ ଦେଇଥିବା ସୁନୀଲ ଶର୍ମାଙ୍କ ଏପରି ନିଆରା ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଛି। ଆତ୍ମସମର୍ପଣ କରିଥିବା ୪୩ ମାଓବାଦୀଙ୍କ ମଧ୍ୟରେ ୪୨ ଜଣ ମିଲିସିଆ ସଭ୍ୟ ରହିଥିବା ବେଳେ ପଡିଆମି ଲକ୍ଷ୍ମୀ ନାମକ ଜଣେ ଏରିଆ କମାଣ୍ଡର ରହିଛନ୍ତି। ଲକ୍ଷ୍ମୀଙ୍କ ନାମରେ ପୂର୍ବରୁ ଛତିଶଗଡ଼ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ଜିଲା ପୋଲିସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଛତିଶଗଡ଼ ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ। ଏମାନଙ୍କ ଉପରେ ଥିବା ସମସ୍ତ ମକଦ୍ଦମା ପ୍ରତ୍ୟାହାର କରାଯିବ ବୋଲି ଏସ୍‌ପି ଶର୍ମା ପ୍ରକାଶ କରିଛନ୍ତି। ଏହି ଅବସରରେ ଏସ୍‌ପି ଶର୍ମା ମାଓବାଦୀଙ୍କ ସହ ମିଶି ତଳେ ବସି ଖାଦ୍ୟ ଖାଇଥିଲେ। ଅନ୍ୟ ମାଓବାଦୀଙ୍କୁ ମଧ୍ୟ ଆତ୍ମସମର୍ପଣ ପାଇଁ ସେ ଆହ୍ୱାନ ଦେଇଥିଲେ।



ଏସ୍‌ପି ସୁନୀଲ ଶର୍ମା ମାଓବାଦୀଙ୍କ ସହ ତଳେ ବସି ଖାଦ୍ୟ ଖାଉଛନ୍ତି।



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଧୀନ ଖଣ୍ଡୁଆଳମୁଣ୍ଡା ଗ୍ରାମ ଅଞ୍ଚଳକୁ ଗୁରୁବାର ସକାଳେ ଏକ ପଲରେ ୨୩ ହାତୀ ପଶି ଆସିଛନ୍ତି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଥିବାବେଳେ ଧନଜୀବନ ହାନି ଆଶଙ୍କାରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। (ଫଟୋ: ନିଗମାନନ୍ଦ)

## ସେମିରେ ବଡ଼ଚଣା

**ଗଁଦିଆ, ୨୧।୧୦:** ପିଙ୍ଗୁଆଠାରେ ଚାଲିଥିବା ୩୭ତମ ପିଙ୍ଗୁଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଧବଳଗିରି ଡିସିକୁ ହରାଇ ବଡ଼ଚଣା ବିସିସି ସେମିଫାଇନାଲରେ ପ୍ରବେଶ କରିଛି। ବଡ଼ଚଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୨ ରନ୍ କରିଥିଲା। ଜବାବରେ ଧବଳଗିରି ୧୪.୫ ଓଭରରେ ୧୫୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ବିନୋଦ ଝଙ୍କାର 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଶରତ କୁମାର ସାହୁ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଶହୀଦ ପୋଲିସଙ୍କୁ ଶ୍ରଦ୍ଧାଞ୍ଜଳି



ଏସ୍‌ପି ଓ ଜିଲାପାଳ ଶହୀଦ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୧।୧୦**

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ପୂର୍ବାହ୍ନ ସାଢ଼େ ୮ଟାରେ ସ୍ଥାନୀୟ ରିଜର୍ଭ ଲାଇନ ପୋଲିସ ପଡ଼ିଆରେ ୬୨ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ପି କେ. ଶିବା ସୁବ୍ରମଣି ଯୋଗଦେଇ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ନାମ ପାଠ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ପୋଲିସ ବାହିନୀ ପକ୍ଷରୁ ମଧ୍ୟ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ୍‌ପି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଦେଶମାତୃକାର ସେବାରେ ପ୍ରାଣବଳି ଦେଇଥିବା ପୋଲିସଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ସଦର ଏସ୍‌ଡିପିଓ ବିକାଶ ବେଉରା, ଟାଉନ ଥାନା ଅଧିକାରୀ ନମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

**ଢେଙ୍କାନାଳ ଅଫିସ, ୨୧।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ପରେ ହତ୍ୟା ଘଟଣାର ପ୍ରତିବାଦରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମମିତାଙ୍କ ହତ୍ୟା ଏକ ସ୍ୱର୍ଶକାତର ଘଟଣା। ଏଥିରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ପଦାକୁ ଆସିଛି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ। ସେହିପରି ଏଭଳି ଜଘନ୍ୟ ମାମଲାରେ ତାଙ୍କୁ ଗିରଫ କରି କଠୋର ଦଣ୍ଡରେ ଦଣ୍ଡିତ କରିବା, ସିବିଆଇ ଦ୍ୱାରା ମାମଲାର ତଦନ୍ତ କରାଇବାକୁ ଦାବି କରାଯାଇଥିଲା।



ଭାଜପା କର୍ମକର୍ତ୍ତାମାନେ ଏସ୍‌ପି ଅଫିସ ଘେରାଉ କରିଛନ୍ତି।

ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ମମତା ସ୍ୱାଇଁ, ରାମଚନ୍ଦ୍ର ପାତ୍ର, ଭାରତୀ ସ୍ୱାଇଁ, ମହାଦୀପ ଯଶୋବନ୍ତ ମହିମା, ଜିଲା ସମ୍ପାଦିକା ତପସ୍ୱିନୀ ରାଉତ, ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ରତିକାନ୍ତ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅନୁରୂପ ଭାବେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରାଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳୀୟ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପ୍ରେମଶଙ୍କର ମିଶ୍ର, ସୁରେଶ ପାଣିଗ୍ରାହୀ, ନିର୍ମଳ ମିଶ୍ର, ପ୍ରକାଶ କୁଅଁର, ସୁନୀଲ ଦାଶ, ନିଶାକର ସାହୁ, ସୁହାସିନୀ ମହାକୁଡ, ହାଇଦର ମହମ୍ମଦ, ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।




କଂଗ୍ରେସ ପକ୍ଷରୁ ଗଣ ବିକ୍ଷୋଭ।

# 'ଶୃଙ୍ଖଳା ବିଦ୍ୟାର୍ଥୀଙ୍କ ପରିଚୟ'

**ଢେଙ୍କାନାଳ ଅଫିସ, ୨୧।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିୟମାବଳୀ ଅନୁଯାୟୀ ଆୟୋଜିତ ସଭାରେ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରି କହିଲେ, ଶୃଙ୍ଖଳା ଏବଂ ସମୟାନୁବର୍ତ୍ତିତା ବିଦ୍ୟାର୍ଥୀଙ୍କ ପରିଚୟ। ଏହା ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ସୁନାଗରିକ ଭାବେ ଗଢ଼ିତୋଳିବ। କରୋନା ସମୟରେ ଶିକ୍ଷାଦାନ ଏକ ଆହ୍ୱାନ ହୋଇଥିବାବେଳେ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଅଧ୍ୟୟନ କରିବାକୁ ସେ ପରାମର୍ଶ ଦେଇଥିଲେ। କଳା ବିଭାଗ ପକ୍ଷରୁ ଡ. ମାନସୀ କର, ଡ. ତପନ କୁମାର ପଣ୍ଡା, କପିଳ ଚରଣ ମହାନ୍ତି, ରଞ୍ଜନ କୁମାର ସାହୁ, ବିଜୟ କୁମାର ସାହୁ, ଅଧ୍ୟାପିକା ନୟନା ବରାଳ ପ୍ରମୁଖ ଉପସ୍ଥିତ ରହି କଲେଜର ନିୟମ, ପରୀକ୍ଷା ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପକ୍ଷରୁ ଅନୁରୂପ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟାପକ ନୀଳକଣ୍ଠ ଦାସ, ଦେବାନନ୍ଦ ଦାସ, ମନୋଜ କୁମାର ରାଉତ, ରାଜକିଶୋର ସାମଲ, ତ୍ରୈଲୋକ୍ୟନାଥ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତ, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଦିନାନାଥ ଦାସ, ଏନ୍‌ସିସି ଅଧିକାରୀ ଅକ୍ଷୟ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୨ ଅକ୍ଟୋବର, ୨୦୨୧



ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। – ଶ୍ରୀଅରବିନ୍ଦ

# ଚାଇନାର ଆହ୍ୱାନ



ଶିଲୋମୋ ବେନ୍-ଅମି

ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ରେ ଚାଇନାର ପ୍ରବେଶକୁ ଯେତେବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ସମର୍ଥନ କରିଥିଲେ ସେତେବେଳେ ସେ କହିଥିଲେ କି ଏହି ପଦକ୍ଷେପ ବହୁ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବ। ଡବ୍ଲ୍ୟୁଟିଓରେ ଯୋଗଦେବା ପରେ ଚାଇନା କେବଳ ଅଧିକ ଆମେରିକୀୟ ଉତ୍ପାଦ ଆମଦାନୀ କରିବାକୁ ରାଜି ହେବନାହିଁ,ବରଂ ଏହା ଗଣତନ୍ତ୍ରର ଅନ୍ୟତମ ବହୁମୂଲ୍ୟ ତତ୍ତ୍ୱ ଅର୍ଥନୈତିକ ସ୍ୱାଧୀନତାକୁ ମଧ୍ୟ ସମର୍ଥନ କରିବ। କ୍ଲିଣ୍ଟନ ଆକଳନ କରିଥିଲେ ଯେ, ଚାଇନା ତା'ର ଅର୍ଥନୀତିକୁ ଯେତେ ଅଧିକ କୋହଳ କରିବ ତାହା ସେତେ ଅଧିକ ଲୋକଙ୍କ ସାମର୍ଥ୍ୟକୁ ମୁକ୍ତ କରିବ। ହେଲେ ବାସ୍ତବରେ ଏବେ ଏହା ଅଧିକ ଜଟିଳ ହୋଇଛି। ମୁକ୍ତ ବାଣିଜ୍ୟ ଗଣତନ୍ତ୍ର ପାଇଁ ଅନିବାର୍ଯ୍ୟ ବୋଲି ଧାରଣା ପ୍ରଥମେ କ୍ଲିଣ୍ଟନଙ୍କ ଠାରୁ ଆରମ୍ଭ ହୋଇ ନ ଥିଲା, ତାଙ୍କ ପୂର୍ବରୁ ଜର୍ଜ ଏଚ୍. ଡବ୍ଲ୍ୟୁ. ବୁଶ୍ ମଧ୍ୟ ଏହି ବିଚାରରେ କାର୍ଯ୍ୟ କରିଥିଲେ। ୨୦୦୧ରୁ ଡବ୍ଲ୍ୟୁଟିଓରେ ଯୋଗଦେବାର ଦୁଇ ଦଶନ୍ଧି ପରେ ଚାଇନାର ଅର୍ଥନୀତିରେ ବହୁ ଅଗ୍ରଗତି ହୋଇପାରିଛି। କିନ୍ତୁ ଏହା ଗଣତନ୍ତ୍ରର ନିକଟବର୍ତ୍ତୀ ହୋଇ ପାରିନାହିଁ। ଆମେରିକାର ନେତାମାନେ ଅର୍ଥନୈତିକ ଏବଂ ରାଜନୈତିକ ସ୍ୱାଧୀନତା ମଧ୍ୟରେ ଥିବା ସମ୍ପର୍କ ଉପରେ କେବଳ ଆତ୍ମବିଶ୍ୱାସ ହରାଇ ନାହାନ୍ତି, ବରଂ ପାଶ୍ଚାତ୍ୟ ଗଣତନ୍ତ୍ର ରାଷ୍ଟ୍ରଗୁଡ଼ିକ ଚାଇନା ପ୍ରଭାବରେ ଅସୁରକ୍ଷିତ ମଣିବା ସହ ଭୟଭୀତ ଅଛନ୍ତି।

ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ମାଇକ୍ ପୋମ୍ପିଓ ଗତବର୍ଷ ସତର୍କ କରି ଦେଇଥିଲେ ଯେ, ମୁକ୍ତ ବିଶ୍ୱ ଚାଇନାକୁ ବଦଳାଇ ଦେବା ଉଚିତ୍, ନଚେତ୍ ଚାଇନା ଆମ ସମସ୍ତଙ୍କୁ ବଦଳାଇ ଦେବ। ସେହିଭଳି ଗତ ଗ୍ରୀଷ୍ମକାଳୀନ ଜି-୭ ଶିଖର ସମ୍ମିଳନୀରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ , ଆମେରିକା ନେତୃତ୍ୱରେ ଅନେକ ପାଶ୍ଚାତ୍ୟ ଗଣତନ୍ତ୍ର ରାଷ୍ଟ୍ର ଏବଂ ଚାଇନା ମଧ୍ୟରେ ସଂଘର୍ଷ ଲାଗି ରହିଛି ଓ ଏହା ବିଶ୍ୱର ଏକଛତ୍ରବାଦ ସରକାରମାନଙ୍କ ସହ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା। ବିଶ୍ୱର ଉକ୍ତ ଦୃଷ୍ଟିକୋଣକୁ ଚାଇନା ମଧ୍ୟ କିଛି ମାତ୍ରାରେ ଗ୍ରହଣ କରୁଥିବା ଜଣାପଡୁଛି। ମାନବିକ ଅଧିକାରକୁ ବଜାୟ ରଖିବା ପାଇଁ ପାଶ୍ଚାତ୍ୟର ପ୍ରୟାସକୁ ଏହାର ଆଭ୍ୟନ୍ତରୀଣ ରାଜନୈତିକ ସ୍ଥିରତା ପାଇଁ ସିଧାସଳଖ ବିପଦ ବୋଲି ଭାବୁଛି। ଚାଇନା ପାଇଁ ଜାତୀୟ ସାର୍ବଭୌମତ୍ୱ ଏବଂ ଜାତୀୟ ସମ୍ମାନ ସର୍ବପ୍ରଥମ। ଚାଇନା କ'ଣ ଚାହୁଁଛି ସେଥିପ୍ରତି ଆମେରିକା ଧ୍ୟାନ ଦେବା ଉଚିତ୍। ଚାଇନା ହେଉଛି ଏକ ବିଶ୍ୱ ଶକ୍ତି, ଯାହାର ଅର୍ଥନୀତି ବିଶ୍ୱବ୍ୟାପୀ ଅଭିବୃଦ୍ଧି ଓ ସମୃଦ୍ଧିକୁ ଇନ୍ଧନ ଯୋଗାଇଛି। ଯଦି ସେଠାରେ ଏକ ଗମ୍ଭୀର ରାଜନୈତିକ ପରିବର୍ତ୍ତନ ଆଶା କରାଯାଏ ତେବେ ପ୍ରକ୍ରିୟା ସେଭଳି ଶାନ୍ତିପୂର୍ଣ୍ଣ ହୋଇ ନ ପାରେ। ଏଭଳି ସ୍ଥିତିରେ ସାରା ବିଶ୍ୱ ଏହାର ପରିଣାମ ଭୋଗ କରିବ। ଅବଶ୍ୟ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ( ସିପିସି) ଯଦି ସାହାଯ୍ୟ ନ କରିବ ବା ନ ଚାହିଁବ ତେବେ ସେଠାରେ କ୍ରାନ୍ତିକାରି ପରିବର୍ତ୍ତନ କେବେ ବି ଆସିବ ନାହିଁ। ଅତୀତରେ ସିପିସି ସବୁ ଉଦ୍ୟମକୁ ଧ୍ୱଂସ କରିଦେଇଛି। ଗଣତନ୍ତ୍ର ସପକ୍ଷ ଆନ୍ଦୋଳନକୁ ଗଣହତ୍ୟା ମଧ୍ୟରେ ହଜାଇ ଦେଇଛି। ଲିୟୁ ଜିଆବାଓଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ନ୍ୟୁ ସିଟିଜେନ୍ସ ମୁଭ୍‌ମେଣ୍ଟ । ଗଣତନ୍ତ୍ର ସପକ୍ଷରେ ଘୋଷଣାପତ୍ର ଜାରି କରି ସେ ଆନ୍ଦୋଳନକୁ ଉତ୍ସାହିତ କରିଥିଲେ। ଏଥିପାଇଁ ଜେଲରେ ଥିବା ସମୟରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୮୯ରେ ଲିୟୁ ତିଆନାନମେନ ସ୍କୋୟାରରେ ପ୍ରତିବାଦକାରୀଙ୍କ ସହ ଯୋଗ ଦେଇଥିଲେ। ଗଣତନ୍ତ୍ର ସପକ୍ଷ ଆନ୍ଦୋଳନକୁ ଧୂଳିସାତ କରିଦେବା ଲାଗି ସିପିସିର ଆଉ ଏକ କ୍ରୂର ପଦକ୍ଷେପରୁ ପ୍ରବାଦକାରୀଙ୍କୁ ରକ୍ଷା କରିବାରେ ତାଙ୍କ ଭୂମିକା ବେଶ୍ ଜଣାଶୁଣା। ଦେଖିବାକୁ ଗଲେ ଗୋଟିଏ ପରେ ଗୋଟିଏ ସଙ୍କଟରେ ସିପିସି ଚାଇନାକୁ ସଫଳତାର ସହ ଆଗକୁ ନେଇଚାଲିଛି। ଏହା ହୁଏତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଗ୍ରହଣ କରିବା ଅସହଜ ମନେହେଉ ଥାଇପାରେ। କିନ୍ତୁ ଏହାର ବାସ୍ତବତା ସାମ୍ନାରେ ରହିଛି। ୨୦୦୨-୦୩ରେ ସାର୍ସ ମହାମାରୀ, ୨୦୦୮ର ବୈଶ୍ୱିକ ଆର୍ଥିକ ବ୍ୟବସ୍ଥାର ଭୁଶୁଡ଼ିପଡ଼ିବା ସ୍ଥିତି ଏବଂ କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିପାରିଛି। ଆମେ କହିପାରିବା ନାହିଁ ଯେ, ଚାଇନା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ଏଭଳି କରି ପାରିନାହାନ୍ତି। ଏକଛତ୍ରବାଦୀ ଶାସନ ନ ଥିବା ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭଲଭାବେ କୋଭିଡ୍ ମହାମାରୀର ମୁକାବିଲା କରିପାରିଛନ୍ତି। ଚାଇନା ଆକାର ଏବଂ ମଜଭୁତ ଆର୍ଥିକ ସ୍ଥିତିକୁ ଦେଖିଲେ ଏହି ସବୁ ସଙ୍କଟ ସମୟରେ ଏସୀୟ ଦେଶଗୁଡ଼ିକରେ ଅସ୍ଥିରତା ସୃଷ୍ଟି କରିପାରିଥାଆନ୍ତା, କିନ୍ତୁ ତାହା କରିପାରିଲା ନାହିଁ।

ଏହା କହି ହେବ ନାହିଁ ଯେ, ଚାଇନାର ରାଜନୈତିକ ପ୍ରକ୍ରିୟାରେ ସକାରାତ୍ମକ ପରିବର୍ତ୍ତନ ହେବ ନାହିଁ। ହେଲେ ଏବେ ଚାଇନାର ରାଜନୈତିକ ପ୍ରକ୍ରିୟା ସ୍ୱାଭାବିକ ଭାବେ ଚାଲିଛି ଓ ବିକଶିତ ହେବାରେ ଲାଗିଛି। ଚାଇନାର ଆର୍ଥିକ ସଫଳ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଚାଇନାର ପୁରୁଣା ସଂସ୍କୃତିଗୁଡ଼ିକ ପୁଞ୍ଜିବାଦ ସହ ଜଡ଼ିତ ନ ଥିଲେ ବୋଲି ମ୍ୟାକ୍ସ ୱେବରଙ୍କ ଆକଳନକୁ ଚାଇନାର ସଫଳତା ମିଛ ସାବ୍ୟସ୍ତ କରିଛି। ଏବେ ସୁଦ୍ଧା ସିପିସି ଏକ ନୂଆ ପ୍ରକାର ପୁଞ୍ଜିବାଦ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଏହା ଚାଇନାର ରାଜନୈତିକ ଏକାଧିକାର ସହ ତାଳ ଦେଇ ଆଗେଇ ଚାଲିଛି। ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଏକଦଳୀୟ ଶାସନ ମଧ୍ୟରେ ସମ୍ଭବ ହୋଇଛି। ଏହାକୁ ରାଜନୀତି ବିଜ୍ଞାନୀ ସାମୁଏଲ ହଣ୍ଟିଙ୍ଗଟନ୍ ପରଫର୍ମାନ୍ସ ଲେଜିଟିମାସୀ ବା ପ୍ରଦର୍ଶନର ବୈଧତା କହିଛନ୍ତି। ଚାଇନାର ଆର୍ଥିକ ଅବସ୍ଥା ଯଦି ଭୟଙ୍କର ଭାବେ ତଳକୁ ଖସେ ଓ ଏକ ସଙ୍କଟଜନକ ସ୍ଥିତି ଉପୁଜେ, ତା'ହେଲେ ଏହି ପ୍ରଦର୍ଶନର ବୈଧତା ସିପିସି ପତନର କାରଣ ହୋଇପାରେ। ଏପରି କି ଲଗାତର ଆର୍ଥିକ ସଫଳତା ପାଇବା ସିପିସି ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି କ୍ଲିଣ୍ଟନ ଏବଂ ବୁଶ୍‌ଙ୍କ ବିଶ୍ୱାସ ଥିଲା ଯେ, ଅଧିକ ଆର୍ଥିକ ଉଦାରବାଦୀ ଏକଛତ୍ରବାଦକୁ ଦୁର୍ବଳ କରିପାରିବ। ତାଙ୍କର ବିଶ୍ୱାସ ଭୁଲ ନ ଥିଲା। ସ୍ପେନ୍‌ରେ ଏକଛତ୍ରବାଦୀ ଫ୍ରାନସିସ୍‌କୋ ଫ୍ରାନ୍‌କୋଙ୍କ ଶାସନରେ ଏଭଳି ଘଟିଥିଲା। ସମ୍ପଦ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ସମ୍ପର୍କ ବୃଦ୍ଧି ଯୋଗୁ ଏକଛତ୍ରବାଦୀ ଦେଶଗୁଡ଼ିକରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବ। ଏଥିପାଇଁ ସିପିସି ଲଗାତର ପୂର୍ଣ୍ଣ ଉଦାରବାଦୀକୁ ବିରୋଧ କରି ଆସୁଛି ଓ ଅଧିକ କ୍ଷତି ସହି ମଧ୍ୟ ନିଜ ସେକ୍ଟରଗୁଡ଼ିକୁ ସୁରକ୍ଷା ଦେଇଆସୁଛି। ଆଭ୍ୟନ୍ତରୀଣ ସୁରକ୍ଷାରେ ସିପିସି ଅତ୍ୟଧିକ ନିବେଶ କରିବାର ବି ଏହା ଏକ ପ୍ରମୁଖ କାରଣ। ୨୦୦୭ରୁ ଏ ବାବଦରେ ବାର୍ଷିକ ଖର୍ଚ୍ଚକୁ ତିନିଗୁଣ ବଢ଼ାଇଛି। ୨୦୧୭ରେ ଚାଇନାର ଆଭ୍ୟନ୍ତରୀଣ ସୁରକ୍ଷା ବାବଦୀୟ ଖର୍ଚ୍ଚ ୧.୨୪ ଟ୍ରିଲିୟନ ୟୁଆନ (୧୯୬ ବିଲିୟନ ଡଲାର) ଥିଲା। ଏହା ଚାଇନାର ପ୍ରତିରକ୍ଷା ବ୍ୟୟଠାରୁ ପ୍ରାୟ ୨୦ ବିଲିୟନ ୟୁଆନ ଅଧିକ। ଏହି ସବୁ ଅତ୍ୟଧିକ ନିବେଶରେ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ। ଏପରି କି ଏଭଳି ସଂସାଧନ ବିନା କ୍ୟୁବା ଏବଂ ଇରାନର ଏକଛତ୍ରବାଦୀ ଅଧିକ କଠୋର ହେବା ପ୍ରମାଣିତ ହୋଇଛି। ଏମିତି କି, ଯଦି କୁହାଯାଏ, ଆକସ୍ମିକ ଭାବେ ଚାଇନାରେ ଶାସନ ପରିବର୍ତ୍ତନ ହୁଏ ,ତେବେ ସେଠାରେ ପାଶ୍ଚତ୍ୟ ଢାଞ୍ଚାର ଗଣତନ୍ତ୍ର ଆସିବା ଚିନ୍ତା କରିବା ବୋକାମୀ। ସୋଭିଏତ୍ ସଂଘର ବିଭାଜନ ପରେ ବି ରୁଷିଆରେ ଏମିତିକା ଗଣତନ୍ତ୍ର ଆସିଲା ନାହିଁ। ଅନ୍ୟପଟେ, ଗଣତାନ୍ତ୍ରିକ ପରିବର୍ତ୍ତନ ଧାରାରେ ଏକଛତ୍ରବାଦ ବା ସତ୍ତାବାଦୀ ଶକ୍ତି ସହଜରେ ତିଷ୍ଠିପାରେ ବୋଲି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କାର୍ଯ୍ୟକାଳ ପ୍ରମାଣ କରି ଦେଇଛି। ଶାସନ ପରିବର୍ତ୍ତନ ହେଲେ ଆମେରିକା ଓ ତା'ମେଣ୍ଟରାଷ୍ଟ୍ରଗୁଡ଼ିକୁ ଚାଇନା ଆହ୍ୱାନ ଦେବା ବନ୍ଦ କରିବ ବୋଲି ଭାବିବା ଭୁଲ୍, ଯାହା ରୁଷିଆ କ୍ଷେତ୍ରରେ ଅନୁଭବ କରାଯାଇଛି।

ଚାଇନାର ଆହ୍ୱାନକୁ ଗମ୍ଭୀରତାର ସହ ନେବା ଉଚିତ। ପୂର୍ବ ଏସିଆରେ ଚାଇନା ରାଜକୀୟ ଢାଞ୍ଚାର ଏକଛତ୍ରବାଦୀ ଶାସନ ନେଇ ଆଗେଇବା ଯୋଗୁ ଦୀର୍ଘଦିନରୁ ଚାଇନାର ରାଷ୍ଟ୍ରପତି ଶି ଜିନପିଙ୍ଗ ଶାନ୍ତିପୂର୍ଣ୍ଣ ବିକାଶର ଯେଉଁ ପ୍ରତିବଦ୍ଧତା ପ୍ରକାଶ କରିଆସୁଛନ୍ତି ତାହା ଠାରୁ ଦୂରେଇ ଯାଇଛନ୍ତି। ସେ ଏକ ନୂତନ ମାଓବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିଛନ୍ତି। ଏଣୁ ମାନବ ଅଧିକାର ପ୍ରତି ଗୁରୁତ୍ୱ ଦେବା ଲାଗି ଶି'ଙ୍କ ଶାସନ ଉପରେ ଚାପ ପ୍ରୟୋଗ କରିବା ମାନେ ଆହୁରି ଅଧିକ ଶତ୍ରୁତା ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟ ଦେଶର ସୁରକ୍ଷା ଉପରେ ଚାଇନା ବିପଦ ସୃଷ୍ଟି କରୁଥିବାରୁ ଆମେରିକା କିଛି ପଦକ୍ଷେପ ଗ୍ରହଣ କରିଛି। ବାଇଡେନ୍ ପ୍ରଶାସନ ଏବେ ସମ୍ମିଳିତ ସୁରକ୍ଷା ବ୍ୟବସ୍ଥା କରିବାରେ ଲାଗିଛି। ଇଂଲଣ୍ଡ ,ଅଷ୍ଟ୍ରେଲିଆ ସହ ଅକୁସ ଚୁକ୍ତି କରିବା ସହ ଅଷ୍ଟ୍ରେଲିଆ,ଭାରତ,ଜାପାନ ସହିତ କ୍ୱାଡ୍ ମେଣ୍ଟ ଗଠନ କରିଛି। ଚାଇନା ଆହ୍ୱାନର ମୁକାବିଲା କରିବା ଲାଗି ଏହାକୁ ଜାରି ରଖିବା ମଧ୍ୟ ଆବଶ୍ୟକ।

**ପୂର୍ବତନ ବୈଦେଶିକ ମନ୍ତ୍ରୀ, ଇସ୍ରାଏଲ୍**

## ଏଇ ଭାରତରେ

ବହୁ ସମୟରେ ତୃଣମୂଳସ୍ତରରେ କୃଷକମାନେ ଦେଶୀ ଜ୍ଞାନକୌଶଳରେ ନୂତନ ଯନ୍ତ୍ର ଉଦ୍ଭାବନ କରିଥାଆନ୍ତି, କିନ୍ତୁ ନୂଆ କିସମର ବାଇଗଣ ବିକାଶ କରି ଉଦାହରଣ ସୃଷ୍ଟି କରିଛନ୍ତି ଛତିଶଗଡ଼ର ଲିଲାରାମ ସାହୁ। ଧମାରି ଜିଲା କୁରୁଦ ତହସିଲର ଧୁମା ଗାଁରେ ରହନ୍ତି ଲିଲାରାମ। ସେ ବିକାଶ କରିଥିବା ନୂଆ କିସମ ବାଇଗଣର ନାମ 'ନିରଞ୍ଜନ ଭଟ'। ଏହା ସମ୍ପୂର୍ଣ୍ଣ କୀଟ ପ୍ରତିରୋଧକ ଓ ଏଥିରେ ୧.୫ ରୁ ୧.୭ ଫୁଟ ଲମ୍ବ ବାଇଗଣ ଫଳୁଛି। ଗରିବର ପରିବା କୁହାଯାଉଥିବା ବାଇଗଣ ଚାଷ ୧୯୮୮ରୁ ଆରମ୍ଭ କରିଥିଲେ ଲିଲାରାମ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସେ ଏହି ଚାଷ କରିଆସୁଛନ୍ତି। ବିଭିନ୍ନ କିସମର ବାଇଗଣ ଚାଷ କରିବା ସହ ଏହା ଉପରେ ଗବେଷଣା କରି ଏହି ନୂଆ କିସମ ସାମ୍ନାକୁ ଆଣିଛନ୍ତି। ଏବେ 'ନିରଞ୍ଜନ ଭଟ' କିସମ ବାଇଗଣ ଚାଷ ଭାରତର ବିଭିନ୍ନ ଅଞ୍ଚଳରେ ଆରମ୍ଭ ହୋଇଛି। ଭାରତରେ ଯେତେ ପ୍ରକାର ବାଇଗଣ ଫଳେ ତାହାର ଲମ୍ବ୧୦ରୁ ୨୫ ସେ.ମି. ମଧ୍ୟରେ ରହିଥାଏ। କିନ୍ତୁ ନିରଞ୍ଜନ ଭଟ ନୂଆ କିସମ ବାଇଗଣ ସବୁ ରେକର୍ଡ ଟପିଯାଇଛି। ଲିଲାରାମ ମଧ୍ୟ ୬୦ ଇଞ୍ଚ ଲମ୍ବ ବାଇଗଣ ଫଳାଇବାରେ ସକ୍ଷମ ହୋଇଛନ୍ତି। କିନ୍ତୁ ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି ମନେକରି ସେ ଏହି ଚାଷ ବନ୍ଦ କରିଦେଇଛନ୍ତି। ଧୁମା ଗାଁରେ ୧୫୦ ପରିବାର ରହୁଛନ୍ତି। ସବୁ ପରିବାରକୁ ବାଇଗଣ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି ଲିଲାରାମ। ପାଣି ଅଭାବ ଦୂର କରିବା ଲାଗି ସେ ଗ୍ରାମବାସୀଙ୍କ ସହଯୋଗରେ ଅନେକ ଚେକ୍ ଡ୍ୟାମ୍ ନିର୍ମାଣ କରିଛନ୍ତି। ବର୍ଷକୁ ସମସ୍ତେ ଦୁଇ ଥର ବାଇଗଣ ଚାଷ କରି ବେଶ୍ ଲାଭ ପାଉଛନ୍ତି। ଏହି ମଞ୍ଜି ସେ ବିଭିନ୍ନ ରାଜ୍ୟର କୃଷକମାନଙ୍କୁ ଦେଉଛନ୍ତି।

## ଚିରନ୍ତନୀ

ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର। –(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | 8 |
| | 5 | | 1 | 4 | | | 6 | |
| | | | | | | 5 | | |
| | 4 | | | 8 | 6 | 3 | | |
| | | 3 | | 5 | | | | |
| | | 1 | | 7 | | 9 | | 6 |
| | | | | | | 1 | | |
| | | 8 | | 2 | 4 | | 5 | |
| 4 | | | | | 3 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 6 | 4 | 7 | 3 | 9 | 1 |
| 4 | 9 | 1 | 5 | 8 | 3 | 6 | 7 | 2 |
| 3 | 7 | 6 | 1 | 2 | 9 | 5 | 4 | 8 |
| 1 | 3 | 9 | 2 | 5 | 8 | 4 | 6 | 7 |
| 6 | 4 | 7 | 9 | 3 | 1 | 8 | 2 | 5 |
| 2 | 8 | 5 | 7 | 6 | 4 | 1 | 3 | 9 |
| 9 | 2 | 3 | 8 | 1 | 6 | 7 | 5 | 4 |
| 7 | 6 | 8 | 4 | 9 | 5 | 2 | 1 | 3 |
| 5 | 1 | 4 | 3 | 7 | 2 | 9 | 8 | 6 |

ଗତକାଲିର ଉତ୍ତର

# ସହରୀକରଣ ଓ ସ୍ୱାସ୍ଥ୍ୟ ସମସ୍ୟା



ଡା. ଦିଲ୍ଲୀପ କୁମାର ମହାରଣା

ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା ସମସ୍ତେ ଅଳ୍ପବହୁତ ଅନୁଭବ କରିଥାନ୍ତି। ଆବଶ୍ୟକତାଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରି ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ। କେବଳ ବୟସ୍କ ନୁହନ୍ତି, ଛୋଟପିଲାମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ। ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ। ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ। ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ। କେବଳ ସେତିକି ନୁହେଁ, ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠିଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି। ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି। ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ୍ୟ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ। ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟାମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ଦେଉନାହାନ୍ତି।

ମେଦବହୁଳତା ହେଲେ ଲିଭର ଭିତରେ ଚର୍ବି ଜମିଯାଏ। ଏହି ଚର୍ବିଗୁଡ଼ିକ ଧୀରେ ଧୀରେ ଲିଭରର କୋଷକୁ ଆକ୍ରାନ୍ତ କରି ଏକ ପ୍ରଦାହ ସୃଷ୍ଟି କରେ। ପ୍ରଥମ ଅବସ୍ଥାରେ ଏହାକୁ ଫ୍ୟାଟି ଲିଭର କୁହନ୍ତି ଓ ଦ୍ୱିତୀୟ ଅବସ୍ଥାରେ ଏହାକୁ ନାସ୍ ବୋଲି କୁହନ୍ତି। ଧୀରେ ଧୀରେ ଲିଭର ଭିତରେ ସୂତ୍ରତନ୍ତୁମୟତା ବଢ଼ିଯାଇ ଫାଇବ୍ରୋସିସ୍ ହୁଏ। ଏହା ଲିଭରରେ ମୋଟା କ୍ଷତ ଦାଗ ସୃଷ୍ଟି କରେ ଓ ଲିଭର ଭିତରେ ଛୋଟ ଛୋଟ ଗ୍ରନ୍ଥି ହୋଇ ଏହା ଫୁଲିଯାଏ। ଏହାକୁ ଲିଭର ସିରୋସିସ୍ କୁହନ୍ତି। ଧୀରେ ଧୀରେ ଲିଭର ସିରୋସିସ୍ ବଢ଼ି ଲିଭର କ୍ୟାନ୍‌ସରରେ ରୂପାନ୍ତରିତ ହୁଏ। ମେଦବହୁଳତା ଯୋଗୁ ୭୦% କ୍ଷେତ୍ରରେ ଫ୍ୟାଟିଲିଭର ହୁଏ ଓ ୧୫ରୁ ୨୦% କ୍ଷେତ୍ରରେ ତାହା ଲିଭରସିରୋସିସ୍ ହୁଏ। ଏହା ବ୍ୟତୀତ ଡାଏବେଟିସ୍, ଗଣ୍ଠିବାତ ରୋଗ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ ଓ ଶ୍ୱାସଜନିତ ସମସ୍ୟା ଦେଖାଦିଏ। ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବୃଦ୍ଧି ପାଇ ଗଣ୍ଠିବାତ ମଧ୍ୟ ହୁଏ। ଧୀରେ ଧୀରେ ବୃକକ୍‌କୁ ମଧ୍ୟ ଆକ୍ରାନ୍ତ କରେ ଓ ମସ୍ତିଷ୍କରେ ରକ୍ତ ପ୍ରବାହ କମିଯାଏ ଏବଂ ବେଳେ ବେଳେ ପାରାଲିସିସ୍ ମଧ୍ୟ ହୁଏ। କେତେକ କ୍ଷେତ୍ରରେ ମେଦବହୁଳତା ପରିବାରର ଜିନ୍ ସଂକ୍ରାନ୍ତୀୟ ବଂଶାନୁକ୍ରମିକ ଭାବେ ଜଣକୁ ହୋଇଥାଏ କିନ୍ତୁ, ଏହାର ସମ୍ଭାବନା କମ୍।

ମେଦବହୁଳତା ପରି ସ୍ୱାସ୍ଥ୍ୟ ସମସ୍ୟା ସହରୀକରଣ, ଜଗତୀକରଣ ଓ ଉଦ୍ୟୋଗୀକରଣ ଯୁଗର ନିୟମିତ ଧାରାରେ ପରିଣତ ହୋଇଛି। ଭାରତ ପରି ବିକାଶଶୀଳ ଦେଶମାନେ ନିଜ ଖାଦ୍ୟ ନୀତିରେ ସଂସ୍କାର ନ ଆଣିଲେ ଦେଶ ଧନୀ ହେବା ଆଗରୁ ରୋଗଣା ହୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି। ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବ୍ୟାଙ୍କର ମିଳିତ ଅନୁସନ୍ଧାନରୁ ଜଣାପଡ଼ିଛି ମେଦବହୁଳତା ସାରା ବିଶ୍ୱରେ ବଢ଼ୁଛି। ପୃଥିବୀର ଅର୍ଦ୍ଧେକ ଅଧିକ ଓଜନର ଶିଶୁ ଅଛନ୍ତି ଏସିଆ ମହାଦେଶରେ, ଏକଚତୁର୍ଥାଂଶ ଅଛନ୍ତି ଆଫ୍ରିକାରେ। ପରିସଂଖ୍ୟାନରୁ ଜଣାପଡ଼ିଛି, ବିକାଶଶୀଳ ଦେଶର ସହରଗୁଡ଼ିକରେ ମେଦବହୁଳ ଲୋକଙ୍କ ସଂଖ୍ୟା ବଢ଼ୁଛି। ଭାରତର ଜାତୀୟ ପୁଷ୍ଟି ଅନୁଷ୍ଠାନର ତଥ୍ୟ ଅନୁଯାୟୀ ଭାରତର ସହରଗୁଡ଼ିକରେ ଏକ ଚତୁର୍ଥାଂଶ ପୁରୁଷ ଓ ଅର୍ଦ୍ଧାଧିକ ମହିଳା ମୋଟା। ଏସିଆ ଓ ଆଫ୍ରିକା ମହାଦେଶରେ ବର୍ତ୍ତମାନ ସର୍ବାଧିକ ସହରୀକରଣ ଚାଲିଛି। ଗ୍ରାମାଞ୍ଚଳରୁ ଲୋକମାନେ ସହରକୁ ଆସୁଛନ୍ତି। ସହରରେ ସହଜରେ ସେମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଉପଲବ୍ଧ ହେଉଛି। ଏହା ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର କାରଣ ହେଉଛି। କ୍ଷୁଧା ଶେଷ କରିବା ପାଇଁ ସରକାରଙ୍କର ପ୍ରଚେଷ୍ଟା ଆଗରେ ମେଦବହୁଳତା ଏକ ଆହ୍ୱାନ ସଦୃଶ ଉଭା ହୋଇଛି। ସହରକୁ ସୁବିଧାଜନକ କରିବା ନିମନ୍ତେ ସରକାରଙ୍କ ବ୍ୟବସ୍ଥା ସହରବାସୀଙ୍କୁ ମେଦବହୁଳ କରିଦେଉଛି। ଆଗାମୀ ଦିନରେ ବଡ଼ ସମସ୍ୟା ହେବାକୁ ଯାଉଥିବା ଏହି ସମସ୍ୟାର ଉପଯୁକ୍ତ ପରିଚାଳନା ପାଇଁ ଦୃଢ଼ ନୀତି ଆବଶ୍ୟକ।

ବିକାଶଶୀଳ ଦେଶଗୁଡ଼ିକର ସହରରେ ପ୍ରକ୍ରିୟାକୃତ ଖାଦ୍ୟ, ତେଲଛଣା ଖାଦ୍ୟ, ଫାଷ୍ଟଫୁଡ୍ ଏବଂ ଅନ୍ତଃରାଷ୍ଟ୍ରୀୟ ଚେନ୍‌ଗୁଡ଼ିକର ବ୍ୟବସାୟ କାୟା ବିସ୍ତାର କରୁଛି। ଏହା ପାରମ୍ପରିକ ସ୍ୱାସ୍ଥ୍ୟକର ଖାଦ୍ୟାଭାସରୁ ମଣିଷକୁ ଦୂରେଇ ନେଉଛି। ଏଥିସହ ସହରୀ ଜୀବନରେ ଶାରୀରିକ ପରିଶ୍ରମ ତୁଳନାତ୍ମକ ଭାବରେ କମ୍। ଅବସର ବିନୋଦନ ପାଇଁ ଟେଲିଭିଜନ, ସିନେମା ଓ ଭିଡିଓ ଗେମ୍ ଉପରେ ଅଧିକ ନିର୍ଭରଶୀଳ ଲୋକମାନେ। ଅଧିକାଂଶ ଘରେ ଏସବୁ ସୁବିଧା ଉପଲବ୍ଧ। କିନ୍ତୁ ଏହାର ସବୁଠାରୁ ଉଦ୍‌ବେଗଜନକ ପରିଣାମ ହେଉଛି ବିକାଶଶୀଳ ଦେଶଗୁଡ଼ିକ ଧନୀ ହେବା ପୂର୍ବରୁ ରୋଗଣା ହୋଇଯିବାର ଆଶଙ୍କା। କାରଣ ଏହି ସ୍ୱାସ୍ଥ୍ୟ ସମସ୍ୟା କ୍ରମେ ବିକାଶଶୀଳ ଦେଶଗୁଡ଼ିକର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧରାଶାୟୀ କରିଦେବ। ଦକ୍ଷିଣ-ପୂର୍ବ ଏସିଆରେ ମେଦବହୁଳତାଜନିତ ରୋଗ ଯଥା ମଧୁମେହ ଓ ହୃଦ୍‌ରୋଗରେ ବାର୍ଷିକ ଦଶ ବିଲିୟନ ଡଲାର ବ୍ୟୟ ହେଉଛି। ୨୦୩୦ ବେଳକୁ ଚାଇନାର ମେଦବହୁଳ ଯୁବପିଢ଼ି ନିମନ୍ତେ ଚିକିତ୍ସା ବାବଦରେ ସାତଶହ ଚବିଶ ବିଲିୟନ ଡଲାର ଖର୍ଚ୍ଚ ହେଉଥିବ ବୋଲି ଆକଳନ କରାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂଘର୍ଷ କରୁଥିବା ଯେ କୌଣସି ବିକାଶଶୀଳ ଦେଶ ପାଇଁ ଏହା ଏକ ବିରାଟ ବୋଝ ପାଲଟିବ। ଶୁଳ୍କ, ସହରର ଢାଞ୍ଚା, ଶିକ୍ଷା, ସଚେତନତା ଏବଂ ସ୍ଥାନୀୟ ଉତ୍ପାଦିତ ଖାଦ୍ୟକୁ ପ୍ରୋତ୍ସାହନ ମେଦବହୁଳତାକୁ ରୋକିବା ଦିଗରେ ସହାୟକ ହେବ। କେତେକ ଦେଶରେ ସରକାର ମେଦବହୁଳତାକୁ ରୋକିବା ପାଇଁ ପରୀକ୍ଷାମୂଳକ ଭାବରେ କିଛି ପଦକ୍ଷେପ ନେଇଛନ୍ତି। ଉଦାହରଣ ସ୍ୱରୂପ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପାନୀୟ ଉପରେ କର ବ୍ୟବସ୍ଥା। ଆମେରିକା ସରକାର ସୋଡ଼ା କର ଅଭିଯାନ ଆରମ୍ଭ କରିଛନ୍ତି। ଥାଇଲାଣ୍ଡ, ବ୍ରୁନେଇ ଓ ସିଙ୍ଗାପୁର ସମାନ ପଦକ୍ଷେପ ନେଇଛନ୍ତି। ୨୦୧୮ଏପ୍ରିଲରୁ ଦକ୍ଷିଣ ଆଫ୍ରିକା ସରକାର ଚିନି କର ଲାଗୁ କରିବାର ନିଷ୍ପତ୍ତି ନେଇଛନ୍ତି। ବ୍ରିଟେନରେ ଅଧିକ ଫ୍ୟାଟ, ଲୁଣ ଓ ଚିନି ଥିବା ଖାଦ୍ୟ ଷୋହଳ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ବିକ୍ରି କରାଯିବା ଉପରେ କଟକଣା ଜାରି କରାଯାଇଛି। କାଲିଫର୍ନିଆର ବର୍କଲେ ସହରକୁ ପଦଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ସହଯୋଗୀ କରାଯାଇଛି କେବଳ ମେଦବହୁଳତାକୁ ଆଖିରେ ରଖି। ଅସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ଆଇନ ଦ୍ୱାରା ନିୟନ୍ତ୍ରଣ ରଖି ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭାସ ଉପରେ ସଚେତନତା ସୃଷ୍ଟି ଦ୍ୱାରା ମେଦବହୁଳତା ପରି ଘାତକ ଦୀର୍ଘସୂତ୍ରୀ ସମସ୍ୟାର ସମାଧାନ କରାଯାଇପାରେ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ବିକାଶଶୀଳ ଦେଶଗୁଡ଼ିକରେ ଉଭୟ ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିୟମ ପ୍ରଚଳନ କରିବା ଏ ଦିଗରେ ବିଶେଷ ଲାଭଦାୟୀ ହୋଇପାରିବ। ବିଶ୍ୱ ପୁଷ୍ଟି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସାରା ଦେଶରେ ଚାଲିଥିବା ବିକାଶ ଧାରା ନିମନ୍ତେ ମେଦବହୁଳତା ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ଉଭା ହୋଇପାରେ। ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ। ବଜାରର ତଥାକଥିତ ଫାଷ୍ଟଫୁଡଠାରୁ ଫ୍ରିଜ୍‌ର ଥଣ୍ଡାଖାଦ୍ୟ, ଚକୋଲେଟ, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ। କଠିନ ପରିଶ୍ରମ ହିଁ ମେଦବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ।

**ଶିଖରପୁର ଉପରସାହି, କଟକ,**
**ମୋ:୯୪୩୮୫୮୩୨୮୯**

# ମନ ତୋହର ନିଜ ଗୁରୁ



ଡ. ନରେନ୍ଦ୍ର ସେଠୀ

ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ। ଭାଗବତର ଏହି ଅମୂଲ୍ୟ ଦୁଇ ଧାଡ଼ିର ଅର୍ଥ ହେଲା ଆମେ ନିଜେ ନିଜର ଗୁରୁ ବା ମନ ହିଁ ମଣିଷକୁ ବାଟ ଦେଖେଇ ଥାଏ। ଅର୍ଥାତ୍ ଯଦି ଅନ୍ୟର ମନ ଭିତରେ କ'ଣ ଅଛି ଜାଣି ହୁଅନ୍ତା ଅନେକ ଭୁଲ୍ ବୁଝାମଣା ଦୂରେଇ ଯାଆନ୍ତା। ଯେ କୌଣସି ଜିନିଷ ଛୁଇଁବା, ସ୍ୱାଦକୁ ଚାଖିବା କିମ୍ବା ସୁଖ ଦୁଃଖ ଅନୁଭବ ଆମେ ମସ୍ତିଷ୍କ ସାହାଯ୍ୟରେ କରିଥାଉ। ନିମିଷକ ମଧ୍ୟରେ ଆମ ଶରୀରର ସ୍ନାୟୁତନ୍ତ୍ର ବିଦ୍ୟୁତ ଚୁମ୍ବକୀୟ ତରଙ୍ଗ ସାହାଯ୍ୟରେ ମସ୍ତିଷ୍କକୁ ଏ ବିଷୟରେ ଖବର ଦିଏ ଓ ମସ୍ତିଷ୍କ ଶରୀରକୁ ଅବଗତ କରାଇଥାଏ। ଅର୍ଥାତ୍ ମସ୍ତିଷ୍କ ଭିତରେ ଥିବା ଯଦି ସେଇ ବିଦ୍ୟୁତ ଚୁମ୍ବକୀୟ ତରଙ୍ଗଙ୍କୁ ପଢ଼ି ହେଲା ତା'ହେଲେ ଜଣେ କ'ଣ ଭାବୁଛି ସହଜରେ ଜାଣି ହେବ। ଏହାକୁ ଟେଲିପ୍ୟାଥି ବା ମାନସିକ ଦୂର ସଞ୍ଚାର କୁହାଯାଏ। ପୂର୍ବରୁ ଟେଲିପ୍ୟାଥି ଜରିଆରେ ଭାବନାର ଆଦାନ ପ୍ରଦାନ କରିବା ଅସମ୍ଭବ କିମ୍ବା ଏକ ଯାଦୁଗରର ଚମତ୍କାର ଭଳି ବୋଲି ଲାଗୁଥିଲା। କିନ୍ତୁ ବିଜ୍ଞାନ ଏହାକୁ ଭୁଲ୍ ପ୍ରମାଣ କରୁଛି। ଟେଲିପ୍ୟାଥି ବର୍ତ୍ତମାନ ଅନେକ ବିଦ୍ୟାଳୟ ଗୁଡ଼ିକରେ ଅନୁସନ୍ଧାନର ବିଷୟ ପାଲଟିଛି, ଯେଉଁଠାରେ ବୈଜ୍ଞାନିକମାନେ ଉନ୍ନତ ସେନ୍‌ସର ବ୍ୟବହାର କରି ମଣିଷ ମସ୍ତିଷ୍କରେ ତିଆରି ହେଉଥିବା ଶବ୍ଦ, ଚିତ୍ର ଏବଂ ଚିନ୍ତାଧାରାକୁ ପଢ଼ିବା ପାଇଁ ସକ୍ଷମ ହୋଇଛନ୍ତି। ଏହି ଯୁଗାନ୍ତକାରୀ ସଫଳତା ହୃଦ୍‌ଘାତ କିମ୍ବା ଦୁର୍ଘଟଣାର ଶିକାର ହୋଇ କେବଳ ମସ୍ତିଷ୍କ ଛଡ଼ା ସବୁ ଅଚଳ ହୋଇଥିବା ଲୋକମାନଙ୍କ ପାଇଁ ବରଦାନ ପାଲଟିବ। ସେମାନେ ମନରେ ଭାବି ଆମ ସହ ସ୍ୱଷ୍ଟ ଭାବରେ ଭାବର ଆଦାନ ପ୍ରଦାନ କରିପାରିବେ। କେବଳ ଏତିକି ନୁହେଁ, ଟେଲିପ୍ୟାଥି ଯୋଗୁ କମ୍ପ୍ୟୁଟର ସହିତ ଆମର ଚିରାଚରିତ ମାଉସ ଓ ସ୍ୱର ନିର୍ଦ୍ଦେଶ ବଦଳରେ ଆମେ ମାନସିକ ଭାବରେ ନିର୍ଦ୍ଦେଶ ପ୍ରଦାନ କରିପାରିବା। ଏହାର ଅର୍ଥ ହେଉଛି ଫୋନ କରି ଲୋକଙ୍କୁ ଡାକିବା, କ୍ରେଡିଟ କାର୍ଡ ବିଲ୍ ପୈଠ କରିବା, କାର ଚଳାଇବା, ମିଟିଂ ପାଇଁ ସମୟ ଚିଠା ପ୍ରସ୍ତୁତ କରିବା, ସଂଗୀତ ତିଆରି କରିବା ଇତ୍ୟାଦି ସବୁ କାର୍ଯ୍ୟ କମ୍ପ୍ୟୁଟର ସହିତ ମନର ଶକ୍ତି ବ୍ୟବହାର କରି ସମ୍ଭବ ହୋଇପାରିବ।

ବିଜ୍ଞାନଭିତ୍ତିକ କାଳ୍ପନିକ ସିନେମାରେ ଦେଖିଥିବା ଟେଲିପ୍ୟାଥି କରିବା ପାଇଁ ସାଧାରଣତଃ ବାହ୍ୟ ସାହାଯ୍ୟର ଲୋଡ଼ା ପଡ଼ିଥାଏ କିନ୍ତୁ ବିଜ୍ଞାନ ଅନୁସାରେ ଆମ ମସ୍ତିଷ୍କ ବୈଦ୍ୟୁତିକ ତରଙ୍ଗରେ କାମ କରିଥାଏ ଓ ଇଲେକ୍ଟ୍ରୋନର ଗତି ବେଳେ ବିଦ୍ୟୁତ ଚୁମ୍ବକୀୟ ତରଙ୍ଗ ତିଆରି ହୋଇଥାଏ। ଏହି ବିଦ୍ୟୁତ୍ ତରଙ୍ଗ ଏତେ ନଗଣ୍ୟ ଯେ ଏହାକୁ ମାପିବା କଷ୍ଟକର। ଏହାକୁ ମାପିବା ପାଇଁ ବୈଜ୍ଞାନିକମାନେ ଏବେ ଅତି ଆଧୁନିକ ଇସିଜି ମେଶିନ ବ୍ୟବହାର କରି ଜଣେ ବ୍ୟକ୍ତି ମନ ଭିତରେ କ'ଣ କଳ୍ପନା କରୁଛି ତା'ର ପାଖାପାଖି ଅନୁମାନ କରିବାରେ ସକ୍ଷମ ହୋଇଛନ୍ତି। ଟେଲିପ୍ୟାଥି ବିଷୟରେ ସବୁଠୁ ବେଶି ଗବେଷଣା ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଚାଲିଛି, ଯୋଉଠି ବୈଜ୍ଞାନିକମାନେ ମଣିଷ ମନର ଭଡିଓ ଚିତ୍ର ଉତ୍ତୋଳନ କରିବାରେ ସକ୍ଷମ ହୋଇ ସାରିଲେଣି। ଅର୍ଥାତ୍ ମଣିଷ ମନକୁ ପଢ଼ି ଚିତ୍ର ଆକାରରେ ପ୍ରକାଶ କରିବାର ଅପୂର୍ବ ସଫଳତା ଏକ ଯୁଗାନ୍ତକାରୀ ଘଟଣା କହିଲେ ଭୁଲ୍ ହେବନି। ଏହି ପଦ୍ଧତିରେ ଜଣେ ସ୍ୱେଚ୍ଛାସେବୀକୁ ଶୁଆଇ ଦେଇ ଏମ୍‌ଆର୍‌ଆଇ ମେଶିନ ଭିତରକୁ ପୂରେଇଦିଆଯାଏ ଓ ତାକୁ ବିଭିନ୍ନ ପ୍ରକାରର ସିନେମା କ୍ଲିପ, ଚିତ୍ର ଇତ୍ୟାଦି ଦେଖିବାକୁ ଦିଆଯାଏ। ଲୋକ ଜଣକ ଘଣ୍ଟା ଘଣ୍ଟା ହଲଚଲ ନ ହୋଇ ସ୍ଥିର ଭାବରେ ସେ ଚିତ୍ର ଓ ଭିଡିଓ କ୍ଲିପ ଦେଖେ। ଏହି ସମୟରେ ଶୋଇଥିବା ଲୋକର ମସ୍ତିଷ୍କ ଭିତରେ ରକ୍ତ ସଞ୍ଚାଳନର ଥ୍ରୀଡି ଚିତ୍ର ଏମ୍‌ଆର୍‌ଆଇ ମେଶିନ ସାହାଯ୍ୟରେ ରେକର୍ଡ କରାଯାଏ। ଭିଡିଓ ଓ ଚିତ୍ର ଦେଖିବା ବେଳେ ମସ୍ତିଷ୍କ ଭିତରେ ହେଉଥିବା ପ୍ରତିକ୍ରିୟାକୁ ଏମ୍‌ଆର୍‌ଆଇ ମେଶିନ ଚିତ୍ର ଆକାରରେ ରେକର୍ଡ କରି ରଖେ ଓ ଏହାକୁ ବୈଜ୍ଞାନିକମାନେ ଏକ ଗାଣିତିକ ସମୀକରଣ ସାହାଯ୍ୟରେ ପଢ଼ିବାରେ ସକ୍ଷମ ହୋଇପାରିଛନ୍ତି। ଫଳରେ ଜଣଙ୍କ ମନରେ ଅଚାନକ ତିଆରି ହେଉଥିବା ଚିତ୍ରକୁ ମଧ୍ୟ ଠାବ କରାଯାଇପାରୁଛି।

ଜଣେ କ'ଣ ଭାବୁଛି ତାହା ପଢ଼ିବା ପାଇଁ ମଣିଷର ଖପୁରିର ଏକ ଅଂଶ କାଢ଼ି ତା' ଭିତରେ ଇଲେକ୍ଟ୍ରୋଡ୍‌କୁ ରଖାଯାଏ; ଯାହା ମସ୍ତିଷ୍କରେ ତିଆରି ହେଉଥିବା ବିଦ୍ୟୁତ୍ ତରଙ୍ଗଗୁଡ଼ିକୁ ସିଧାସଳଖ ମାପିପାରେ। ଏହି ସବୁ ଗବେଷଣାର ଅନେକ ସୁଫଳ ସମାଜକୁ ମିଳିବ। ମସ୍ତିଷ୍କର ବିଦ୍ୟୁତ୍ ତରଙ୍ଗଙ୍କୁ ଅଧ୍ୟୟନ କରି କିଛି ମିନିଟ୍ ମଧ୍ୟରେ ଅନେକ ଦୁରାରୋଗ୍ୟକୁ ଚିହ୍ନଟ କରି ହେବ। ଜଣେ ୦ କ'ଣ ଭାବୁଛି ତାହା ଜାଣିଲା ପରେ ବୈଜ୍ଞାନିକମାନେ ଅନେକ କିଛି କରିପାରିବେ। ବ୍ୟକ୍ତିଜଣକ ଆତ୍ମହତ୍ୟା, ଚୋରି କିମ୍ବା କିଛି ଅଘଟଣ କରିବାକୁ ଚାହୁଁଛି ତାହା ଜଣାପଡ଼ିଯିବ। ତେଣୁ ଅନ୍ୟର ମସ୍ତିଷ୍କ ପଢ଼ି ଆତ୍ମହତ୍ୟା ଭଳି ଘୃଣ୍ୟ କାମକୁ ଅଟକେଇ ହେବ। ଏହାଦ୍ୱାରା ଭବିଷ୍ୟତରେ ମାନସିକ ରୋଗରେ ପୀଡ଼ିତ ଲୋକଙ୍କ ସଫଳ ଚିକିତ୍ସା ମଧ୍ୟ କରିହେବ। କାରଣ ବର୍ତ୍ତମାନ ଏହାର ଠିକ ସଫଳ ଚିକିତ୍ସା ନାହିଁ କହିଲେ ଚଳେ। ବିନା କିଛି ଔଷଧରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ମସ୍ତିଷ୍କକୁ ବୈଦ୍ୟୁତିକ ତରଙ୍ଗ ସାହାଯ୍ୟରେ ଚିକିତ୍ସା କରିହେବ। ଅର୍ଥାତ୍ ଭବିଷ୍ୟତରେ ଆମ ଆଗରେ ଛିଡ଼ା ହୋଇଥିବା ମଣିଷକୁ ଅନେଇବା ମାତ୍ରେ ସେ କ'ଣ ଭାବୁଛି, କ'ଣ କରିବାକୁ ଯାଉଛି ଓ ତା'ର ରୁଚି କ'ଣ ଆମେ ନିମିଷକେ ଜାଣିପାରିବା। ତା'ମାନେ ଅପରାଧ ଓ ଆପରାଧିକତା ମାନସିକତା ଉପରେ ଅଙ୍କୁଶ ଆପେ ଆପେ ଲାଗିବ। ଏହି ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଆମର ନିତିଦିନିଆ ଜୀବନରେ ହେବାକୁ ଯାଉଛି। ପ୍ରଚଣ୍ଡ ସମ୍ଭାବନା ଥିବା ଏହି ଜ୍ଞାନକୌଶଳ ଉପରେ ଗବେଷଣା କରିବାକୁ ଏବେ ଅନେକ ଘରୋଇ ପ୍ରତିଷ୍ଠାନ ଆଗେଇ ଆସିଲେଣି।

**ଯଦୁଗୁଡ଼ା, ପୂର୍ବ ସିଂଭୂମ, ଝାଡ଼ଖଣ୍ଡ**
**ମୋ:୦୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ସୁଧାରିବା ଆବଶ୍ୟକ

ମହାଶୟ,

ପୁରୀ ବଡ଼ଦେଉଳରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରୁଥିବା ଗରିବ ସେବାୟତ ପରିବାରଙ୍କୁ ଆବାସ ଯୋଜନାରେ ଜାଗା ସହ ଅବଢ଼ା ଯୋଜନାରେ ଘର ଯୋଗାଇଦେବାର ନିଷ୍ପତ୍ତି କେତେକାଂଶରେ ସ୍ୱାଗତ ଯୋଗ୍ୟ ହେଲେ ମଧ୍ୟ ଏହାର ଯଥାର୍ଥତା ନ ଥିବା ପରି ମନେହୁଏ। କୌଣସି ଅନୁଦାନ ପ୍ରଦାନ ପୂର୍ବରୁ ସେମାନେ ପ୍ରକୃତରେ ଆର୍ଥିକ ସ୍ୱଚ୍ଛଳ କି ନୁହନ୍ତି ସମୀକ୍ଷା ହେବା ଦରକାର। ସମୀକ୍ଷା ପରେ ସେବାୟତଙ୍କୁ ଅନୁଦାନ ମିଳିବା ଉଚିତ। ସରକାର ପ୍ରଥମେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ନୂତନ ଘର ଯୋଗାଇଦେବା ଆବଶ୍ୟକ। ପରିତାପର ବିଷୟ,ବହୁ ଗରିବ ଲୋକ ଆଜିପର୍ଯ୍ୟନ୍ତ ଫନୀ ବାତ୍ୟାରେ କ୍ଷତି ସହାୟତା ପାଇବା ପାଇଁ ଅପେକ୍ଷା କରି ରହିଥିବାବେଳେ ଆଉ କେତେଜଣଙ୍କ ନାମ ନ ଥିବାରୁ ସେମାନେ ସହାୟତା ରାଶି ପାଇବାରୁ ବଞ୍ଚିତ। ସୁଆର ସେବକ ସେବାୟତମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇ ସୁଦ୍ଧା ତାହାକୁ ଠିକ୍ ରୂପେ ସମ୍ପାଦନ କରାଯାଉ ନାହିଁ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୬୬ ହଜାର ଡଲାର ଟପିଲା ବିଟ୍ କଏନ

**ନୂଆଦିଲ୍ଲୀ,୨୧।୧୦:** ଲୋକପ୍ରିୟ କ୍ରିପ୍ଟୋକରେନ୍ସି ବିଟ୍‌କଏନ୍ ମୂଲ୍ୟ ୬୬ ହଜାର ଟପିଛି। ପ୍ରଥମ ଥର ଲାଗି ବିଟ୍ କଏନ୍ ଏଭଳି ସ୍ତର ଛୁଇଁବାକୁ ସକ୍ଷମ ହୋଇଛି। ଏହାର ମୂଲ୍ୟ ୬% ବଢ଼ିବା ଯୋଗୁ ୬୬,୯୪୭ ଡଲାର ସ୍ତରରେ ଏହା କାରବାର କରୁଛି। ଏହା ପୂର୍ବରୁ ୨୦୨୧ ଏପ୍ରିଲରେ ବିଟ୍ କଏନ ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଏହି ସମୟରେ ବିଟ୍ କଏନ ୬୪,୮୮୯ ଡଲାର ସ୍ତରରେ ରହିଥିଲା। ଏହା ପରେ ପରେ ବିଟ୍‌କଏନ ମୂଲ୍ୟରେ ବୃହତ ପରିମାଣର ହ୍ରାସ ଦେଖାଯାଇଥିଲା। ବିଟ୍‌କଏନ ମୂଲ୍ୟ ପ୍ରାୟ ୩୦ ହଜାର ଡଲାରକୁ ଖସି ଆସିଥିଲା। ଶୀଘ୍ର ବିଟ୍‌କଏନ ମୂଲ୍ୟ ୧ ଲକ୍ଷ ଡଲାର ଛୁଇଁବା ନେଇ କିଛି ବଜାର ବିଶେଷଜ୍ଞ କହିଛନ୍ତି। ଏହି କ୍ରିପ୍ଟୋକରେନ୍ସି ମୂଲ୍ୟରେ ବୃଦ୍ଧି ଯୋଗୁ ବିଟ୍‌କଏନର ମାର୍କେଟ କ୍ୟାପିଟାଲାଇଜେଶନ ୨.୫ ଲକ୍ଷ କୋଟି ଡଲାର ଛୁଇଁଛି। କ୍ରିପ୍ଟୋରେ ନିବେଶ ଲାଗି ଏବେ ନିବେଶକ ଆଗ୍ରହ ଦେଖାଉଛନ୍ତି। ୨୦୩୦ ବେଳକୁ ଭାରତରେ କ୍ରିପ୍ଟୋ ବଜାର ୨୪୧ ନିୟୁତ ଡଲାର ଛୁଇଁପାରେ। ୨୦୧୬ ବେଳକୁ ସାରା ବିଶ୍ୱରେ ୨.୬ ବିଲିୟନ ଡଲାର କ୍ରିପ୍ଟୋବଜାର ଛୁଇଁବ ବୋଲି କୁହାଯାଉଛି। ଭାରତରେ ବର୍ତ୍ତମାନ ୧.୫ କୋଟି କ୍ରିପ୍ଟୋନିବେଶକ ରହିଛନ୍ତି। ବର୍ତ୍ତମାନ ଇଟିଏଫ୍ ଆରମ୍ଭ ହେବା ଯୋଗୁ ବିଟ୍‌କଏନକୁ ନୂଆ ଇଣ୍ଡଷ୍ଟ୍ରି ରୂପେ ଦେଖାଯାଉଛି।

### ୩୩୬ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୨୧।୧୦:** ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ଗୁରୁବାର ୩୩୬ ପଏଣ୍ଟ ହ୍ରାସ ଘଟି ୬୦,୯୨୩ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନଏସ୍‌ଇ)ର ନିଫ୍ଟି କାରବାର ୪୩ ପଏଣ୍ଟ ନିମ୍ନରେ ରହି ୧୮,୨୨୨ ପଏଣ୍ଟରେ ରହିଛି। ୨୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସର ୯ଟି ଶେୟାର କାରବାର ଉନ୍ନତ ଥିବା ବେଳେ ୨୧ଟି ଶେୟାର ପ୍ରଭାବିତ ରହିଛି। ରିଲାଏନ୍ସର ଶେୟାର କାରବାର ପ୍ରାୟ ୩% କମିଛି। ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ କାରବାର ଯୋଗୁ ବଜାରକୁ ସହାୟତା ମିଳିଛି।

# ବ୍ୟସ୍ତବହୁଳ ରୁଟ୍‌ରେ ବିମାନ ଭଡ଼ା ୪୫% ବୃଦ୍ଧି

**ନୂଆଦିଲ୍ଲୀ,୨୧।୧୦**

ଦୀପାବଳି ପୂର୍ବରୁ ବ୍ୟସ୍ତବହୁଳ ରୁଟ୍‌ଗୁଡ଼ିକରେ ବିମାନ ଭଡ଼ା ଲଗାତର ବୃଦ୍ଧି ହେଉଥିବା ଦେଖାଯାଉଛି। ବର୍ଦ୍ଧିତ ଚାହିଦା ଯୋଗୁ ବିମାନ ଭଡ଼ା ପୂର୍ବ ତୁଳନାରେ ପ୍ରାୟ ୩୦ରୁ ୪୫% ବଢ଼ିଥିବା ଜଣାପଡ଼ିଛି। ଟ୍ରାଭେଲ ପୋର୍ଟାଲ ଇକ୍ସିଗୋ ମୁତାବକ, ମୁମ୍ବାଇ-ଦିଲ୍ଲୀ ଏବଂ ମୁମ୍ବାଇ-କୋଲକାତା ସମେତ ଦେଶର ପ୍ରମୁଖ ୧୦ ରୁଟ୍‌ରେ ହାରାହାରି ୱାନୱେ ଇକୋନୋମି କ୍ଲାସ୍ ଭଡା ବୃଦ୍ଧି ୩୦%ରୁ ଊର୍ଦ୍ଧ୍ୱ ରହିଛି। ବାଙ୍ଗାଲୋର-କୋଲକାତା ରୁଟ୍‌ରେ ଭଡ଼ା ୪୦% ବଢ଼ିଥିବା ବେଳେ କଲିକତା ରୁଟ୍‌ରେ ସର୍ବାଧିକ ୪୫% ବଢ଼ିଛି। ଦିଲ୍ଲୀ-ପାଟନା ଏବଂ ବାଙ୍ଗାଲୋର-ପାଟନା ରୁଟ୍‌ରେ ଭଡ଼ା ବୃଦ୍ଧି ୨୫%ରୁ କମ୍ ରହିଥିବା ଜଣାପଡ଼ିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପାଟନାକୁ ଅଧିକ ଟ୍ରେନ୍ ଉପଲବ୍ଧ ହେଉଥିବାରୁ ବିମାନ ଭଡ଼ା ବିଶେଷ ବୃଦ୍ଧି ହୋଇ ନ ଥିବା କୁହାଯାଇଛି।



ଇକ୍ସିଗୋ ସହ ପ୍ରତିଷ୍ଠାତା କେ.ହୱାଲେ କହିଛନ୍ତି, ଟିକାକରଣ ଯୋଗୁ ଲୋକଙ୍କର ଆତ୍ମବିଶ୍ୱାସ ବଢ଼ିଛି। ସେହିଭଳି ଆଡଭାନ୍ସ ପରଚେଜ୍ ପାଟର୍ନରେ ମଧ୍ୟ ପରିବର୍ତ୍ତନ ଆସିଛି। ଅକ୍ଟୋବରରେ ମଧ୍ୟ ବିମାନ ଯାତ୍ରା ବଢ଼ିଛି। ଏହା ପୂର୍ବ ପ୍ରସ୍ତୁତି ଅଗ୍ରିମ କ୍ରୟ ବ୍ୟବହାରକୁ ଦର୍ଶାଉଛି। ଗତ ବର୍ଷ ଏହି ସମୟରେ ବିମାନ କମ୍ପାନୀଗୁଡ଼ିକୁ ୭୦% କ୍ଷମତାରେ ଚଳାଚଳ ଲାଗି ଅନୁମତି ଦିଆଯାଇଥିଲା। ଗତ ନଭେମ୍ବରରେ ବିମାନର ଯାତ୍ରୀ ଟ୍ରାଫିକ କରୋନା ପୂର୍ବ ସମୟ ତୁଳନାରେ ପ୍ରାୟ ୫୦% ମଧ୍ୟ ନ ଥିଲା। ବର୍ତ୍ତମାନ ଦୈନିକ ଯାତ୍ରୀ ଟ୍ରାଫିକ୍ ପ୍ରାୟ ୭୦ରୁ ୭୫% ଛୁଇଁଛି। ବିମାନ ଯାତ୍ରା ଚାହିଦା ବଢ଼ିଥିବା ବେଳେ ଭଡ଼ା ସୀମା ପରିବର୍ତ୍ତନ ହେବା ଯୋଗୁ ପାର୍ବଣରେ ଭଡ଼ା ବୃଦ୍ଧି ହୋଇଥିବା ଜଣାପଡ଼ିଛି।

ଚଳିତ ବର୍ଷ ଅକ୍ଟୋବର ୧୭ରେ ଦେଶ ମଧ୍ୟରେ ୩.୨୭ ଲକ୍ଷ ବିମାନ ଯାତ୍ରୀ ବିମାନ ଯାତ୍ରା କରିଛନ୍ତି। ଲକ୍‌ଡାଉନ ପରେ ଏହା ସବୁଠାରୁ ସର୍ବୋଚ୍ଚ ସ୍ତର। ଟିକାକରଣରେ ତ୍ୱରିତତା, ବିମାନ ଯାତ୍ରା ଉପରେ ରହିଥିବା ପ୍ରତିବନ୍ଧକ କୋହଳ ହେବା ଯୋଗୁ ଧୀରେ ଧୀରେ ଅଧିକ ଲୋକ ବିମାନ ଯାତ୍ରା କରୁଛନ୍ତି। ବିମାନ କମ୍ପାନୀଗୁଡ଼ିକ ଉପରେ ମଧ୍ୟ ପରିଚାଳନା ଖର୍ଚ୍ଚ ଜନିତ ଚାପ ମଧ୍ୟ ରହିଛି। ଶିଳ୍ପର ଜଣେ ଏକ୍‌ଜିକ୍ୟୁଟିଭ କହିଛନ୍ତି, ବିମାନ ଇନ୍ଧନ ଦର ଏବେ ପ୍ରାୟ ୨ ଗୁଣ ବଢ଼ିଛି। ମାତ୍ର ସେହି ତୁଳନାରେ ଭଡ଼ା ବୃଦ୍ଧି ହୋଇନାହିଁ।

## ଫ୍ୟୁରୋ ସ୍ପୋର୍ଟସ ସୁ'ର ପାର୍ବଣ ଅଫର

**ନୂଆଦିଲ୍ଲୀ,୨୧।୧୦**

ଫ୍ୟୁରୋ ସ୍ପୋର୍ଟସ ସୁ' ପକ୍ଷରୁ ପାର୍ବଣ ଲାଗି ପ୍ରସ୍ତୁତି ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଲାଭ ଗ୍ରାହକମାନେ ଡିଷ୍ଟ୍ରିବ୍ୟୁଟର, ରିଟେଲର, ବ୍ରାଣ୍ଡ ଏକ୍ସକ୍ଲୁସିଭ ଷ୍ଟୋର ଏବଂ ଡିଜିଟାଲ ପ୍ଲାଟଫର୍ମରେ ଉଠାଇ ପାରିବେ। ନିକଟରେ ଗ୍ରାହକଙ୍କ ଲାଗି ନୂଆ କଲେକ୍ସନ ଯୋଡ଼ାଯାଇଛି। ଏହା ଦ୍ୱାରା ଗ୍ରାହକ ପ୍ରଡକ୍ଟର ବିଭିନ୍ନ ବିକଳ୍ପ ଲାଭ କରିପାରିବେ। ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ଅଧୀନରେ ଏହି ବ୍ରାଣ୍ଡ୍ କାର୍ଯ୍ୟ କରୁଛି। ପାର୍ବଣରେ ଗ୍ରାହକଙ୍କ ଚାହିଦାରେ ଉନ୍ନତି ଆସିଥିବାରୁ ଚାହିଦା ପୂରଣ ଦିଗରେ କମ୍ପାନୀ ବିଭିନ୍ନ ପଦକ୍ଷେପ ହାତକୁ ନେଇଥିବା କହିଛି। ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ବିଭିନ୍ନ ସ୍ପୋର୍ଟସ ସୁ'ର କଲେକ୍ସନ ଉପଲବ୍ଧ କରାଯାଇଛି। ଗ୍ରାହକ ସବୁ ସମୟରେ ଯେଭଳି ପ୍ରଡକ୍ଟ ଲାଭ କରିପାରିବେ ତାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ଶିଭମ ଚତୁର୍ବେଦୀ କହିଛନ୍ତି। ସେ କହିଛନ୍ତି, ଏବେ ଗ୍ରାହକଙ୍କ ଆଗମନରେ ଉନ୍ନତି ଆସିଛି। ଲୋକଙ୍କ ଚାହିଦାକୁ ପୂରଣ କରିବା ଲାଗି ନିରନ୍ତର ଭିତ୍ତିରେ ଡିଲର, ଡିଷ୍ଟ୍ରିବ୍ୟୁଟର ଏବଂ ରିଟେଲରଙ୍କ ସହ ସମ୍ପର୍କରେ ରହିଛୁ।



# ଭାରତରେ ପ୍ରବେଶ ଲାଗି ଟେସ୍‌ଲାର ପ୍ରସ୍ତୁତି

■ ପିଏମ୍‌ଓ ସହ ସମ୍ପର୍କରେ ଅଛି
■ ଏଲନ୍ ମସ୍କ, ମୋଦିଙ୍କ ଆଲୋଚନା ଚାହୁଁଛି କମ୍ପାନୀ

**ନୂଆଦିଲ୍ଲୀ,୨୧।୧୦**

ଆମେରିକା ଭିତ୍ତିକ ଇ-କାର୍ ପ୍ରସ୍ତୁତ କରୁଥିବା କମ୍ପାନୀ ଟେସ୍‌ଲା ଭାରତ ବଜାରରେ ପ୍ରବେଶ ଲାଗି ପ୍ରସ୍ତୁତି ଜୋରଦାର କରିଛି। କମ୍ପାନୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ସମ୍ପର୍କ କରିଥିବା ଜଣାପଡ଼ିଛି। ଇ-ଯାନ ଉପରେ ଲାଗୁ ହେଉଥିବା ଆମଦାନୀ ଟିକସ କମ୍ କରିବା ଲାଗି ଏହା ଭାରତ ସରକାରଙ୍କୁ ନିବେଦନ କରିଛି। କମ୍ପାନୀର ଏଭଳି ଦାବିକୁ ନେଇ କିଛି ଭାରତୀୟ କମ୍ପାନୀ ଆପତ୍ତି ଉଠାଇଛନ୍ତି। ଟେସ୍‌ଲାର ଏଭଳି ଦାବି ଦ୍ୱାରା ଘରୋଇ ନିବେଶ ସମ୍ଭାବନାକୁ କ୍ଷତି ପହଞ୍ଚିବ ବୋଲି କମ୍ପାନୀଗୁଡ଼ିକ କହିଛନ୍ତି।

ଟେସ୍‌ଲା ଚଳିତ ବର୍ଷଠାରୁ ଭାରତରେ ଏହାର ଯାନଗୁଡ଼ିକ ବିକ୍ରି କରିବା ପାଇଁ ଯୋଜନା ରଖିଛି। ଆମଦାନୀ ହେଉଥିବା କାରଗୁଡ଼ିକ ଦ୍ୱାରା ଭାରତ ବଜାରକୁ ଏହା ପରୀକ୍ଷଣ କରିବାକୁ ଚାହୁଁଛି। ମାତ୍ର କାର୍ ଆମଦାନୀ ଉପରେ ଭାରତ ଯେଉଁ ଭଳି ଭାବେ ଟିକସ ଲାଗୁ କରୁଛି ତାକୁ ନେଇ କମ୍ପାନୀ ସାମ୍ନାରେ ସମସ୍ୟା ରହିଛି। ଭାରତ ସରକାର ଇଲେକ୍ଟ୍ରିକ କାର୍‌ଗୁଡ଼ିକ ଅନ୍ୟ କାର୍ ଭଳି ଦେଖନ୍ତୁ ବୋଲି ଟେସ୍‌ଲା ନିବେଦନ କରିଛି। ଅନ୍ତର୍ଜାତୀୟ ନ୍ୟୁଜ ଏଜେନ୍ସି ରୟଟର୍ସ ମୁତାବକ, ଟେସଲାର ଶୀର୍ଷ ଅଧିକାରୀ ଗତ ମାସରେ ଭାରତ ସରକାରଙ୍କ ସହ ଆଲୋଚନା କରିଛନ୍ତି। ଭାରତ ଲାଗୁ କରୁଥିବା ଉଚ୍ଚ ପରିମାଣର ଟିକସ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହୋଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।



ପିଏମ୍‌ଓ ବୈଠକରେ ଟେସ୍‌ଲା ଏକଜିକ୍ୟୁଟିଭ କହିଛନ୍ତି, ଭାରତ ଅଧିକ ଟିକସ ଲାଗୁ କରୁଥିବାରୁ ଏଠାରେ କାରବାର କରିବା କଷ୍ଟକର ହେବ। ୪୦ ହଜାର ଡଲାରରୁ କମ୍ ମୂଲ୍ୟର ଯାନ ଉପରେ ୬୦% ଏବଂ ଏହାଠାରୁ ଅଧିକ ମୂଲ୍ୟ ଯାନ ଉପରେ ୧୦୦% ଆମଦାନୀ ଟିକସ ଲାଗୁ ହେଉଥିବାରୁ ଯାନଗୁଡିକ ଆହୁରି ମହଙ୍ଗା ହେବ। ଫଳରେ ଯାନଗୁଡ଼ିକୁ ଭାରତରେ ବିକ୍ରି କରିବା କଷ୍ଟକର ବୋଲି ଅଧିକାରୀ ମତ ରଖିଛନ୍ତି। ଟେସ୍‌ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ ମସ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାକ୍ଷାତ ନେଇ କମ୍ପାନୀ ଚାହୁଁଛି। ଟେସ୍‌ଲା ଯଦି ଭାରତରେ ମାନୁଫାକ୍ଚରିଂ ପ୍ଲାଣ୍ଟ ବସାଏ ତେବେ ଆମଦାନୀ ଟିକସ ନେଇ ସରକାର କିଛିଟା ଚିନ୍ତା କରିପାରନ୍ତି ବୋଲି ଜଣେ ସରକାରୀ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

## ଇକୋନୋମି ଏସି-୩ ଟାୟାର ଟ୍ରେନ ଶୀଘ୍ର

**ନୂଆଦିଲ୍ଲୀ,୨୧।୧୦:** ଭାରତୀୟ ରେଳପଥ ପକ୍ଷରୁ ଶୀଘ୍ର ସମ୍ପୂର୍ଣ୍ଣ ଇକୋନୋମି ଏସି-୩ ଟାୟାର କୋଚ୍ ବିଶିଷ୍ଟ ଚଳାଚଳ କରିବ। ହମ୍‌ସଫର ଏକ୍ସପ୍ରେସ କନସେପ୍ଟରେ ଏହାକୁ ପ୍ରସ୍ତୁତ କରାଯାଇଛି। ସାଧାରଣ ଲୋକଙ୍କ ଶୀତତାପ ନିୟନ୍ତ୍ରିତ ଟ୍ରେନ ଯାତ୍ରାକୁ ସୁଲଭ କରିବା ଲକ୍ଷ୍ୟ ନେଇ ଏଭଳି ଏକ ଟ୍ରେନ ଆଣିବାକୁ ରେଲୱେ ଯୋଜନା ରଖିଛି। ନିୟମିତ ଏସି-୩ ଟାୟାର କୋଚ୍ ତୁଳନାରେ ନୂଆ ଟ୍ରେନର ଭଡ଼ା ପ୍ରାୟ ୮% ନିମ୍ନରେ ରହିବ ବୋଲି କୁହାଯାଇଛି। ନୂଆ କରି ପ୍ରସ୍ତୁତ ହୋଇଥିବା କୋଚ୍‌ଗୁଡ଼ିକୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ବୁଲି ଦେଖିଥିଲେ। ଏସି-୩ ଟାୟାର ଇକୋନୋମି କୋଚ୍ ଚଳାଇବା ଦିଗରେ ଉଦ୍ୟମ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଆବଶ୍ୟକ ମୁତାବକ କୋଚ୍ ଉପଲବ୍ଧ ହେବା ମାତ୍ରେ ଟ୍ରେନର ଚଳାଚଳ କରାଯିବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।


## ପେଟିଏମ୍‌ର କ୍ୟାଶବ୍ୟାକ ଧମାକା

**ଭୁବନେଶ୍ୱର,୨୧।୧୦**

ଦେଶର ପ୍ରମୁଖ ଡିଜିଟାଲ ଇକୋସିଷ୍ଟମ ପେଟିଏମ ନିକଟରେ ଏହାର ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ପାର୍ବଣ ଅବସରରେ ୧୦୦ କୋଟିର ମାର୍କେଟିଂ କ୍ୟାମ୍ପେନେ ତା'ର ପାର୍ଟନରମାନଙ୍କ ଜରିଆରେ କରିବ ବୋଲି ଜଣାପଡିଛି। କମ୍ପାନୀ ଚଳିତ ପାର୍ବଣରେ ପେ ଟିଏମ କ୍ୟାଶବ୍ୟାକ ଧାମାକା ନାମରେ ଫେଷ୍ଟିଭାଲ ଅଫରର ସୁବିଧା ଆରମ୍ଭ କରିଛି। ଏହି ସୁବିଧା ୧୪ ଅକ୍ଟୋବରରୁ ଆରମ୍ଭ ହୋଇଯାଇଛି। ଏହା ଜରିଆରେ ୟୁଜର ମନି ଟ୍ରାନ୍ସଫର ସାଙ୍ଗକୁ ଅନଲାଇନ ଓ ଅଫଲାଇନ ପେମେଣ୍ଟ କିମ୍ବା ଆପ ଜରିଆରେ ରିଚାର୍ଜ ଆଦିରେ କ୍ୟାଶବ୍ୟାକ ସୁବିଧା ପାଇପାରିବେ ବୋଲି ସୂଚନା ମିଳିଛି। ଦେଶର ସମସ୍ତ ଜିଲାରେ ଏହି ଅଫର ଓ ସୁବିଧା ଉପଲବ୍ଧ ରହିଛି। ତେବେ ଏହି ଅଫର ଗୁଜୁରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ପାଇଁ କମ୍ପାନୀସ୍ୱତନ୍ତ୍ର ଫୋକସ ଦେଉଥିବା ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଅଫର ୧୪ ଅକ୍ଟୋବରରୁ ୧୪ ନଭେମ୍ବର ପର୍ଯ୍ୟନ୍ତ ରହିବ। ଏହି ଅଫର ମାଧ୍ୟମରେ ପ୍ରତି ଦିନ ୧୦ ଭାଗ୍ୟଶାଳୀ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ମିଳିବ ବୋଲି ଜଣାପଡିଛି। ସେହିଭଳି ୧୦ ହଜାର ବିଜେତା ୧୦୦ଟଙ୍କାର କ୍ୟାଶବ୍ୟାକ ଏବଂ ଆଉ ଦଶ ହଜାର ୟୁଜର୍ସ ୫୦ଟଙ୍କା ଲେଖାଏ କ୍ୟାଶବ୍ୟାକର ବିଜେତା ହୋଇପାରିବେ। ସେହିପରି ନଭେମ୍ବର ୧ରୁ ୩ ତାରିଖ ମଧ୍ୟରେ ୟୁଜରମାନେ ପ୍ରତିଦିନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଜିତିବାର ସୁଯୋଗ ରହିଛି। ଅପରପକ୍ଷରେ ପେଟିଏମ ବ୍ୟବହାରକାରୀମାନେ ମଧ୍ୟ ଆଇଫୋନ-୧୩, ୨୦-୨୦ ବିଶ୍ୱକପ ଟିକଟ, ଲାଭାଇସ ଭଳି ବ୍ରାଣ୍ଡର ଭାଉଚର ସମେତ ଅନେକ କିଛି ପୁରସ୍କାର ଜିତିବାର ସୁଯୋଗ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ମନେ ପଡ଼ନ୍ତି

ଏକାଦଶାହ



୰ହରି ଶଙ୍କର ପ୍ରସାଦ ସିଂହ
ପୂର୍ବତନ କ୍ରୀଡ଼ାବିତ୍ ତଥା ରାଜସ୍ୱ ବୋର୍ଡର ଅବସରପ୍ରାପ୍ତ ସମୀକ୍ଷା ଅଧୀକ୍ଷକ
ଗୁଡ଼ିଆନାଳୀ, ସିଂହ ମାର୍କେଟ୍ କମ୍ପ୍ଲେକ୍ସ, ଢେଙ୍କାନାଳ
ଧରାବତରଣ-୧୯।୧୧।୧୯୩୫
ସ୍ୱର୍ଗାରୋହଣ- ୧୨।୧୦।୨୦୨୧
ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାର, ନ୍ୟାୟ, ବନ୍ଧୁବତ୍ସଳତା, ସ୍ନେହ ଓ ତ୍ୟାଗ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ ଓ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତ ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
"ତୁମରି ସ୍ମରଣେ"
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୬୪

## ଫୁରସତ୍

# ୩ ଶହ ଚରିତ୍ରରେ ଆସିଫ୍‌ଙ୍କ ରେକର୍ଡ



**ମୁମ୍ବାଇ:** ଟେଲିଭିଜନ ଜଗତରେ ଏବେ ସବୁଠୁ ଲୋକପ୍ରିୟ କମେଡି ଧାରାବାହିକ ହେଉଛି 'ଭାବିଜୀ ଘର ପର ହୈ'। ଏଥିରେ ବିଭୂତି ନାରାୟଣ ମିଶ୍ରା ଭୂମିକାରେ ଅଭିନୟ କରନ୍ତି ଆସିଫ ଶେଖ୍। ତାଙ୍କ ଅଭିନୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଏହି ଧାରାବାହିକରେ ଆସିଫ ଏଯାବତ୍ ୩୦୦ରୁ ଊର୍ଦ୍ଧ୍ୱ ଚରିତ୍ରରେ ଅଭିନୟ କରିସାରିଲେଣି। ସେଥିପାଇଁ ଲଣ୍ଡନର ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ତାଙ୍କୁ ଏକ ସ୍ୱତନ୍ତ୍ର ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଆସିଫ୍ ସେହି ସାର୍ଟିଫିକେଟ୍‌କୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ସମ୍ମାନ ପାଇ ଆସିଫ ଖୁସି ଅଛନ୍ତି। ଏଥିପାଇଁ ସେ ଦର୍ଶକଙ୍କୁ ଧନ୍ୟବାଦ ଦେଇଛନ୍ତି। ଦର୍ଶକଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଧାରାବାହିକରେ 'ଅନିତା ଭାବି' ଚରିତ୍ରରେ ପୂର୍ବରୁ ଅଭିନୟ କରୁଥିବା ସୌମ୍ୟା ଟଣ୍ଡନ୍ ଆସିଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୪ରେ ଆସିଫ୍ ପ୍ରଥମେ ସିରିଏଲ 'ହମ୍‌ଲୋଗ୍'ରେ ଅଭିନୟ କରିଥିଲେ। ଏହା ପରେ ସେ ଅନେକ ଟିଭି ଧାରାବାହିକ ଏବଂ ବଲିଉଡ୍ ଫିଲ୍ମରେ ରୋଲ୍ କରିଛନ୍ତି। ୟୁଗ୍, ଚାମ୍ପିଅନ, ତନ୍‌ହା, ମୁସ୍‌କାନ୍, ଗୁଲ୍ ସନୋବର୍, ଚନ୍ଦ୍ରକାନ୍ତ, ୟେସ୍ ବସ୍, ଦିଲ୍ ମିଲ୍‌ଗୟେ, ସିଆଇଡି, ଚିଡିଆ ଘର୍ ଆଦି ଲୋକପ୍ରିୟ ଧାରାବାହିକରେ ସେ ଅଭିନୟ କରିଛନ୍ତି।

# ତତଲା ତାୱାରେ ଖାଲି ହାତ



**ଲକ୍ଷ୍ନୌ:** ତତଲା ତାୱା ଉପରେ ଖାଲି ହାତରେ ତିଆରି କରୁଛନ୍ତି ଚିଲା (ଏକ ପ୍ରକାରର ପିଠା)। ଉତ୍ତରପ୍ରଦେଶର ଗାଜିଆବାଦରେ ଥିବା ଏକ ଷ୍ଟଲରେ ଜଣେ ଦୋକାନୀ ଏମିତି ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରି ଏବେ ଚର୍ଚ୍ଚାରେ। ଦୋକାନୀ ଜଣକ ଖାଲି ହାତରେ ଚିଲା ପାଇଁ ପ୍ରସ୍ତୁତ ଘୋଳକୁ ଗରମ ତାୱା ଉପରେ ଘଷୁଛନ୍ତି। ସେଥିରେ ଅନ୍ୟ କଟା ପରିବା, ପିଆଜ, କ୍ୟାପସିକମ୍ ଆଦି ପକାଇ ଖାଲି ହାତରେ ହିଁ ତାହାକୁ ଓଲଟାଉଛନ୍ତି। ଆଶ୍ଚର୍ଯ୍ୟଜନକଭାବେ ତାଙ୍କ ହାତରେ ଗରମ ତାୱା ଲାଗୁଥିଲେ ହେଁ ତାଙ୍କୁ କୌଣସି ଯନ୍ତ୍ରଣା ହେଉ ନ ଥିବା ଦେଖାଯାଉଛି। ଚିଲା ପ୍ରସ୍ତୁତ ହେବା ପରେ ଏହାକୁ ଖଣ୍ଡ ଖଣ୍ଡ କରି ସେ ବିଭିନ୍ନ ପ୍ରକାରର ଚଟଣି ସହିତ ପରଷୁଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଜୁଆଲ ଶେୟାର କରାଯିବାର ମାତ୍ର ତିନି ଦିନରେ ଏହାକୁ ୧୫ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। ଖାଲି ହାତରେ ଗରମ ତାୱା ଉପରେ ଏଭଳି କାମକୁ ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି।

# ଲାଇଭ୍ ଭିଡିଓରେ ବିଷ ପିଇଲେ

**ବେଜିଂ:** ଚାଇନାର ଜଣେ ଜଣାଶୁଣା ସୋସିଆଲ ମିଡିଆ ବ୍ୟବହାରକାରୀ ଲୁଓ ଶାଓ ମାଓ ଲାଇଭ ଭିଡିଓରେ ଆତ୍ମହତ୍ୟା କରିଛନ୍ତି। ଭିଡିଓ ଷ୍ଟ୍ରିମିଂବେଳେ ସେ ଡିପ୍ରେସନରେ ଥିବା କହିବା ସହ ଏକ ବିଷ ବୋତଲ ଦେଖାଇଥିଲେ। ଏହି ବୋତଲ କୌଣସି ପ୍ରମୋସନାଲ ଭିଡିଓର ଅଂଶ ନୁହେଁ, ବରଂ ସେ ଏହାକୁ ନିଜେ ପିଇବାକୁ ଯାଉଥିବା କହିଥିଲେ। ପରେ ଲୁଓ ଶାଓ ଉକ୍ତ କୀଟନାଶକକୁ ପିଇଦେଇଥିଲେ। କିଛି ମିନିଟ ମଧ୍ୟରେ ଲୁଓ ଶାଓଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଲା। ସେ ନିଜେ ଆମ୍ବୁଲାନ୍ସକୁ ମଧ୍ୟ ଡାକିଥିଲେ। ଆମ୍ବୁଲାନ୍ସ ତାଙ୍କୁ ଡାକ୍ତରଖାନା ନେଇଥିଲା। ହେଲେ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷ ଭିଡିଓରେ ମାଓ ତାଙ୍କ ଫଲୋଅର୍ସମାନଙ୍କୁ କହିଥିଲେ, 'ବୋଧହୁଏ ଏହା ମୋର ଶେଷ ଭିଡିଓ, କାରଣ ମୁଁ ଦୀର୍ଘ ଦିନ ଧରି ଡିପ୍ରେସନରେ ଅଛି'। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କ ଫଲୋଅର୍ସମାନେ ତାଙ୍କୁ କୀଟନାଶକ ପିଇବାକୁ ଉତ୍ସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଡୋଇନ ନାମକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମାଓଙ୍କର ୬ ଲକ୍ଷ ୭୦ ହଜାରରୁ ଅଧିକ ଫଲୋଅର୍ସ ଅଛନ୍ତି। ୧୪ ଅକ୍ଟୋବରରେ ଏହି ଘଟଣା ଘଟିଥିଲା। ଅନ୍ୟପକ୍ଷରେ ମାଓଙ୍କର ଜଣେ ବନ୍ଧୁ କହିଛନ୍ତି, ପ୍ରେମ ସମ୍ପର୍କକୁ ନେଇ ସେ ମାନସିକ ଚାପରେ ଥିଲେ। ପ୍ରେମିକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମାଓ ବିଷ ପିଇଥିଲେ ବୋଲି ସେ ପ୍ରକାଶ କରିଛନ୍ତି।



# ପରଲୋକରେ ରାମାୟଣର ନିଷଦ ରାଜ୍

**ମୁମ୍ବାଇ:** ରାମାନନ୍ଦ ସାଗରଙ୍କ ପୌରାଣିକ ଧାରାବାହିକ 'ରାମାୟଣ'ରେ ପ୍ରଭୁ ଶ୍ରୀରାମଙ୍କ ମିତ୍ର ନିଷଦ ରାଜ୍ (କୈବର୍ତ୍ତ ରାଜା) ଭୂମିକାରେ ଅଭିନୟ କରିଥିବା ଚନ୍ଦ୍ରକାନ୍ତ ପାଣ୍ଡ୍ୟାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ଅସୁସ୍ଥ ଥିବାରୁ ସେ କିଛିଦିନ ହେଲା ମୁମ୍ବାଇର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚନ୍ଦ୍ରକାନ୍ତଙ୍କ ପରଲୋକ ସମ୍ପର୍କରେ 'ରାମାୟଣ'ର ସୀତା ଦୀପିକା ଚିଖାଲିଆ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।



ଗୁଜରାଟରେ ଏକ ବ୍ୟବସାୟୀ ପରିବାରରେ ଜନ୍ମିତ ଏହି ଅଭିନେତା ରାମାୟଣ ବ୍ୟତୀତ ୧୦୦ରୁ ଅଧିକ ହିନ୍ଦୀ, ଗୁଜରାଟୀ ଫିଲ୍ମ ସମେତ ଛୋଟ ପରଦାରେ କାମ କରିଛନ୍ତି। 'ବିକ୍ରମ ବେତାଲ', 'ମହାଭାରତ', 'ତେଜା', 'ହୋତେ ହୋତେ ପ୍ୟାର୍ ହୋ ଗୟା'ରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା ମିଳିଥିଲା। ଚନ୍ଦ୍ରକାନ୍ତ ଗୁଜରାଟୀ ଫିଲ୍ମ 'କଡୁ ମକାରନୀ'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ରାବଣ ଭୂମିକାରେ ଅଭିନୟ କରିଥିବା ସ୍ୱନାମଧନ୍ୟ କଳାକାର ଅରବିନ୍ଦ ତ୍ରିବେଦୀଙ୍କ ସହ ସେ ବହୁ ମଞ୍ଚ ନାଟକରେ ଏକାଠି ଅଭିନୟ କରି ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି। ନିକଟରେ ଅରବିନ୍ଦଙ୍କ ଦେହାନ୍ତ ହୋଇଥିବାବେଳେ ଚନ୍ଦ୍ରକାନ୍ତଙ୍କ ବିୟୋଗ ପ୍ରଶଂସକଙ୍କୁ ଦୁଃଖ ଦେଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିୟା ନ କହି। ସମୟ ଦିବା ୧୦ଟାରୁ ୨ଟା।
ବାଲେଶ୍ୱର: ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁ ଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। କଟକ: ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। ଭୁବନେଶ୍ୱର: ୫ ଓ ୧୯ ତାରିଖ, ହୋଟେଲ ଟ୍ରାଇଡେଣ୍ଟ, ଅଶୋକନଗର। ପୁରୀ: ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। ବାରିପଦା: ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। ରାଉରକେଲା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ୍, ରେଲୱେଷ୍ଟେସନ ପାଖ। ପାରାଦୀପ: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। କେନ୍ଦୁଝର: ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। ଝାରସୁଗୁଡ଼ା: ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ୍। ଅନୁଗୁଳ: ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। ବ୍ରହ୍ମପୁର: ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। ଭବାନୀପାଟଣା: ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ସୁପର-୧୨ରେ ବାଂଲାଦେଶ

**ଅଲ ଅମେରାଟ, ୨୧।୧୦**

ଟି୨୦ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡ ଗ୍ରୁପ୍ ବି ମ୍ୟାଚ୍‌ରେ ସ୍କଟଲାଣ୍ଡଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିବା ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରି ଶେଷରେ ସୁପର- ୧୨ରେ ପ୍ରବେଶ କରିଛି। ଗୁରୁବାର ବାଂଲାଦେଶ ୮୪ ରନରେ ପାପୁଆ ନ୍ୟୁଗିନି (ପିଏନ୍‌ଜି)କୁ ହରାଇ ଏହି ସଫଳତା ହାସଲ କରିଛି।

**ଟି୨୦ ବିଶ୍ୱକପ୍**

ବାଂଲାଦେଶ ଗ୍ରୁପ୍ ବି'ରେ ୩ଟି ମ୍ୟାଚ୍ ଖେଳି ୧ ପରାଜୟ ଓ ୨ ବିଜୟ ସହ ୪ ପଏଣ୍ଟ ପାଇ ତାଲିକା ଶୀର୍ଷରେ ରହିଛି। ଅନ୍ୟପଟେ ସ୍କଟଲାଣ୍ଡ ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍‌ରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛି।

ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ପିଏନ୍‌ଜି ୧୯.୩ ଓଭରରେ ୯୭ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ୯ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ଦ୍ରୁତ ୪୬ ରନ (୩୭ ବଲ, ୩ ଛକା) କରିଥିବା ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ ହାସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୮୨ ରନ ବିଜୟ ଲକ୍ଷ୍ୟର ପିଛା କରି ପିଏନ୍‌ଜି ଇନିଂସ ତାସଘର ଭଳି ଭୁଶୁଡ଼ି ପଡିଥିଲା। ଦଳର ୧୦ଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନ ଥିଲେ। କେବଳ ଉଇକେଟକିପର ବ୍ୟାଟର କିପ୍‌ଲିନ୍ ଡୋରିଗା ୩୪ ବଲରୁ ୨ ଚୌକା ଓ ୨ ଛକା ସହ ୪୬ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ଶକିବ ସର୍ବାଧିକ ୪, ମହମ୍ମଦ ସୈଫୁଦ୍ଦିନ ଓ ତାସ୍କିନ ଅହମ୍ମଦ ୨ଟି ଲେଖାଏ, ମାହେଦି ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ ଅଫ୍ ଦି ମ୍ୟାଚ ଶକିବ ଅଲ୍ ହାସନ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ଅଧିନାୟକ ମହମୁଦୁଲ୍ଲା ସର୍ବାଧିକ ୫୦, ଶକିବ ୪୬, ଲିଟନ ଦାସ ୨୯, ଅଫିଫ୍ ହୋସେନ ୨୧ ରନକରି ଆଉଟ ହୋଇଥିବା ବେଳେ ସୈଫୁଦ୍ଦିନ ୧୯ ରନକରି ଅପରାଜିତ ରହିଥିଲେ। ବୋଲିଂରେ ପିଏନ୍‌ଜି ତରଫରୁ କାବୁଆ ମୋରିଆ, ଡାମିଏନ ରାଭୁ ଓ ଅସାଦ ଭାଲା ୨ଟି ଲେଖାଏ ଏବଂ ସାଇମନ ଅଟାଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୮୧/୭ (ମହମୁଦୁଲ୍ଲା- ୫୦, ଶକିବ- ୪୬, ଲିଟନ- ୨୯, ଅଫିଫ- ୨୧, ମୋରିଆ- ୨/୪୬, ରାଭୁ- ୨/୪୦, ଭାଲା- ୨/୨୬)। ପା।ପୁ।ଅ। ନ୍ୟୁଗିନି ୨୦ ଓଭରରେ ୯୭ ଅଲଆଉଟ (ଡୋରିଗା- ୪୬*, ଶକିବ- ୪/୯, ସୈଫୁଦ୍ଦିନ- ୨/୨୧, ତାସ୍କିନ- ୨/୧୨)।

## ଗର୍ଗ ଟପ୍ସର ନୂଆ ସିଇଓ ନିଯୁକ୍ତ

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଗୁରୁବାର କମୋଡୋର ପି.କେ. ଗର୍ଗଙ୍କୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଭାବେ ନିଯୁକ୍ତି ଦେଇଛି। ସାଇର ମିଶନ ଅଲିମ୍ପିକ ସେଲ୍ ବୈଠକରେ ଏହି ନିଯୁକ୍ତି ଗୃହୀତ ହୋଇଯାଇଛି। ଗର୍ଗ ଅକ୍ଟୋବର ୨୫ରେ କାର୍ଯ୍ୟଭାର ଗ୍ରହଣ କରିବେ। ପୂର୍ବରୁ ଏହି ପଦବୀରେ କମାଣ୍ଡର ରାଜେଶ ରାଜଗୋପାଳନ ଥିଲେ। ତାଙ୍କ କାର୍ଯ୍ୟକାଳ ୨୦୧୮ରୁ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ରହିଥିଲା। କମୋଡୋର ଗର୍ଗ ୨୦୨୧ ପର୍ଯ୍ୟନ୍ତ ସାଇର ଜଣେ ହାଇ ପରଫର୍ମାନ୍ସ ଡାଇରେକ୍ଟର ଥିଲେ। ୧୯୯୦ରେ ସେଲିଂରେ ସେ ଅର୍ଜ୍ଜୁନ ପୁରସ୍କାର ପାଇଥିଲେ। ୧୯୯୩-୯୪ରେ ସେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଗର୍ଗ ୧୯୮୪ରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ତାଙ୍କ ୩୪ ବର୍ଷ କାର୍ଯ୍ୟକାଳ ସମୟରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ।

# ଛତିଶଗଡଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ସିନିୟର ୱାର୍ମଅପ୍ ଟି୨୦ ସିରିଜରେ ଗୁରୁବାର ଓଡ଼ିଶା ୬ ଉଇକେଟରେ ଛତିଶଗଡ଼ଠାରୁ ପରାସ୍ତ ହୋଇଛି। ଛତିଶଗଡ଼ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯.୫ ଓଭରରେ ୧୦ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଜବାବରେ ଛତିଶଗଡ ୨୦ ଓଭରରେ ୪ ଉଇକେଟ ହରାଇ ୧୫୯ ରନକରି ବିଜୟୀ ହୋଇଛି। ଛତିଶଗଡ଼ ତରଫରୁ ହରପ୍ରୀତ ସିଂ ଭାଟିଆ ୫୦ ବଲରୁ ୬୫, ଅଖିଳ ହେରୱାଦକର ୩୫ ବଲରୁ ୪୪, ଶଶାଙ୍କ ସିଂ ୨୦ ବଲରୁ ୩୧ ରନ ସଂଗ୍ରହ କରିଥିଲେ।




# ୫ ବିଲିୟନ ଡଲାର ଆୟ କରିପାରେ ବିସିସିଆଇ

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆସନ୍ତା ୫ବର୍ଷ ସାଇକେଲ (୨୦୨୩-୨୦୨୭) ପାଇଁ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ବ୍ରଡ୍‌କାଷ୍ଟ ରାଇଟ୍ ପ୍ରଦାନ ବାବଦରୁ ୫ ବିଲିୟନ ଆମେରିକୀୟ ଡଲାର ଆୟ କରିପାରିବ। ଆଇପିଏଲରେ ସାମିଲ ହେବାକୁ ଥିବା ଦୁଇଟି ନୂଆ ଦଳ ପାଇଁ କେତେକ ହାଇପ୍ରୋଫାଇଲ ଆଗ୍ରହ ପ୍ରକାଶ କରିଛନ୍ତି। ବର୍ତ୍ତମାନ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ୫ବର୍ଷିଆ ଆଇପିଏଲ୍ ବ୍ରଡ୍‌କାଷ୍ଟିଂ ରାଇଟ୍‌କୁ ଷ୍ଟାର ଇଣ୍ଡିଆ ୧୬, ୩୪୭.୫୦ କୋଟି (୨.୫୫ ବିଲିୟନ ଆମେରିକୀୟ ଡଲାର) ବିନିମୟରେ ହାସଲ କରିଛି। ଆଗାମୀ ୫ବର୍ଷ ପାଇଁ ବ୍ରଡ୍‌କାଷ୍ଟିଂ ସ୍ୱତ୍ୱାଧିକାର ପ୍ରଦାନ ବାବଦରେ ବିସିସିଆଇ ୨ଗୁଣାରୁ ଅଧିକ ଅର୍ଥାତ୍ ୫ ବିଲିୟନ ଡଲାର(ପ୍ରାୟ ୩୬,୦୦୦ କୋଟି) ପାଇପାରେ ବୋଲି ଅନୁମାନ କରାଯାଉଛି। ଆଇପିଏଲ୍ ମିଡିଆ ରାଇଟ୍ ହାସଲ କରିବା ଲାଗି ଆମେରିକାର ଏକ ଜଣାଶୁଣା କମ୍ପାନୀ ଆଗ୍ରହ ପ୍ରକାଶ କରିଛି। ୨୦୨୨ରୁ ୧୦ଟି ଦଳକୁ ନେଇ ଆଇପିଏଲ୍ ଅନୁଷ୍ଠିତ ହେବ। ମ୍ୟାଚର ସଂଖ୍ୟା ୭୪କୁ ବୃଦ୍ଧି ପାଇବ। କୌଣସି ଆଇପିଏଲ୍ କମ୍ପାନୀ ଆଇପିଏଲ୍ ସମ୍ପତ୍ତି କ୍ରୟ କରିବାକୁ ହେଲେ ଭାରତରେ ଏହାର ଶାଖା ରହିଥିବା ଆବଶ୍ୟକ। ବିସିସିଆଇ ଅକ୍ଟୋବର ୨୫ରେ ଦୁବାଇରେ ଟେଣ୍ଡର ଆମନ୍ତ୍ରଣ କରିବ। ସେହିଦିନ ଦୁଇଟି ଆଇପିଏଲ୍ ଦଳ ମଧ ଘୋଷଣା ହେବ। ବିସିସିଆଇ ଏଥର ଷ୍ଟାର ଇଣ୍ଡିଆ ଓ ସୋନିଠାରୁ ଲୋଭନୀୟ ବିଡ୍ ଆଶା କରୁଛି। ମାଞ୍ଚେଷ୍ଟର ୟୁନାଇଟେଡ୍ ମାଲିକ ଗ୍ଲେଜର ଫ୍ୟାମିଲି ଆଇପିଏଲ୍ ଟିମ୍ ବିଡ୍ ଡକ୍ୟୁମେଣ୍ଟ ଦାଖଲ କରିଛି। ଜଣେ ସିନିୟର ଅଫିସିଆଲଙ୍କ ସୂଚନା ଅନୁସାରେ ଗ୍ଲେଜର ଫ୍ୟାମିଲି ହେଉଛନ୍ତି ମାଞ୍ଚେଷ୍ଟର ୟୁନାଇଟେଡ୍‌ର ମାଲିକ। ଅକ୍ଟୋବର ୨୦ରେ ସେମାନେ ବିଡ୍ ଦାଖଲ କରିଛନ୍ତି। ଆଇପିଏଲ ଟିମ୍ ବିଡିଂରୁ ବିସିସିଆଇ ୭୦୦୦ କୋଟି ଟଙ୍କାରୁ ୧୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରିବ ବୋଲି ଆଶା କରୁଛି।

# ଆତ୍ମଘାତୀ ଗୋଲ ଯୋଗୁ ହାରିଲା ଭାରତ

**ଷ୍ଟକ୍‌ହୋମ,୨୧।୧୦**

ସୁଇଡେନ ଗସ୍ତରେ ଯାଇଥିବା ଭାରତୀୟ ମହିଳା ଫୁଟବଲ ଦଳ ଆତ୍ମଘାତୀ ଗୋଲ କାରଣରୁ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଭାରତ ୨-୩ ଗୋଲରେ ସୁଇଡେନର ହାମାର୍ବି ଆଇଏଫ୍‌ଠାରୁ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧରେ ଇନ୍ଦୁମତି ୩୦ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ଠିକ୍ ୬ ମିନିଟ୍ ପରେ ନିନା ଜ୍ୟାକବସନ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ତରକୁ ଆଣିଥିଲେ। ପରେ ୪୦ତମ ମିନିଟ୍‌ରେ ଭାରତର ମନୀଷା ପାନ୍ନା ଗୋଲ ଦେଇ ଭାରତକୁ ପୁଣିଥରେ ଅଗ୍ରଣୀ କରାଇଥିଲେ। ୫୨ତମ ମିନିଟ୍‌ରେ ଗୋଲ ଦେଇ ଅମଣ୍ଡା ସାଣ୍ଡ୍ସଷ୍ଟ୍ରମ୍ ପୁଣି ଥରେ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୧୨ ମିନିଟ ବାକିଥିବା ବେଳେ ଜ୍ୟାକବସନ ବଲକୁ ସାଥିରେ ନେଉଥିବା ବେଳେ ଭାରତର ରଞ୍ଜନା ଚାନୁଙ୍କ ଗୋଡରେ ବଲ ବାଜିଥିଲା। ଫଳରେ ବଲ ଯାଇ ଭାରତୀୟ ଗୋଲପୋଷ୍ଟରେ ପହଞ୍ଚିଥିଲା। ଏହି ଆତ୍ମଘାତୀ ଗୋଲ କାରଣରୁ ଭାରତ ମ୍ୟାଚ୍ ହାତଛଡ଼ା କରିଥିଲା। ସାରା ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଜବରଦସ୍ତ ସଂଘର୍ଷ କରିଥିଲେ ଓ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଭାରତୀୟ ଦଳ ପାଇଁ ଓଡ଼ିଶାର ପ୍ୟାରୀ ଖାଖା ପ୍ରତିନିଧିତ୍ୱ କରିଥିଲେ।

# ଏଥର ସମାନ କଥା

**ଗୌତମ ଗମ୍ଭୀର**

ଟି୨୦ କ୍ରିକେଟ ବିଶ୍ୱକପ୍ ୱାର୍ମଅପ୍ ଗେମ୍‌ରେ ଭାରତର ପ୍ରଦର୍ଶନ ଭଲ ରହିଛି। ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦୁଇଟି ଶକ୍ତିଶାଳୀ ଦଳକୁ ପରାସ୍ତ କରିଛି। ଅନେକ ଖେଳପ୍ରେମୀ ଏଥିରେ ଖୁସି ଥିବେ। ହେଲେ ଦଳର ଖେଳାଳିମାନଙ୍କ ପ୍ରଦର୍ଶନକୁ ନେଇ ପ୍ରକୃତ ଆଲୋଚନା ଡ୍ରେସିଂରୁମ୍‌ରେ ହୋଇଥିବ। ମୋର ଟି୨୦ ବିଶ୍ୱକପ୍ ୨୦୦୭ ତଥା ମନେ ପଡୁଛି। ନିଜେ, ରବିନ ଉଥାପ୍ପା ଓ ଦୀନେଶ କାର୍ତ୍ତିକ ନିଜକୁ ପ୍ରତିଷ୍ଠା କରିବାକୁ ଉଦ୍ୟମ କରିଥିଲୁ। ଆର୍‌ପି ସିଂ, ଶ୍ରୀସନ୍ଥ, ଯୋଗୀନ୍ଦର ଶର୍ମା, ୟୁସୁଫ ପଠାନ ମଧ ଗୋଟିଏ ଡଙ୍ଗାର ଯାତ୍ରୀ ଥିଲେ। ଭାବେ ଏମ୍.ଏସ୍. ଧୋନୀ ପ୍ରଥମ ଥର ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ। ମୋଟ ଉପରେ କହିବାକୁ ଗଲେ ଖେଳାଳିମାନେ ବ୍ୟକ୍ତିଗତ ହେଉ ଅବା ଦଳଗତଭାବେ ସେମାନଙ୍କ

SEAGRAM'S
ROYAL STAG
PACKAGED DRINKING WATER

ସେତେବେଳେ ଆମେ ଇଂଲଣ୍ଡରୁ ଏକ ଲମ୍ବା ଟୁର୍‌ରୁ ଫେରିଥିଲୁ। କେତେଜଣ ଟୁର୍ନାମେଣ୍ଟରେ ଫର୍ମକୁ ଫେରିବା ଲକ୍ଷ୍ୟ ରଖିଥିଲେ। ଅନ୍ୟ କେତେକ ଦଳରେ ସ୍ଥାନ ପାଇବା ଲାଗି ଆଶାବାଦୀ ଥିଲେ। କ୍ରିକେଟ ହେଉଛି ଏକ ବିଚିତ୍ର ଖେଳ। ଏହା ଏକ ଟିମ୍ ଗେମ୍। କିନ୍ତୁ ବେଳେ ବେଳେ ଜଣେ ବ୍ୟକ୍ତିଗତ ଚମତ୍କାର ପ୍ରଦର୍ଶନ କରି ଦଳକୁ ଜିତାଇପାରିଥାନ୍ତି। ଆମ ସମସ୍ତଙ୍କ ମୂଳ ଲକ୍ଷ୍ୟ ହେଲା ଟିମ୍‌କୁ ସହାୟତା କରିବା। ହେଲେ ଜଣେ ଜଣେ ଖେଳାଳି ନିଜର ଦକ୍ଷତା ପ୍ରଦର୍ଶନ କରି ନିଜକୁ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥାଏ। ୨୦୦୭ରେ ସେହ୍ୱାଗ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୁଁ ଦକ୍ଷତା ପ୍ରଦର୍ଶନ କରିବା ଲାଗି ଚେଷ୍ଟିତ ଥିଲେ। ଏଥର ମଧ ସମାନ କଥା ଦେଖିବାକୁ ମିଳୁଛି। ସୀମିତ ଓଭର ଫର୍ମାଟର ଅଧିନାୟକ ପଦ ଛାଡ଼ିବା ଲାଗି ବିରାଟ କୋହଲି ଘୋଷଣା କରିଛନ୍ତି। କେ.ଏଲ୍ ରାହୁଲ ନିଜକୁ ପ୍ରତିଷ୍ଠା କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭୂମିକା ପ୍ରତି ସମସ୍ତଙ୍କ ଉତ୍କଣ୍ଠା ରହିବ। ଏମ୍‌ଏସ୍ ଧୋନୀଙ୍କୁ ପ୍ରଥମ ଥର ଭାରତୀୟ ଦଳର ମେଣ୍ଟର ଭାବେ ଦେଖିବାକୁ ମିଳିବ। ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ବରୁଣ ଚକ୍ରବର୍ତ୍ତୀଙ୍କର ବର୍ତ୍ତମାନ ହେଉଛି ପ୍ରୋବେଶନ ପରିୟଡ।

(ଦୀନେଶ ଚୋପ୍ରା ମିଡିଆ/ ଗେମ୍ ପ୍ଲାନ୍)




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୨୨/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Friday, October 22/2021





କୋଭିଡ୍ ଟିକାକରଣ ଗୁରୁବାର ୧୦୦ କୋଟି ଟପିବା ଅବସରରେ ଏଏସ୍ଆଇ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ତ୍ରିରଙ୍ଗା ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ନଭେମ୍ବର ୨୨ରୁ ନବମ ସମେଟିଭ୍-୧ ପରୀକ୍ଷା

- ନିଜ ସ୍କୁଲରେ ପରୀକ୍ଷା, ଅନ୍ୟ ସ୍କୁଲରେ ଖାତାଦେଖା
- ବୋର୍ଡ ଦେବ ପ୍ରଶ୍ନ, ରହିବ ୨ଟି ସିଟିଂ
- ଖୁବ୍‌ଶୀଘ୍ର ଦଶମ ସମେଟିଭ୍ ପାଇଁ ତାରିଖ ଘୋଷଣା

**କଟକ ଅଫିସ, ୨୧।୧୦**

ଚଳିତବର୍ଷ ନୂଆ ଢାଞ୍ଚାରେ ପରୀକ୍ଷା ଦେବେ ନବମ ଶ୍ରେଣୀ ଛାତ୍ରୀଛାତ୍ର। ନଭେମ୍ବର ୨୨ରୁ ନବମ ଶ୍ରେଣୀର ସମେଟିଭ୍-୧ ପରୀକ୍ଷା ଆରମ୍ଭ ହୋଇ ୨୪ରେ ଶେଷ ହେବ ବୋଲି ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ମୋଟ ୪୦ ମାର୍କର ପରୀକ୍ଷା ହେବ। ୨୦ ମାର୍କର ସବ୍‌ଜେକ୍ଟିଭ୍ ଓ ୨୦ ମାର୍କର ଅବ୍‌ଜେକ୍ଟିଭ୍ ରହିବ। ସେହିପରି ୨ଟି ସିଟିଂରେ ପରୀକ୍ଷା ହେବ। ପ୍ରାଇମ ସିଟିଂ ସକାଳ ୯ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ୨୨ ତାରିଖରେ ପ୍ରଥମ ସିଟିଂରେ ଦ୍ୱିତୀୟ ଭାଷା ଓ ଦ୍ୱିତୀୟ ସିଟିଂରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବାକୁ ଥିବାବେଳେ ୨୩ ତାରିଖରେ ପ୍ରଥମ ସିଟିଂରେ ପ୍ରଥମ ଭାଷା ଓ ଦ୍ୱିତୀୟ ସିଟିଂରେ ଗଣିତ ପରୀକ୍ଷା କରାଯିବ। ୨୪ ତାରିଖ ପ୍ରଥମ ସିଟିଂରେ ତୃତୀୟ ଭାଷା ଓ ଦ୍ୱିତୀୟ ସିଟିଂରେ ସାଧାରଣ ବିଜ୍ଞାନ ପରୀକ୍ଷା ହେବ। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବୋର୍ଡ ପକ୍ଷରୁ ପ୍ରଦାନ କରାଯିବ। ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ। କିନ୍ତୁ ଅନ୍ୟ ସ୍କୁଲରେ ଖାତା ମୂଲ୍ୟାୟନ କରାଯିବ। ତେବେ କେଉଁ ସ୍କୁଲରେ ଖାତା ଦେଖାହେବ, ତାହା ଜିଲା ଶିକ୍ଷାଧିକାରୀ ଚୟନ କରିବେ। ନଭେମ୍ବର ୨୩ରୁ ୩୦ ମଧ୍ୟରେ ଖାତାଦେଖା ହେବ। ଡିସେମ୍ବର ୨ ସୁଦ୍ଧା ଖାତାଦେଖା ପ୍ରକ୍ରିୟା ସରିବ। ଡିସେମ୍ବର ୬ରୁ ୧୩ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଟାବୁଲେଶନ ରେଜିଷ୍ଟ୍ରାରରେ ମାର୍କ ଅପ୍‌ଲୋଡ୍ କରାଯିବ ବୋଲି ଗୁରୁବାର ବୋର୍ଡ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦଶମ ଶ୍ରେଣୀ ସମେଟିଭ୍ ପରୀକ୍ଷା ପାଇଁ ଖୁବ୍‌ଶୀଘ୍ର ତାରିଖ ଘୋଷଣା ହେବ। ନଭେମ୍ବର ଶେଷ କିମ୍ବା ଡିସେମ୍ବର ଆରମ୍ଭରୁ ଏହି ପରୀକ୍ଷା ହେବ ବୋଲି ବୋର୍ଡ ସଭାପତି କହିଛନ୍ତି।

ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ସ୍କୁଲଗୁଡ଼ିକରେ ପରୀକ୍ଷା ବାତିଲ ହୋଇଥିଲା। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ନବମ ଓ ଦଶମ କ୍ଲାସ୍ ପରୀକ୍ଷାର ମାର୍କ ଆଧାରରେ ମୂଲ୍ୟାୟନ ହୋଇଥିଲା। ତେବେ କ୍ଲାସ୍ ପରୀକ୍ଷା ପାଇଁ କେତେଜଣ ଛାତ୍ରୀଛାତ୍ର ସେପରି ପ୍ରସ୍ତୁତ ନ ଥିବାବେଳେ ଆଉ କେତେଜଣ ପରୀକ୍ଷା ଦେଇପାରି ନ ଥିଲେ, ଯେଉଁଥିପାଇଁ ସେମାନଙ୍କ ମୂଲ୍ୟାୟନରେ ସମସ୍ୟା ହୋଇଥିଲା। ଆଗକୁ ଯେପରି ଏଭଳି ଅସୁବିଧା ନ ଉପୁଜେ, ସେଥିପାଇଁ ନବମ ଓ ଦଶମ ଶ୍ରେଣୀ ନିମନ୍ତେ ବୋର୍ଡ ସିବିଏସ୍‌ଇ ଢାଞ୍ଚାରେ ନୂଆ ପରୀକ୍ଷା ପଦ୍ଧତି ଆପଣାଇଛି। ଏହି ପଦ୍ଧତି ଅନୁସାରେ, ୨୦୨୧-୨୨ ଶିକ୍ଷାବର୍ଷ ଜୁଲାଇରୁ ଆରମ୍ଭ ହୋଇ ଏପ୍ରିଲରେ ସରୁଛି। ଏହି ଶିକ୍ଷାବର୍ଷକୁ ☞ପୃଷ୍ଠା-୪

## ୧୦୦ କୋଟି ଟପିଲା ଟିକାଦାନ

**ନୂଆଦିଲ୍ଲୀ, ୨୧।୧୦(ପି.ଟି.)**

ଭାରତରେ କୋଭିଡ୍ ଟିକାଦାନ ଗୁରୁବାର ୧୦୦ କୋଟି ଟପିଛି। ଟିକାକରଣ କାର୍ଯ୍ୟକ୍ରମ ୧୦୦ କୋଟି ମାଇଲଖୁଣ୍ଟ ଅତିକ୍ରମ କରିବା ଏକ ବଡ଼ ସଫଳତା। ୨୭୯ ଦିନରେ ଏଭଳି ସଫଳତା ହାସଲ କରି ଭାରତ ଇତିହାସ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହା ଭାରତୀୟ ବିଜ୍ଞାନ, ଉଦ୍ୟୋଗ ଏବଂ ୧୩୦ କୋଟି ଦେଶବାସୀଙ୍କ ସାମୂହିକ ଭାବନାର ବିଜୟ ବୋଲି ସେ କହିବା ସହ ଡାକ୍ତର, ନର୍ସ ଏବଂ ଏହି ସଫଳତା ପଛରେ ଥିବା ଅନ୍ୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତ ବର୍ଷ ଜାନୁୟାରୀ ୧୬ରୁ ଦେଶରେ ମହାମାରୀ ବିରୋଧରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା।



ଟିକାକରଣ ୧୦୦ କୋଟି ଟପିଥିବାରୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଗୁରୁବାର ରାମ ମନୋହର ଲୋହିଆ ହସ୍ପିଟାଲରେ ପହଞ୍ଚି ଡାକ୍ତର, ନର୍ସ ଓ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ହସ୍ପିଟାଲରେ ଥିବା ଟିକାଦାନ କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହ କଥା ହୋଇଥିଲେ ଓ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ୧୦୦ କୋଟି ଟିକାଦାନ ସଫଳତାକୁ ମନାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଲାଲ୍‌କିଲ୍ଲାରେ ଗାୟକ କୈଳାସ ଖେର୍‌ଙ୍କ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ଅଡିଓ-ଭିଜୁଆଲ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ☞ପୃଷ୍ଠା-୪

## ଶିଶୁଙ୍କୁ ଟିକାକରଣ ପାଇଁ ପ୍ରସ୍ତୁତି ଆରମ୍ଭ

**ଆଜିଠୁ ପ୍ରଶିକ୍ଷଣ ନେବେ ସ୍ୱାସ୍ଥ୍ୟ ଅଧିକାରୀ**

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**


ରାଜ୍ୟରେ ଶିଶୁମାନଙ୍କୁ କୋଭିଡ୍ ଟିକା ଦେବା ପାଇଁ ଶୁକ୍ରବାରଠାରୁ ପ୍ରସ୍ତୁତି ଆରମ୍ଭ ହେବ। ଏ ନେଇ ଗୁରୁବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ଖୁସିର ବିଷୟ ଯେ ଗୁରୁବାର ଆମ ଦେଶରେ ଶହେ କୋଟି ଟିକାକରଣ ଟପିଛି। ଆମ ରାଜ୍ୟରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୩ କୋଟି ୪୮ଲକ୍ଷ ଟିକାକରଣ ହେଇଛି। ଏହାର ୭୬% ଅର୍ଥାତ୍ ପ୍ରାୟ ୨ କୋଟି ୪୬ଲକ୍ଷ ହିତାଧିକାରୀ ପ୍ରଥମ ଡୋଜ୍ ନେଇସାରିଛନ୍ତି। ସେହିପରି ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଦୁଇଟି ଯାକ ଡୋଜ୍ ଟିକା ନେଇଛନ୍ତି। ୨୪ ଲକ୍ଷ ଲୋକ ଏବେ ବି ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ଓଡ଼ିଶାରେ ବର୍ତ୍ତମାନ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଆହୁରି ମହଜୁଦ ଅଛି। ଶୁକ୍ରବାରଠାରୁ ଶିଶୁମାନଙ୍କୁ ଟିକା ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ☞ପୃଷ୍ଠା-୪

## ୬ ବର୍ଷରେ ଭାରତ ଛାଡ଼ିଛନ୍ତି ୩୫ ହଜାର ଉଦ୍ୟୋଗୀ

**କୋଲକାତା, ୨୧।୧୦**

୨୦୧୪ରେ କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ୨୦୨୦ ମଧ୍ୟରେ ୩୫,୦୦୦ ଭାରତୀୟ ଉଦ୍ୟୋଗୀ ଦେଶ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୨୩,୦୦୦ ଏଣ୍ଟରପ୍ରିନ୍ୟୁର କେବଳ ୨୦୧୪ରୁ ୨୦୧୮ ମଧ୍ୟରେ ଭାରତ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଇଛନ୍ତି। ଏକ ଅଧ୍ୟୟନ ଆଧାରରେ ଗୁରୁବାର ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ୍ ମିତ୍ର ଏଭଳି ଅଭିଯୋଗ ଆଣିଛନ୍ତି।

ଅର୍ଥମନ୍ତ୍ରୀ ଡକ୍ଟର ଅମିତ ମିତ୍ର ଟୁଇଟରରେ କହିଛନ୍ତି, ୨୦୧୪-୧୮ରେ ୨୩,୦୦୦ ଧନୀ ଉଦ୍ୟୋଗୀ ଭାରତ ଛାଡ଼ିଛନ୍ତି(ମୋର୍ଗାନ ଷ୍ଟାନ୍‌ଲେ ଷ୍ଟଡି), ଯାହାକି ବିଶ୍ୱରେ ସର୍ବାଧିକ। ସେହିପରି ୨୦୧୯ରେ ୭,୦୦୦ ଉଦ୍ୟୋଗୀ ଦେଶ ଛାଡ଼ିଥିବା ବିଷୟ ଆଫ୍ରାସିଆ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଜିଡବ୍ଲ୍ୟୁଏମ୍ ରିଭ୍ୟୁ ଅନୁସାରେ ୨୦୨୦ରେ ୫,୦୦୦ ଏଣ୍ଟରପ୍ରିନ୍ୟୁର ଦେଶ ବାହାରକୁ ଯାଇଛନ୍ତି। ୨୦୧୪-୨୦ରେ ମୋଟ ୩୫ ହଜାର ଭାରତୀୟ ଉଦ୍ୟୋଗୀ ଦେଶ ଛାଡ଼ିଛନ୍ତି। ଏହି ଗଣପଳାୟନ ବିଶ୍ୱରେ ସର୍ବାଧିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅମଳରେ ଏତେ ସଂଖ୍ୟକ ଉଦ୍ୟୋଗୀଙ୍କ ଗଣପଳାୟନକୁ ନେଇ ପାର୍ଲାମେଣ୍ଟରେ ଶ୍ୱେତପତ୍ର ଜାରି କରନ୍ତୁ। ଭାରତୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ବିରୋଧରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କ ୧୯ ମିନିଟର ଭର୍ତ୍ସନାକୁ ମନେପକାନ୍ତୁ। ଭାରତୀୟ ଶିଳ୍ପଗୁଡ଼ିକ ଜାତୀୟ ସ୍ୱାର୍ଥର ପରିପନ୍ଥୀ ବୋଲି ଗୋୟଲ କହିବା ସହ ସେଗୁଡ଼ିକୁ ଦେଶବିରୋଧୀ ଅଭିହିତ କରିଥିଲେ। ଭାରତରେ ଭୟର ବାତାବରଣ ସୃଷ୍ଟି ହୋଇଥିବାରୁ ଏଣ୍ଟରପ୍ରିନ୍ୟୁରମାନେ ବିଦେଶକୁ ଚାଲିଯାଉଛନ୍ତି କି? ମୋଦି ଗୋୟଲଙ୍କୁ ଏନେଇ କାହିଁକି ତାଗିଦ କଲେନାହିଁ ବୋଲି ମିତ୍ର ଟୁଇଟ୍ କରିଛନ୍ତି।




## କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

**ନୂଆଦିଲ୍ଲୀ, ୨୧।୧୦(ପି.ଟି.)**

ଦିୱାଲି ପୂର୍ବରୁ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ୩ ପ୍ରତିଶତ ବୃଦ୍ଧି କରିବାକୁ ଗୁରୁବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଫଳରେ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପରିମାଣ ୩୧%କୁ ବୃଦ୍ଧି ପାଇଛି। ସରକାରଙ୍କର ଏହି ନିଷ୍ପତ୍ତି ଦ୍ୱାରା ୪୭.୧୪ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଓ ୬୮.୬୨ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମହଙ୍ଗା ଭତ୍ତା ବୃଦ୍ଧି ଯୋଗୁ ସରକାରଙ୍କୁ ବର୍ଷକୁ ୯,୪୮୮ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ଭାର ବହନ କରିବାକୁ ପଡ଼ିବ। ଗତ ଜୁଲାଇରେ ସରକାର ଡିଏ ଏବଂ ଡିଆର୍ (ମହଙ୍ଗା ସହାୟତା) ୧୭ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ, କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ ଜାନୁୟାରୀ, ଜୁଲାଇ ଏବଂ ୨୦୨୧ ଜାନୁୟାରୀରେ ଡିଏ ଏବଂ ଡିଆର୍ ବୃଦ୍ଧି କରାଯାଇ ନ ଥିଲା।

## କଚ୍ଛପ ଗତିରେ ସାଗରମାଳା ଯୋଜନା | ୩ ବର୍ଷ ପରେ ୨ ପ୍ରକଳ୍ପକୁ ମଞ୍ଜୁରୀ

*ଦେଶର ଲଜିଷ୍ଟିକ୍ସ ସେକ୍ଟରରେ ପ୍ରଦର୍ଶନକୁ ତ୍ୱରାନ୍ୱିତ କରିବା ପାଇଁ ୨୦୦୩ରେ ବାଜପେୟୀ ସରକାର ଅମଳରେ ସାଗରମାଳା ଯୋଜନାର ପରିକଳ୍ପନା କରାଯାଇଥିଲା। ମୋଦି ସରକାର କ୍ଷମତାକୁ ଆସିବା ପରେ ୨୦୧୫ ଜୁଲାଇ ୩୧ରେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଏହାର ଶୁଭାରମ୍ଭ ହୋଇଥିଲା। ଜଳପଥରେ ନୂଆ ସମ୍ଭାବନା ଖୋଜିବା ସହ ବନ୍ଦରଗୁଡ଼ିକ ଜରିଆରେ ଉପକୂଳ ଅଞ୍ଚଳର ବିକାଶ ସାଧନ କରି ଦେଶର ଅଭିବୃଦ୍ଧି ଘଟାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। କିନ୍ତୁ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଏଥିରେ ବାଧକ ସାଜିଛି। ରାଜ୍ୟ ସରକାର ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ପଠାଉଥିବାବେଳେ କେନ୍ଦ୍ର ସରକାର ତାକୁ ଗୁରୁତ୍ୱ ଦେଉନାହାନ୍ତି। ୨୦୧୮ରେ ଓଡ଼ିଶା ପକ୍ଷରୁ ଏହି ଯୋଜନାରେ ୬୯୮.୯୨ କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ସାମିଲ କରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା। ଏହାର ୩ ବର୍ଷ ପରେ କେନ୍ଦ୍ର ମାତ୍ର ୨ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏଥିରୁ ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ନେଇ କେନ୍ଦ୍ରର କେତେ ଆନ୍ତରିକତା ରହିଛି ତାହା ବୁଝାପଡୁଛି।*



**ତାଳଚୁଆ, କାଣିନାଳି, କୃଷ୍ଣପ୍ରସାଦଗଡ଼, ବାଲୁଗାଁରେ ଜେଟି ନିର୍ମାଣ ହେବ**

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ମାଳମାଳ ଯୋଜନା ଘୋଷଣା ହେଉଛି। ତେବେ ସେଥିରୁ ଲୋକେ କେତେ ଉପକୃତ ହେଉଛନ୍ତି ତାହାର ଉତ୍ତର ଖୋଜିବା ଲାଗି ସରକାରୀ ସ୍ତରରେ ସେତେଟା ତତ୍ପରତା ପ୍ରକାଶ ପାଉନାହିଁ। ଯୋଜନାର ପରିକଳ୍ପନା ଓ ବାସ୍ତବତା ମଧ୍ୟରେ ଏକ ଦୀର୍ଘ ଅନ୍ତର ସୃଷ୍ଟି ହେଉଛି। ଏଥିଯୋଗୁ ପ୍ରକଳ୍ପ ଖର୍ଚ୍ଚ ବଢ଼ି ଯାଉଥିବାବେଳେ ଜନସାଧାରଣଙ୍କ ଆବଶ୍ୟକତା ମେଣ୍ଟାଯାଇ ପାରୁନାହିଁ। ଏଭଳି ଏକ ବିକଳ ଚିତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସାଗରମାଳା ଯୋଜନାରେ ଦେଖିବାକୁ ମିଳିଛି। ରାଜ୍ୟ ସରକାର ପ୍ରକଳ୍ପର ରିପୋର୍ଟ ପ୍ରସ୍ତୁତ କରି ପଠାଇଦେଇ ବସି ଯାଉଥିବାବେଳେ କେନ୍ଦ୍ର ସରକାର ଏହାକୁ ଅନୁମୋଦନ କରିବାକୁ ବର୍ଷ ବର୍ଷ ଧରି ପକାଇ ରଖୁଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାଗରମାଳା ଯୋଜନାରେ ଓଡ଼ିଶାର ୬୯୮.୯୨ କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ସାମିଲ କରିବାକୁ ରାଜ୍ୟ ସରକାର ୨୦୧୮ରେ ପ୍ରସ୍ତାବ ଦେଇଥିଲେ। ୩ ବର୍ଷ ପରେ ୨ଟି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୭୭.୧୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଭଦ୍ରକ ଜିଲାର କାଣିନାଳି, କେନ୍ଦ୍ରାପଡ଼ା ଜିଲାର ତାଳଚୁଆ, ପୁରୀ ଜିଲାର କୃଷ୍ଣପ୍ରସାଦଗଡ଼ା ଏବଂ ଖୋର୍ଦ୍ଧା ଜିଲାର ବାଲୁଗାଁରେ ଜେଟି ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଅର୍ଥର ବିନିଯୋଗ ପ୍ରମାଣପତ୍ର(ୟୁସି) ପ୍ରଦାନ କଲେ ଅନ୍ୟ ପ୍ରକଳ୍ପ ଉପରେ ବିଚାର କରାଯିବ ବୋଲି କେନ୍ଦ୍ର ସରକାର ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ନିକଟରେ ଏ ନେଇ ଭିଡିଓ କନ୍‌ଫରେନ୍ସରେ ହୋଇଥିବା ବୈଠକରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜେଟି ନିର୍ମାଣ ନେଇ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସମୁଦ୍ର ଉପକୂଳର ବିକାଶ କରାଯିବ। ବନ୍ଦରଗୁଡ଼ିକର ଆଧୁନିକୀକରଣ, ଭିତ୍ତିଭୂମିର ବିକାଶ, ବନ୍ଦରକୁ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ସହ ମତ୍ସ୍ୟଜୀବୀ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକ ଏବଂ ସମୁଦ୍ରକୂଳ ଶିଳ୍ପାଞ୍ଚଳର ବିକାଶ କରିବାକୁ କେନ୍ଦ୍ର ସରକାର ସାଗରମାଳା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ୨୦୧୫ ମାର୍ଚ୍ଚ ୨୫ ତାରିଖରେ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ୨୦୧୬ରେ ନ୍ୟାଶନାଲ ପ୍ରସ୍‌ପେକ୍ଟିଭ ପ୍ଲାନ୍(ଏନ୍‌ପିପି) ଜରିଆରେ ଉପକୂଳ ଏବଂ ସାମୁଦ୍ରିକ ସମନ୍ୱିତ ବିକାଶ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟରେ ଦେଶର ୩୦୦ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ☞ପୃଷ୍ଠା-୪

## ୯ ଅଭିଯୁକ୍ତଙ୍କ ଫାଶୀ ଦଣ୍ଡାଦେଶ କାଏମ

**ଗୁଣି ସନ୍ଦେହରେ ପରିବାରର ୩ ଜଣଙ୍କୁ ହତ୍ୟା ମାମଲା**

**ରାୟଗଡ଼ା ଅଫିସ, ୨୧।୧୦**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅଧୀନ କିତୁମ୍ ଗ୍ରାମରେ ୨୦୧୬ରେ ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା କରାଯାଇଥିଲା। ଜିଲା ଦୌରାଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ଗୁରୁବାର ଏହି ମାମଲାର ଶୁଣାଣି କରି ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିପୂର୍ବରୁ ୨୦୧୮ ଏପ୍ରିଲ ୧୩ରେ ଗୁଣପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ଉକ୍ତ ୯ ଜଣଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ପରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ହାଇକୋର୍ଟ ମାମଲାର ପୁନର୍ବିଚାର ନିମନ୍ତେ ପ୍ରଥମେ ଗୁଣପୁର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁଣପୁର କୋର୍ଟ ମାମଲାଟିକୁ ରାୟଗଡ଼ା ଜିଲା ଦୌରାଜଜ୍ କୋର୍ଟକୁ ସ୍ଥାନାନ୍ତର କରିଥିଲେ। ଗୁରୁବାର ମାମଲାର ବିଚାର ପରେ ଅଭିଯୁକ୍ତମାନଙ୍କ ଫାଶୀ ଦଣ୍ଡାଦେଶକୁ କାଏମ ରଖିଛନ୍ତି।

ପ୍ରକାଶଯୋଗ୍ୟ, ୨୦୧୬ ସେପ୍ଟେମ୍ବର ୯ରେ କିତୁମ୍ ଗ୍ରାମର ଆମବାୟ ଶବର, ତାଙ୍କ ସ୍ତ୍ରୀ ଆଶାମିନା ଓ ଝିଅ ଆସିନାଙ୍କୁ ସେହି ଗ୍ରାମର ଡେଙ୍ଗୁନ ଶବର(୩୭), ଦୁସୁନ୍ତ ଶବର(୨୭), ଅଜନ୍ତା ଶବର(୨୭), ପଡ଼ାନ୍ତୁ ଶବର(୩୪), ଦାଳସା ଶବର(୩୦), ମାଲକୁ ଶବର(୩୮), ବୁବୁନା ଶବର(୩୮), ଲାକିଆ ଶବର(୩୪), ଇରୁ ଶବର(୨୪) ମିଳିତଭାବେ ନିସ୍ତୁକ ମାଡ଼ ମାରିବା ପରେ କୀଟନାଶକ ଇଞ୍ଜେକ୍ସନ ଦେଇଥିଲେ। ଅଚେତ ହେବା ପରେ ସେମାନଙ୍କୁ ପୋତି ଦେଇଥିଲେ। ପରେ ପୋଲିସ ହାତରେ ଧରାପଡ଼ିବା ଭୟରେ ମୃତଦେହ ବାହାର କରି ପୋଡ଼ି ଦେଇଥିଲେ। ଏହି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ୧୦ ଜଣଙ୍କୁ ପୁଟାସିଂ ପୋଲିସ ଧରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ବାଳସ୍ୱଧାର ଗୃହକୁ ପଠାଯାଇଥିଲା। ଅନ୍ୟ ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣ ସେନାପତି ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ବିଷ୍ଣୁ ପଣ୍ଡା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଉପନିର୍ବାଚନ ବେଳେ ପାଖ ନିର୍ବାଚନମଣ୍ଡଳୀରେ ହୋଇପାରିବନି ରାଜନୈତିକ କାର୍ଯ୍ୟ: ଇସି

**ନୂଆଦିଲ୍ଲୀ, ୨୧।୧୦(ପି.ଟି.):** ଉପନିର୍ବାଚନ ବେଳେ ପଡୋଶୀ ନିର୍ବାଚନମଣ୍ଡଳୀ ବା ଜିଲାରେ ରାଜନୈତିକ ଦଳଗୁଡ଼ିକ ଏହାକୁ ସିଧାସଳଖ ପ୍ରଭାବିତ କଲା ଭଳି କୌଣସି ରାଜନୈତିକ କାର୍ଯ୍ୟ କରାଇପାରିବେ ନାହିଁ ବୋଲି ନିର୍ବାଚନ କମିଶନ (ଇସି) ଗୁରୁବାର କହିଛନ୍ତି। ଉପନିର୍ବାଚନ ହେଉଥିବା ନିର୍ବାଚନମଣ୍ଡଳୀକୁ ଲାଗି ରହିଥିବା କେତେକ ଜିଲା ଓ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଚାଲିଥିବା ଇସିଙ୍କ ଦୃଷ୍ଟିକୁ ଆସିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉପନିର୍ବାଚନ ବେଳେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥାଏ। ଉକ୍ତ ଆଚରଣ ବିଧି ସମ୍ପୃକ୍ତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପାଇଁ ଉଦ୍ଦିଷ୍ଟ। ଏହା ବାହାରେ ରାଜନୈତିକ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ନିୟମାବଳୀରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ତେଣୁ ପଡୋଶୀ ଜିଲା ଓ ନିର୍ବାଚନମଣ୍ଡଳୀରେ ରାଜନୈତିକ କାର୍ଯ୍ୟ ନ କରିବା ପାଇଁ ସମସ୍ତ ଦଳ ଓ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି।

### ପିଏମ୍ ଗତିଶକ୍ତି ଯୋଜନାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୧୦(ପି.ଟି.):** ଦେଶରେ ଭିତ୍ତିଭୂମିର ବିକାଶ ଲାଗି ପିଏମ୍ ଗତିଶକ୍ତି ନ୍ୟାଶନାଲ ମାଷ୍ଟର ପ୍ଲାନ୍‌କୁ ଗୁରୁବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଗତ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ୧୦୦ ଲକ୍ଷ କୋଟି ଟଙ୍କାର ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଭିତ୍ତିଭୂମି ବିକାଶ ଲାଗି ଉକ୍ତ ଯୋଜନାରେ ମଲ୍ଟି-ମୋଡାଲ କନେକ୍ଟିଭିଟି ଯୋଗାଇ ଦିଆଯିବା ସହ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ପାଇବ। ଏହା ଦେଶର ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ ସଚିବଙ୍କ ନେତୃତ୍ୱରେ ୧୮ଟି ମନ୍ତ୍ରଣାଳୟର ସଚିବଙ୍କୁ ନେଇ ଏଥିପାଇଁ ଏକ କ୍ଷମତାପନ୍ନ ସଚିବ ଗୋଷ୍ଠୀ (ଇଜିଓଏସ୍) ଗଠନ କରାଯିବ। ମଲ୍ଟିମୋଡାଲ ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍ (ଏନ୍‌ପିଜି)ରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ନେଟ୍‌ୱାର୍କ ପ୍ଲାନିଂ ବିଭାଗ ମୁଖ୍ୟ ପ୍ରତିନିଧିତ୍ୱ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

### ଛାତ୍ରଙ୍କୁ ପିଟି ମାରିଦେଲେ ଶିକ୍ଷକ

**ଚୁରୁ (ରାଜସ୍ଥାନ), ୨୧।୧୦:** ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ସଲାସାର ଗ୍ରାମରେ ଥିବା ଏକ ଘରୋଇ ସ୍କୁଲରେ ୧୩ ବର୍ଷର ଛାତ୍ର ହୋମୱାର୍କ କରି ନ ଥିବାରୁ ଶିକ୍ଷକ ତାଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ସପ୍ତମ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ରଙ୍କୁ ଗତ ୧୫ ଦିନ ହେଲା ଶିକ୍ଷକ ମନୋଜ କୁମାର ବିନା କାରଣରେ ମାଡ଼ ମାରୁଥିଲେ ବୋଲି ତାଙ୍କ ବାପା ପୋଲିସରେ ଅଭିଯୋଗ କରିଛନ୍ତି। ବୁଧବାର ଛାତ୍ରଙ୍କୁ ମାଡ଼ ମାରିବା ପରେ ଅଭିଯୁକ୍ତ ଶିକ୍ଷକ ତାଙ୍କ ବାପା ଓମ୍‌ପ୍ରକାଶଙ୍କୁ ଡାକି ପୁଅ ଅଚେତ ହୋଇପଡ଼ିଥିବା କହିଥିଲେ। ପୁଅକୁ ମାରିଦେଇଛ କି ବୋଲି ଓମ୍‌ପ୍ରକାଶ ପଚାରିବାରୁ ସେ ମରିଯାଇଥିବାର ଅଭିନୟ କରୁଛି ବୋଲି ଶିକ୍ଷକ କହିଥିଲେ। ସ୍ଥାନୀୟ ହସ୍ପିଟାଲକୁ ନେବା ପରେ ଛାତ୍ରଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

### ୱାଙ୍ଖଡେଙ୍କ ପରିବାର ଉପରେ ଆକ୍ରମଣ ଅଭିଯୋଗ

**ମୁମ୍ବାଇ, ୨୧।୧୦:** ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାର ତଦନ୍ତ କରୁଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ପରିବାର ଉପରେ ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ୍‌ଙ୍କୁ ଦାୟୀ କରି ଘଟଣାରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି ନେତା ନୱାବ କହିଥିଲେ, କରୋନା ମହାମାରୀବେଳେ ସମୀର ମାଲଦ୍ୱୀପ ଯାଇଥିଲେ। ଅନେକ ବଲିଉଡ୍ ସେଲିବ୍ରିଟିମାନେ ସେଠାରେ ଛୁଟି କାଟୁଥିଲେ। ସେଠାରେ ସମୀର ଲାଞ୍ଚ ନେଉଥିଲେ ଏବଂ ପ୍ରମାଣ ପାଇଁ ଏହାର ଫଟୋ ମଧ ତାଙ୍କ ପାଖରେ ଥିବା ନୱାବ କହିଥିଲେ। ଜବାବରେ ସମୀର କହିଛନ୍ତି, ସେ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ମାଲଦ୍ୱୀପକୁ ଛୁଟି କାଟିବାକୁ ଯାଇଥିଲେ। ମନ୍ତ୍ରୀଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସେଠାରେ ସେ କାହାକୁ ଭେଟି ନାହାନ୍ତି କିମ୍ବା ଟଙ୍କା ନେଇନାହାନ୍ତି ବୋଲି ସମୀର କହିଛନ୍ତି।



## ଟ୍ରମ୍ପ୍‌ଙ୍କ 'ଟ୍ରୁଥ୍ ସୋସିଆଲ'

କ୍ୟାପିଟୋଲ ହିଂସା ପରଠାରୁ ୯ ମାସ ଧରି ଟୁଇଟର, ଫେସ୍‌ବୁକ୍ ଆଦିରୁ ବାଦ୍ ପଡ଼ିଥିବା ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଏକ ସୋସିଆଲ ମିଡିଆ କମ୍ପାନୀ ଆଣିବାକୁ ବୁଧବାର ଘୋଷଣା କରିଛନ୍ତି। ପ୍ରମୁଖ ସୋସିଆଲ ମିଡିଆ କମ୍ପାନୀ ତାଙ୍କ ଆକାଉଣ୍ଟ ରଦ୍ଦ କରି ସ୍ୱର ଚପାଇବାକୁ ଚେଷ୍ଟା କରିଛନ୍ତି। ସେହି କମ୍ପାନୀ ସମେତ ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଟ୍ରମ୍ପ୍ ମିଡିଆ ଆଣ୍ଡ୍ ଟେକ୍ନୋଲୋଜି ଗ୍ରୁପ୍ କମ୍ପାନୀ ଏବଂ ଟ୍ରୁଥ୍ ସୋସିଆଲ ଆପ୍ଲିକେଶନ ଲଞ୍ଚ ପଛର ଉଦ୍ଦେଶ୍ୟ ରହିଛି ବୋଲି ଟ୍ରମ୍ପ୍ କହିଛନ୍ତି। ତାଲିବାନ୍ ଭଳି ଗୋଷ୍ଠୀର ବହୁ ସଦସ୍ୟଙ୍କୁ ଟୁଇଟରରେ ଜାଗା ମିଳିଥିବାବେଳେ ଆମେରିକାର 'ପ୍ରିୟ ରାଷ୍ଟ୍ରପତି'ଙ୍କୁ ହଟାଯିବା ଗ୍ରହଣୀୟ ନୁହେଁ ବୋଲି ସେ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଆସନ୍ତା ମାସରେ ଏହି ଆପ୍‌ର ପ୍ରାରମ୍ଭିକ ଉନ୍ମୋଚନ କରାଯିବ।

## ଦକ୍ଷିଣ କୋରିଆର ସ୍ୱଦେଶୀ ରକେଟ୍



ମହାକାଶକୁ ଉପଗ୍ରହ ପ୍ରେରଣ ଲକ୍ଷ୍ୟରେ ଦକ୍ଷିଣ କୋରିଆ ପ୍ରଥମ ଥର ପାଇଁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ସ୍ପେସ୍ ରକେଟ୍ 'ନୁରୀ'ର ପରୀକ୍ଷଣ କରିଛି। ତେବେ ତିନି ପର୍ଯ୍ୟାୟର ନୁରୀ ରକେଟ୍ ସଫଳତାର ସହ ଡମି ପେଲୋଡ୍‌କୁ ଡେଲିଭର କରିପାରିଛି କି ନା ତାହା ସ୍ପଷ୍ଟ ହୋଇନାହିଁ। ଷ୍ଟେନଲେସ୍ ଷ୍ଟିଲ ଏବଂ ଆଲୁମିନିୟମରେ ନିର୍ମିତ ଉକ୍ତ ପେଲୋଡ୍‌ର ଓଜନ ୧.୫ ଟନ୍ ହେବ। ଭୂପୃଷ୍ଠରୁ ୬୦୦ରୁ ୮୦୦ କିଲୋମିଟର ପର୍ଯ୍ୟନ୍ତ ଏହି ରକେଟ୍ ପୃଥିବୀ କକ୍ଷପଥକୁ ପେଲୋଡ୍ ନେଇଯିବାର ଥିଲା। ନାରୋ ସ୍ପେସ୍ ସେଣ୍ଟରରୁ ନୁରୀ ରକେଟ ଉତ୍କ୍ଷେପଣ କରାଯାଇଥିଲା। ୧୯୯୦ ଦଶକରୁ ଦକ୍ଷିଣ କୋରିଆ ସ୍ପେସ୍ ପ୍ରୋଗ୍ରାମ ପାଇଁ ଅନ୍ୟଦେଶ ଉପରେ ନିର୍ଭର କରିଆସୁଛି। ଏବେ ନିଜ ଜ୍ଞାନକୌଶଳରେ ସ୍ପେସ୍‌ରେସ୍‌ରେ ୧୦ମ ଦେଶ ଭାବେ ସାମିଲ ହେବାକୁ ଉଦ୍ୟମ ଚଳାଇଛି। ଏହି ରକେଟ ପରୀକ୍ଷଣ ସଫଳ ହେଲେ ଅର୍ବିଟ୍‌ରେ ୧.୫ ଟନ୍ ଡମି କାର୍ଗୋ ସ୍ଥାପନ କରିବାରେ ଦକ୍ଷିଣ କୋରିଆ ୭ମ ଦେଶ ହେବ।

# ଅନିର୍ଦ୍ଦିଷ୍ଟ କାଳ ରାସ୍ତା ଅବରୋଧ କରାଯାଇପାରିବ ନାହିଁ



**ନୂଆଦିଲ୍ଲୀ, ୨୧।୧୦**

କୃଷକ ସଂଗଠନଗୁଡ଼ିକର ଆନ୍ଦୋଳନ କରିବା ଅଧିକାର ରହିଛି, କିନ୍ତୁ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତା ଅବରୋଧ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଗାଡ଼ିମୋଟର ଚଳାଚଳ ସୁଗମ କରିବା ଲାଗି ନୋଏଡ଼ା-ଦିଲ୍ଲୀ ରାସ୍ତାକୁ ଅବରୋଧ ମୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ନୋଏଡ଼ାର ମୋନିକା ଅଗ୍ରୱାଲ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତାଙ୍କ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅନ୍ୟାନ୍ୟ କୃଷକ ସଂଗଠନଗୁଡ଼ିକୁ ଜବାବ ମାଗିଛନ୍ତି। ରାମଲୀଳା ମଇଦାନ କିମ୍ବା ଜନ୍ତରମନ୍ତରରେ ଆନ୍ଦୋଳନ ଚଳାଇବା ପାଇଁ ସରକାର ଅନୁମତି ଦେଇଥିଲେ ରାସ୍ତା ଅବରୋଧ ହଟିଯାଇଥାନ୍ତା ବୋଲି କୃଷକ ସଂଗଠନର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଅଦାଲତଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଜଣାଇଥିଲେ, ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ବେଳେ ହିଂସାକାଣ୍ଡ ଘଟିବ ନାହିଁ ବୋଲି କୃଷକ ସଂଗଠନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ସତ୍ତ୍ୱେ ସେଦିନ ହିଂସାକାଣ୍ଡ ଘଟି ଜଣକର ମୃତ୍ୟୁ ହେବା ସହ ଅନ୍ୟ କେତେଜଣ ଆହତ ହୋଇଥିଲେ। ଜାନୁୟାରୀ ୨୬ ହିଂସାକାଣ୍ଡ ପ୍ରାୟୋଜିତ ଥିଲା ବୋଲି ଡାଭେ ଯୁକ୍ତି ବାଢ଼ିଥିଲେ ଏବଂ ରାସ୍ତା ପରିଚାଳନା ପୋଲିସ ଭଲଭାବେ କରିପାରିବ ବୋଲି କହିଥିଲେ। ଜଷ୍ଟିସ୍ କିଷନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ରାସ୍ତାରେ ଯାତାୟାତ କରିବା ଅଧିକାର ସମସ୍ତଙ୍କର ରହିଛି, ଏହାକୁ ଅବରୋଧ କରାଯାଇପାରିବ ନାହିଁ ବୋଲି କହିଥିଲେ। କୃଷକ ସଂଗଠନଗୁଡ଼ିକ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୭କୁ ଧାର୍ଯ୍ୟ କରିଛନ୍ତି।

କେନ୍ଦ୍ର ସରକାରଙ୍କର ୩ ବିବାଦୀୟ କୃଷି ଆଇନକୁ ସ୍ଥଗିତ ରଖାଯାଇଥିବାବେଳେ କୃଷକ ସଂଗଠନ ଉକ୍ତ ଆଇନ ବିରୋଧରେ ଆନ୍ଦୋଳନ ଜାରି ରଖିବା ଓ ଜାତୀୟ ରାଜପଥ ଅବରୋଧ କରିବା ପଛର ବାସ୍ତବତା ଉପରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଏକ ଖଣ୍ଡପୀଠ ପୂର୍ବରୁ ପ୍ରଶ୍ନ କରିଥିଲେ। ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ବିରୋଧରେ ଆନ୍ଦୋଳନ କରିବା ଅଧିକାର ଚାଷୀମାନଙ୍କର ରହିଛି କି ନାହିଁ ତାହା ଅନୁଧାନ କରିବେ ବୋଲି ଜଷ୍ଟିସ୍ ଖାନ୍‌ୱିଲକରଙ୍କ ଖଣ୍ଡପୀଠ କହିଥିଲେ।



## ଗାଜିପୁର ସୀମାରୁ ଟେଣ୍ଟ୍ ହଟାଇଲେ ଚାଷୀ

**ନୂଆଦିଲ୍ଲୀ, ୨୧।୧୦**

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଗତ ୧୧ ମାସ ହେଲା ଦିଲ୍ଲୀର ଗାଜିପୁର ସୀମାରେ ସର୍ଭିସ୍ ରୋଡ୍‌କୁ ଅବରୋଧ କରି ରଖିଥିବା ଚାଷୀ ସେଠାରୁ ପ୍ରତିବନ୍ଧକ ହଟାଇଛନ୍ତି। ଗାଡ଼ିମୋଟର ଚଳାଚଳ ସୁଗମ କରିବା ଲାଗି ସେମାନେ ଉକ୍ତ ରୋଡ୍‌ରେ ଲଗାଇଥିବା ଟେଣ୍ଟ ହଟାଇବା ଆରମ୍ଭ କରିଛନ୍ତି। ତେବେ ସେମାନେ ନୁହନ୍ତି, ବରଂ ପୋଲିସ ରାସ୍ତାକୁ ଅବରୋଧ କରି ରଖିଥିଲା ବୋଲି ଚାଷୀମାନେ କହିଛନ୍ତି। ସୁପ୍ରିମକୋର୍ଟରେ ସେମାନଙ୍କ ବିଷୟରେ ଭୁଲ୍ ତଥ୍ୟ ଦିଆଯାଉଛି। ଚାଷୀମାନେ ଦିଲ୍ଲୀ ଯିବାକୁ ଚାହୁଁଥିଲେ, ରାସ୍ତା ଅବରୋଧ ନୁହେଁ। ସେମାନଙ୍କୁ ସହର ଭିତରେ ପ୍ରବେଶ ଅନୁମତି ନ ମିଳିବାରୁ ସେମାନେ ସୀମାରେ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲେ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ପକ୍ଷରୁ କୁହାଯାଇଛି। ସିଙ୍ଘୁ ସୀମା ରାସ୍ତାରୁ ଅବରୋଧ ହଟାଇବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ସେଠାରେ ବୈଠକ ଚାଲିଥିବା ଜଣାପଡ଼ିଛି।

## ନେପାଳରେ ବର୍ଷା ବିପ୍ରାତ: ୮୮ ମୃତ

**କାଠମାଣ୍ଡୁ, ୨୧।୧୦(ପି.ଟି.)**

ନେପାଳରେ ପ୍ରବଳ ବର୍ଷାଜନିତ ଭୂସ୍ଖଳନ ଓ ବନ୍ୟାରେ ୮୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହା ବ୍ୟତୀତ ବର୍ତ୍ତମାନ ସୁଦ୍ଧା ୩୦ ଜଣ ନିଖୋଜ ଥିବା ନେପାଳର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ଗତ ୩ ଦିନ ହେଲା ସେଠାରେ ଲଗାଣ ବର୍ଷା ଜାରି ରହିଛି। ମଙ୍ଗଳବାର ୧୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବୁଧବାର ୬୩ ଏବଂ ଗୁରୁବାର ୧୧ ଜଣଙ୍କ ଜୀବନ ଯାଇଛି। ପୂର୍ବ ନେପାଳରେ ଥିବା ପଞ୍ଚଥର ଜିଲାରେ ସର୍ବାଧିକ ୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇଲମ ଓ ଡୋଟି ଜିଲାରେ ୧୩ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବର୍ଷାରେ ୨୦ଟି ଜିଲା କ୍ଷତିଗ୍ରସ୍ତ ହୋଇଛି। ହୁମଲା ଜିଲାରେ ପାଣିଘେରରେ ରହିଯାଇଥିବା ବିଦେଶୀ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନେପାଳ ପୋଲିସ, ସଶସ୍ତ୍ର ପୋଲିସ ବାହିନୀ, ଜାତୀୟ ତଦନ୍ତକାରୀ ବିଭାଗ ଓ ସୈନ୍ୟବାହିନୀକୁ ନିୟୋଜିତ କରାଯାଇଛି। ପ୍ରବଳ ତୁଷାରପାତ ଯୋଗୁ ଲିମି ଅଞ୍ଚଳରେ ରାସ୍ତା ଅବରାଧ ହୋଇଯିବାରୁ ହୁମଲା ଜିଲାର ନଖଲାଠାରେ ୧୨ ପର୍ଯ୍ୟଟକ ଓ ୩ ଜଣ ଗାଇଡ୍ ଅଟକି ରହିଛନ୍ତି। ରବିବାରଠାରୁ ତୁଷାରପାତ ଜାରି ରହିବା ସହ ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ପାଇଁ ଗୃହ ମନ୍ତ୍ରଣାଳୟଠାରୁ ହେଲିକପ୍ଟର ମାଗିଛି।




କୋଭିଡ୍ ଟିକାକରଣ ୧୦୦ କୋଟି ପୂରଣ ଅବସରରେ ଗୁରୁବାର ଦିଲ୍ଲୀର ଲାଲକିଲ୍ଲାରେ ସର୍ବବୃହତ ତ୍ରିରଙ୍ଗା ପ୍ରଦର୍ଶନ କରାଯାଉଛି।

## କର୍ନାଟକ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ, ୨୧।୧୦**

**ଗୌରୀ ଲଙ୍କେଶ ହତ୍ୟା ମାମଲା**



ସାମ୍ବାଦିକ ଗୌରୀ ଲଙ୍କେଶ ହତ୍ୟା ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କର୍ନାଟକ ସଂଗଠିତ ଅପରାଧ ନିୟନ୍ତ୍ରଣ (କେସିଓସିଏ)ରେ ଦାଖଲ ଚାର୍ଜସିଟ୍‌କୁ ଖାରଜ କରିଦେବା ପାଇଁ କର୍ନାଟକ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ସୁପ୍ରିମକୋର୍ଟ ଗୁରୁବାର ଅଗ୍ରାହ୍ୟ କରିଦେଇଛନ୍ତି। ରାଜ୍ୟ ସରକାର ଓ ଗୌରୀଙ୍କ ଭଉଣୀ କବିତା ଲଙ୍କେଶ ହାଇକୋର୍ଟଙ୍କ ଏପ୍ରିଲ ୨୨ ତାରିଖ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କ ପିଟିଶନକୁ ଶୁଣାଣି ପାଇଁ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗ୍ରହଣ କରିଛନ୍ତି।

ଗୌରୀ ଲଙ୍କେଶଙ୍କୁ ୨୦୧୭ ସେପ୍ଟେମ୍ବର ୫ରେ ବେଙ୍ଗାଲୁରୁର ରାଜରାଜେଶ୍ୱରୀ ନଗର ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଅଭିଯୁକ୍ତ ମୋହନ ନାୟକଙ୍କ ବିରୋଧରେ କେସିଓସିଏରେ ତଦନ୍ତ ପାଇଁ ପୋଲିସ କର୍ତ୍ତୃପକ୍ଷ ୨୦୧୮ ଅଗଷ୍ଟ ୧୪ରେ ନିର୍ଦ୍ଦେଶ ଦେଇଥିବାବେଳେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ କୌଣସି ଅପରାଧ ମାମଲା ନ ଥିବାବେଳେ କେସିଓସିଏ ଲଗାଇବାକୁ ଅନୁମତି ଦିଆଯିବାକୁ ନେଇ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ହାଇକୋର୍ଟ ଭୁଲ୍‌ବଶତଃ ଅଭିଯୁକ୍ତଙ୍କ ବିରୋଧରେ କେସିଓସିଏ ପ୍ରଯୁଜ୍ୟ ନୁହେଁ ବୋଲି ନିଷ୍ପତ୍ତି ନେଇଥିବା କବିତା ଲଙ୍କେଶଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ।

## ଯୌନ ସମ୍ପର୍କ ନ ରଖିବାରୁ ବାଳିକାଙ୍କୁ ହତ୍ୟା

**ଗୁଆହାଟୀ, ୨୧।୧୦**

ଆସାମର ନଅଗାଁ ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଯୌନ ସମ୍ପର୍କ ରଖିବା ପାଇଁ ମନାକରିବାରୁ ଜଣେ ୬ ବର୍ଷୀୟା ବାଳିକାଙ୍କୁ ପର୍ନ ଅଭ୍ୟସ୍ତ ୨ ନାବାଳକ ପଥରରେ ଛେଚି ହତ୍ୟା କରିଛନ୍ତି। ୧୧ ବର୍ଷୀୟ ଅଭିଯୁକ୍ତ ଦ୍ୱୟଙ୍କ ସମେତ ୮ ବର୍ଷୀୟ ଆଉ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ମା'ବାପାଙ୍କୁ ମଧ ପୋଲିସ ଥାନାକୁ ନେଇଛି। ଗତ ୧୮ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଛି। ଏକ ପଥର କଟା ମିଲ୍‌ରେ ବାଳିକା ଜଣକ ଅଚେତ ଅବସ୍ଥାରେ ମିଳିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଳିକା ଜଣକ ୩ ଅଭିଯୁକ୍ତଙ୍କ ପଡୋଶୀ। ଯୌନ ସମ୍ପର୍କ ରଖିବା ପାଇଁ ଜଣେ ଅଭିଯୁକ୍ତ ତାଙ୍କୁ କହିବା ପରେ ନାବାଳିକା ଜଣକ ମନା କରିବା ସହ ଘରେ କହିଦେବାକୁ ଧମକ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଏକ ପଥରରେ ଛେଚି ନାବାଳିକାଙ୍କୁ ହତ୍ୟା କରିଥିଲେ। ଜଣେ ନାବାଳକ ତାଙ୍କ ବାପାଙ୍କ ଫୋନ୍‌ରେ ଅଶ୍ଳୀଳ ଭିଡିଓ ଦେଖୁଥିଲେ ବୋଲି ବ୍ରାଉଜିଂ ହିଷ୍ଟ୍ରିରୁ ଜଣାପଡ଼ିଛି। ଉଚିତ୍ ମାର୍ଗଦର୍ଶନ, ସାମାଜିକ ହେବାକୁ ଶିକ୍ଷା ମିଳିଥିଲେ ଆଜି ୪ ଜୀବନ ସୁରକ୍ଷିତ ରହିଥାନ୍ତା ବୋଲି ନଅଗାଁ ଏସ୍‌ପି ଆନନ୍ଦ ମିଶ୍ର ଟୁଇଟ୍ କରିଛନ୍ତି। ଏପରି ଘଟଣା କାହା ସହ ବି ଘଟିପାରେ। ଯଦି ଆଗାମୀ ପିଢ଼ି ସାମାଜିକ ନୈତିକ ମାନଦଣ୍ଡ ବୁଝିବାରେ ବିଫଳ ହୁଅନ୍ତି ତେବେ ଏହା ଆମମାନଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

**ବାପାଙ୍କ ଫୋନରେ ଅଶ୍ଳୀଳ ଭିଡିଓ ଦେଖୁଥିଲେ ନାବାଳକ**

## ଗ୍ୟାସ୍, କୋଇଲା ପାଇଁ ହେବ ଜରୁରୀ ଭଣ୍ଡାର

**ଚେନ୍ନାଇ, ୨୧।୧୦**





ଶକ୍ତି ସଚିବ ଆଲୋକ କୁମାର

କୋଇଲା ଅଭାବକୁ ନେଇ ବିଦ୍ୟୁତ ସଙ୍କଟ ଆଶଙ୍କା ଦେଖାଦେଇଥିବାବେଳେ ଭବିଷ୍ୟତରେ ଏଭଳି ଯୋଗାଣ ସମସ୍ୟାର ସମାଧାନ ପାଇଁ ସରକାର ପ୍ରାକୃତିକ ଗ୍ୟାସ୍ ଓ ଆମଦାନି କୋଇଲାର ଷ୍ଟ୍ରାଟେଜିକ୍ ରିଜର୍ଭ (ଜରୁରୀ ସମୟରେ ବ୍ୟବହାର ପାଇଁ ଭଣ୍ଡାର) ନିର୍ମାଣ ନିମନ୍ତେ ବିଚାର କରୁଛନ୍ତି। ଶକ୍ତି ସଚିବ ଆଲୋକ କୁମାର ଗୁରୁବାର ଏହି ସୂଚନା ଦେଇଛନ୍ତି। ଦେଶରେ ବିଦ୍ୟୁତ୍ ଚାହିଦା ବଢ଼ିଥିବାବେଳେ ଅନ୍ତର୍ଜାତୀୟ ବଜାରରେ କୋଇଲା ଦର ବୃଦ୍ଧି ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। କୋଲ୍ ଇଣ୍ଡିଆ ରେକର୍ଡ ପରିମାଣରେ କୋଇଲା ଯୋଗାଣ କରୁଥିଲେ ମଧ ଦେଶର ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ରରେ ଯଥେଷ୍ଟ କୋଇଲା ଗଚ୍ଛିତ ନ ଥିବାରୁ ଅଧିକ ସମୟ ପାୱାର କଟ୍ ହେଉଛି। କୋଇଲା ଓ ପ୍ରାକୃତିକ ଗ୍ୟାସ ରପ୍ତାନିକାରୀ ଦେଶଗୁଡ଼ିକ ନିଜର ବର୍ଦ୍ଧିତ ଚାହିଦା ପୂରଣ ଉପରେ ପ୍ରାଥମିକତା ଦେଉଛନ୍ତି। ଉଦାହରଣ ସ୍ୱରୂପ ରୁଷିଆରେ ଅଧିକ ଗ୍ୟାସ୍ ଆବଶ୍ୟକ ପଡୁଥିବାରୁ ଏହା ୟୁରୋପୀୟ ଦେଶକୁ ଯୋଗାଣ କମାଇ ଦେଇଛି। ତେଣୁ ଭବିଷ୍ୟତରେ ଯୋଗାଣ ବାଧାପ୍ରାପ୍ତ ହେଲେ ଜରୁରୀ ସମୟ ପାଇଁ ମାସେ କିମ୍ବା ଅଧିକ ଦିନ ଗ୍ୟାସ୍ ଓ ଆମଦାନୀ କୋଇଲା ମହଜୁଦ ରଖିବା ନିମନ୍ତେ ଜରୁରୀ ଭଣ୍ଡାର ସ୍ଥାପନ ଉପରେ ଚିନ୍ତା କରାଯାଉଛି ବୋଲି ଶକ୍ତି ସଚିବ ଦକ୍ଷିଣ ଏସିଆ ଶକ୍ତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି। ସୂଚନାଯୋଗ୍ୟ, ଭାରତରେ ବିଦ୍ୟୁତ ଉତ୍ପାଦନର ୭୦ ପ୍ରତିଶତ କୋଇଲାରୁ ମିଳୁଥିବାବେଳେ ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ରରେ ୩ ଦିନ କିମ୍ବା ଏହାଠାରୁ କମ୍ ପାଇଁ ଇନ୍ଧନ ଗଚ୍ଛିତ ଥିବା ଜଣାପଡ଼ିଛି।

# ଶଙ୍ଖୁଡ଼ି ଭୋଗରୁ ଶ୍ରଦ୍ଧାଳୁ ବଞ୍ଚିତ

**ମଣ୍ଡପରେ ବିରାଜିଛନ୍ତି ମା'। ହେଲେ ଦେବୀଙ୍କ କମନୀୟ ରୂପ ଦର୍ଶନ କରିବାର ସୌଭାଗ୍ୟରୁ ବଞ୍ଚିତ ହେଉଛନ୍ତି ଶ୍ରଦ୍ଧାଳୁ। କରୋନା କଟକଣା ଠାକୁରାଣୀ ଏବଂ ଭକ୍ତଙ୍କ ମଧରେ ପାଚେରି ସୃଷ୍ଟି କରିଥିବାବେଳେ ଭକ୍ତଶୂନ୍ୟ ମଣ୍ଡପରେ ହାତଗଣତି କର୍ମକର୍ତ୍ତାଙ୍କୁ ନିରାଡମ୍ବରରେ ଚାଲିଛି ପୂଜାର୍ଚ୍ଚନା। ପାଳନ ହେଉଛି ବିଧି। ପରମ୍ପରାର ନିଦର୍ଶନ ସ୍ୱରୂପ ଗୁରୁବାର ମା'ଙ୍କ ନିକଟରେ ଲାଗି ହୋଇଥିଲା ଖେଚୁଡ଼ି ଭୋଗ। ହେଲେ ଏହି ଶଙ୍ଖୁଡ଼ି ଭୋଗରୁ ବଞ୍ଚିତ ହୋଇଥିଲେ ସହରବାସୀ।**

- ପୂଜା ପ୍ରତିଷ୍ଠାନରେ ପାଳନ ହେଲା ପରମ୍ପରା
- ମା'ଙ୍କ ନିକଟରେ ଅର୍ପଣ ହେଲା ଖେଚୁଡ଼ି
- ୨୮ ତାରିଖରେ ପୁନର୍ବାର ଲାଗିହେବ ଅନ୍ନପ୍ରସାଦ





**ଢେଙ୍କାନାଳ ଅଫିସ, ୨୧।୧୦**

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଗୁରୁବାର ଥିଲା ତୃତୀୟ ଦିବସ। ପରମ୍ପରାର ନିଦର୍ଶନ ସ୍ୱରୂପ ମଣ୍ଡପରେ ବିଜେ ହୋଇଥିବା ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ନିକଟରେ ଲାଗି ହୋଇଥିଲା ଖେଚୁଡ଼ି ଭୋଗ। ହେଲେ ଏଥିରୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ ଏବଂ ସହରବାସୀ, ଯାହା ସମସ୍ତଙ୍କ ମନରେ ଭରିଛି ନିରାଶ ଭାବ। ୨୯ ତାରିଖରେ ମା'ଙ୍କ ବିସର୍ଜନ ସ୍ଥିରୀକୃତ ହୋଇଥିବାବେଳେ ଏହାର ପୂର୍ବଦିନ ଅର୍ଥାତ୍ ୨୮ ତାରିଖରେ ଗୁରୁବାର ପଡୁଛି। ତେଣୁ ଉକ୍ତ ଦିନ ପୁନର୍ବାର ଶଙ୍ଖୁଡ଼ି ଭୋଗ ଅର୍ପଣ କରାଯିବା କାର୍ଯ୍ୟକ୍ରମ ରହିଛି।

ଲକ୍ଷ୍ମୀପୂଜା ଉପଲକ୍ଷେ ଗୁରୁବାର ମା'ଙ୍କ ନିକଟରେ ଅନ୍ନ ଭୋଗ କରିବା କେଉଁ ଆବହମାନ କାଳରୁ ଚାଲିଆସିଛି। ଭୋଗ ପାଇବାକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ, ସରକାରୀ କର୍ମଚାରୀଙ୍କ ସମାଗମ ହୋଇଥାଏ। ହେଲେ ଚଳିତବର୍ଷ ପାର୍ବଣଜନିତ କୋଭିଡ୍ ଗାଇଡ୍‌ଲାଇନ୍ କାରଣରୁ ପୂଜା ପ୍ରତିଷ୍ଠାନରେ ନିରାଡମ୍ବର ପରିବେଶରେ ବିନା ଶ୍ରଦ୍ଧାଳୁରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା।

ମିନାବଜାର, ଗଣେଶ ବଜାର, ଜୁବିଲିଟାଉନ-୧, ଖମାରସାହି, ଦେଉଳସାହି, ଜବାହର ଚୌକ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଅନ୍ନ, ଖେଚୁଡ଼ି, ଡାଲମା, ଶାଗ, ରାଇତା, ଓଉଖଟା, ପୁଳି, କାକରା, ମଣ୍ଡା, ଖିରି, ଗଜା ଭଳି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସେହିପରି ସନ୍ଧ୍ୟାରେ କାକରା ସାଙ୍ଗକୁ ଛେନା ମା'ଙ୍କ ପାଖରେ ଭୋଗ କରାଯାଇଥିଲା। ଏ ସଂକ୍ରାନ୍ତରେ ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ଏବଂ ଜବାହରଚୌକ ପୂଜା ପ୍ରତିଷ୍ଠାନ ସମ୍ପାଦକ ସୁଧାଂଶୁ କୁମାର ଦଳେଇ କୁହନ୍ତି, କରୋନା ସଂକ୍ରମଣ ଏବଂ କଟକଣା ଯୋଗୁ ଗତ ଦୁଇବର୍ଷ ହେବ ଶ୍ରଦ୍ଧାଳୁମାନେ ଶଙ୍ଖୁଡ଼ି ଭୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ପରମ୍ପରା ଅନୁଯାୟୀ ମା'ଙ୍କ ପାଖରେ ସମସ୍ତ ଭୋଗ ସମର୍ପଣ କରାଯିବା ସହ ନୀତିକାନ୍ତି କରାଯାଇଛି।



ଗୁଡ଼ିଆନାଳୀ ଚାନ୍ଦିମେଢ଼।



ଲକ୍ଷ୍ମୀବଜାର।



କୈବଲ୍ୟ ବଜାର।

# ପଥରରେ ଛେଚି ଭିଶୋଇଙ୍କୁ ହତ୍ୟା: ଜଙ୍ଗଲରୁ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୧।୧୦:** ଢେଙ୍କାନାଳ କୁଞ୍ଜକାନ୍ତ ନିକଟ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ନିକଟରେ ବୁଧବାର ରାତିରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଭିଣୋଇଙ୍କୁ ନିସ୍ତୁକ ମାଡ଼ ମାରି ପଥରରେ ଛେଚି ହତ୍ୟା କରିଛନ୍ତି ଶଳା। ମୃତକ ହେଲେ ରାଘବ ପ୍ରଧାନ (୫୦)। ପୋଲିସ ଅଭିଯୁକ୍ତ ଶତ୍ରୁଘ୍ନ ପ୍ରଧାନ (୪୫)ଙ୍କୁ ଗିରଫ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂଚନା ଅନୁଯାୟୀ, ଘରୋଇ କଳିକୁ କେନ୍ଦ୍ରକରି ବୁଧବାର ରାତି ପ୍ରାୟ ୯ଟାରେ ରାଘବ ଏବଂ ଶତ୍ରୁଘ୍ନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ରାଘବଙ୍କୁ ଆକ୍ରମଣ କରିଥିଲେ ଶତ୍ରୁଘ୍ନ। ସେ ତଳେ ପଡ଼ିଯିବା ପରେ ପଥରରେ ଛେଚି ହତ୍ୟା କରିଥିଲେ। ସୂଚନା ପାଇ ଗୁରୁବାର ସକାଳେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ଚଢ଼ାଉ କରି ଜଙ୍ଗଲରୁ ତାଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୪୪୨/୨୧ରେ ଏକ ମାମଲା ରୁଜୁ କରାଯାଇଛି।







**ପ୍ରଥମ ପୃଷ୍ଠାରୁ...**

## ନଭେମ୍ବର ୨୨ରୁ ନବମ ...

ଦୁଇ ଟର୍ମରେ ଭାଗ କରାଯାଇଛି। ପ୍ରଥମ ଟର୍ମ ଜୁଲାଇରୁ ନଭେମ୍ବର ଓ ଦ୍ୱିତୀୟ ଟର୍ମ ଡିସେମ୍ବରରୁ ଏପ୍ରିଲ ଯାଏ ଚାଲିବ। ଛାତ୍ରଛାତ୍ରୀ ୨ଟି ଟର୍ମରେ ମୋଟ ୬ଟି ପରୀକ୍ଷା ଦେବେ। ସେଥିରୁ ୪ଟି ଫର୍ମେଟିଭ୍ ଆସେସ୍‌ମେଣ୍ଟ(ଏଫ୍‌ଏ) ଓ ୨ଟି ସମେଟିଭ୍ ଆସେସମେଣ୍ଟ(ଏସ୍‌ଏ) ରହିବ। ପ୍ରତି ଟର୍ମରେ ପିଲା ୫୦ ପ୍ରତିଶତ ପାଠ ପଢ଼ିବେ ଓ ତାହାର ପରୀକ୍ଷା ଦେବେ। ବୋର୍ଡ ସିଧାସଳଖ ଏହି ପରୀକ୍ଷା କରାଇବ। ଏସବୁ ପରୀକ୍ଷାର ମାର୍କକୁ ରେକର୍ଡ ଭାବେ ରଖାଯିବ। ଆଗକୁ ଯଦି କରୋନା ପାଇଁ କିଛି ସମସ୍ୟା ହୁଏ, ତେବେ ପିଲାଙ୍କୁ ସେସବୁ ମାର୍କ ଆଧାରରେ ମୂଲ୍ୟାୟନ କରାଯିବ ବୋଲି ପୂର୍ବରୁ ବୋର୍ଡ ପକ୍ଷରୁ କୁହାଯାଇଥିଲା।

## ୧୦୦ କୋଟି ଟପିଲା ...

ଲାଲ୍‌କିଲ୍ଲାରେ ଗୁରୁବାର ୧,୪୦୦ କିଲୋଗ୍ରାମ ଓଜନର ଦେଶର ସର୍ବବୃହତ ଖଦି ତ୍ରିରଙ୍ଗା ପ୍ରଦର୍ଶନ କରାଯାଇଥିଲା। ଗାନ୍ଧୀ ଜୟନ୍ତୀରେ ୨୨୫ ଫୁଟ୍ ଲମ୍ବା ଓ ୧୫୦ ଫୁଟ୍ ଓସାରର ଉକ୍ତ ତ୍ରିରଙ୍ଗା ଲେହରେ ଉନ୍ମୋଚିତ ହୋଇଥିଲା। ୧୦୦ କୋଟି ଟିକାଦାନ ସମ୍ପୂର୍ଣ୍ଣ ହୋଇଥିବାରୁ ଦେଶର ସମସ୍ତ ରେଳଷ୍ଟେଶନରେ ଏ ସମ୍ପର୍କରେ ଘୋଷଣା କରାଯିବା ସହ ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ କର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇ ଦିଆଯାଇଛି। ଦିଲ୍ଲୀ ବିମାନବନ୍ଦରରେ ସ୍ପାଇସ୍ ଜେଟ୍ ଏହି ସଫଳତାକୁ ପାଳନ କରିବା ସହ ବୋଇଂ ୭୩୭ ବିମାନରେ ସ୍ୱତନ୍ତ୍ର ଲିଭେରି ଉନ୍ମୋଚନ କରିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ଫଟୋ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡବ୍ୟ ଉପସ୍ଥିତ ଥିଲେ। କେତେକ ସରକାରୀ ହସ୍ପିଟାଲରେ ବ୍ୟାନର ଲାଗିବା ସହ ହସ୍ପିଟାଲ କର୍ମଚାରୀ ଓ ଟିକା ନେବାକୁ ଆସିଥିବା ହିତାଧିକାରୀଙ୍କୁ ଜଳଖିଆ ଦିଆଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ କର୍ମଚାରୀ, ଆଗୁଆ ଯୋଦ୍ଧା, ବୈଜ୍ଞାନିକ, ଟିକା ଉତ୍ପାଦକାରୀ ଓ ମହାମାରୀର ମୁକାବିଲା କରିଥିବା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦେଶର ୧୦୦ଟି ଐତିହ୍ୟ କୀର୍ତ୍ତିରାଜିକୁ ତ୍ରିରଙ୍ଗା ଆଲୋକମାଳାରେ ସଜାଇଛି।

### ଅଭିନନ୍ଦନ ଜଣାଇଲେ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ

ନୂଆଦିଲ୍ଲୀ, ୨୧।୧୦(ପି.ଟି.): ଭାରତରେ କୋଭିଡ୍ ଟିକାକରଣ ଗୁରୁବାର ୧୦୦ କୋଟି ଟପିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧାନମ ଘେବ୍ରେୟେସସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଜ୍ଞାନିକ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଭାରତର ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟିକାକରଣ ୧୦୦ କୋଟି ଟପିବାକୁ ଭାରତକୁ ୨୭୯ ଦିନ ଲାଗିଛି। ଦୃଢ଼ ରାଜନୈତିକ ନେତୃତ୍ୱ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ସ୍ୱାସ୍ଥ୍ୟ ଓ ଅନ୍ୟ ଆଗଧାଡ଼ିର କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ଉଦ୍ୟମ ବିନା ଏହା ସମ୍ଭବ ହୋଇ ନ ଥାନ୍ତା ବୋଲି ଡବ୍ଲ୍ୟୁଏଚ୍‌ଓର ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଡ. ପୁନମ କ୍ଷେତ୍ରପାଳ ସିଂ କହିଛନ୍ତି। ଭାରତର ଏହି ସଫଳତା ପାଇଁ ବିଭିନ୍ନ ଦେଶ ଅଭିନନ୍ଦନ ଜଣାଇଛନ୍ତି। ସରକାରୀ ହିସାବ ଅନୁଯାୟୀ ଦେଶର ସାବାଳକଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ କୋଭିଡ୍ ଟିକାର ଅନ୍ୟୂନ ଗୋଟିଏ ଡୋଜ୍ ନେଇଥିବାବେଳେ ୩୧ ପ୍ରତିଶତ ଉଭୟ ଡୋଜ୍ ନେଇଛନ୍ତି।

## ୩ ବର୍ଷ ପରେ ...

ସ୍ଥାନ ଚିହ୍ନଟ କରାଯାଇଛି। ରାଜ୍ୟ ସରକାର ସେହି ଯୋଜନାରେ ଓଡ଼ିଶା ଉପକୂଳର ୧୧ଟି ପ୍ରକଳ୍ପକୁ ସାମିଲ କରିବାକୁ ପ୍ରସ୍ତାବ ଦେଇଛନ୍ତି। ସେହି ପ୍ରକଳ୍ପଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବଳରାମଗଦି ନିକଟସ୍ଥ ଚାନ୍ଦିପୁର ମାଛଧରା ବନ୍ଦରକୁ ବିଦ୍ୟୁତ୍ ଯୋଗାଣ, ଜେଟି ନିର୍ମାଣ, ପାଚେରି ନିର୍ମାଣ ପାଇଁ ୧୭ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଥିବା ବେଳେ ସେହି ଜାଗାକୁ ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୪.୭୨ କୋଟି, ସେହି ମାଛଧରା ବନ୍ଦରର ଭିତ୍ତିଭୂମି ବିକାଶ ସକାଶେ ୯.୯୫ କୋଟି, ମାଛ ପ୍ରକ୍ରିୟାକରଣ ପାଇଁ ୫ କୋଟି, ପୁରୀ ଜିଲାର ଚନ୍ଦ୍ରଭାଗା ନିକଟରେ ମାଛଧରା ଜେଟି ନିର୍ମାଣ ପାଇଁ ୫ କୋଟି, ସାତପଡ଼ା ଓ ଜହ୍ନିକୁଦା ମଧ୍ୟରେ ଯାତ୍ରୀମାନଙ୍କ ଯାତାୟାତ ସୁବିଧା ପାଇଁ ନୂଆ ଫେରି କ୍ରୟ କରିବା ସକାଶେ ୧୩.୯୬ କୋଟି, ଜାମୁଝରି, ବାସୁଦେବପୁର, ଧାମରାକୁ ସଂଯୋଗ କରୁଥିବା ୬୦ କି.ମି. ରାସ୍ତାରୁ ଦୋହରୀକରଣ ଲାଗି ୨୭୦.୩ କୋଟି, ହଳଦୀପଦର ଗୋପାଳପୁର ଭାୟା ରଙ୍ଗିପୁର ଦେଇ ଯାଇଥିବା ୧୭.୮ କି.ମି. ରାସ୍ତାକୁ ୪ ଲେନ୍ କରିବାକୁ ୧୬୧.୩୯ କୋଟି, ଭଦ୍ରକ ଜିଲାର କାଣିନାଳି ଓ କେନ୍ଦ୍ରାପଡ଼ା ଜିଲାର ତାଳଚୁଆରେ ଜେଟି ନିର୍ମାଣ କରିବା ପାଇଁ ୧୧୩.୫୦ କୋଟି, ପୁରୀ ଜିଲାର କୃଷ୍ଣପ୍ରସାଦଗଡ଼ା ଏବଂ ଖୋର୍ଦ୍ଧା ଜିଲାର ବାଲୁଗାଁରେ ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ୬୩.୭୦ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ନିକଟରେ ଦାଖଲ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ସାଗରମାଳା ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସାଗରମାଳା ଉନ୍ନୟନ କମ୍ପାନୀ ଲିମିଟେଡ(ଏସ୍‌ଡିସିଏଲ) ଗଠନ କରିଛନ୍ତି। ଏହି କମ୍ପାନୀ ରାଜ୍ୟସ୍ତରରେ ଗଠନ କରାଯାଇଥିବା ସ୍ପେଶାଲ ପର୍ପସ ଭେହିକିଲ(ଏସ୍‌ପିଭି)ଗୁଡ଼ିକୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସହାୟତା କରିବ। ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀ କରିବା ସକାଶେ ପ୍ରାଥମିକ ସ୍ତରରେ ଏସ୍‌ଡିସିଏଲ ଅର୍ଥ ଯୋଗାଇବ। ଜାହାଜ ଚଳାଚଳ ମନ୍ତ୍ରାଳୟର ବଜେଟରୁ ୫ରୁ ୬ ବର୍ଷ ପର୍ଯ୍ୟନ୍ତ ଏହି ଅର୍ଥ କରାଯିବ। ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସାମୁଦ୍ରିକ ବୋର୍ଡ ଏବଂ ରାଜ୍ୟ ସାଗରମାଳା କମିଟି ମିଳିତ ଭାବେ କାର୍ଯ୍ୟ କରିବେ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଥିବା ବେଳେ ପ୍ରକଳ୍ପ ଅନୁମୋଦନ ହେଉ ନ ଥିବାରୁ ସାଗରମାଳା କାର୍ଯ୍ୟକ୍ରମ ଝୁଲି ରହିଛି।

## ଶିଶୁଙ୍କୁ ଟିକାକରଣ ...

ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ ଜିଲ୍ଲା ସ୍ତରରେ ମଧ୍ୟ ହେବ। ଆମ ରାଜ୍ୟରେ ୨ ରୁ ୧୮ ବର୍ଷ ବୟସର ପିଲା ୧ କୋଟି ୪୦ଲକ୍ଷ ଅଛନ୍ତି। ଏହି ପିଲାମାନଙ୍କୁ ଟିକା ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଯେକୌଣସି ମୁହୂର୍ତ୍ତରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ପକ୍ଷରୁ ଅନୁମତି ମିଳିଲେ ଏବଂ କେନ୍ଦ୍ରରୁ ଆଉ ଟିକା ଆସିଲେ ଆମେ ଶିଶୁମାନଙ୍କୁ ଟିକା ଦେବା ଆରମ୍ଭ କରିବୁ ବୋଲି ଡା. ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ପିଲାମାନଙ୍କୁ କୋଭାକ୍ସିନ ବ୍ୟତୀତ 'ଜାଇଡସ୍ କ୍ୟାଡିଲା'ର ଛୁଞ୍ଚିମୁକ୍ତ 'ଜାଇକୋଭ୍-ଡି' କୋଭିଡ଼ ଟିକା ଦିଆଯାଇପାରିବ। କିନ୍ତୁ ବିଶେଷଜ୍ଞ କମିଟି କେବଳ କୋଭାକ୍ସିନ ପାଇଁ ସୁପାରିସ କରିଛନ୍ତି। ତେବେ ଟିକାକରଣ ନେଇ ଡିସିଜିଆଇ ଅନୁମତି ଦେବା ପରେ ଗାଇଡଲାଇନ୍ ଅନୁସାରେ ଟିକାକରଣ ହେବ। ସେହିପରି କେଉଁ ବୟସର ପିଲାଙ୍କୁ ଆଗ ଟିକା ଦିଆଯିବ ସେ ନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଗାଇଡଲାଇନ ଜାରି ହୋଇନାହିଁ। ସମସ୍ତ ବର୍ଗର ପିଲା ଏକା ସମୟରେ ନେବେ କି ନାହିଁ ତାହା ମଧ୍ୟ କୁହାଯାଇନାହିଁ। ଯେବେ ଶିଶୁଙ୍କୁ ଟିକାକରଣ ପାଇଁ ନିର୍ଦ୍ଦେଶନାମା ଆସିବ, ସେବେ ଟିକାକରଣ କେନ୍ଦ୍ର ବୃଦ୍ଧି କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ବର୍ଷକରେ ଶହୀଦ ହୋଇଛନ୍ତି ୩୭୭

**କଟକ ଅଫିସ,୨୧।୧୦**

ପୋଲିସ ମୁଖ୍ୟାଳୟ ପରିସରରେ ଗୁରୁବାର ୬୨ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶହୀଦ ଯବାନଙ୍କ ପରିବାରବର୍ଗଙ୍କ ପ୍ରତି ମଧ୍ୟ ଅଭୟ ସମବେଦନା ଜଣାଇଛନ୍ତି। ବୀର ଶହୀଦମାନଙ୍କ ପାଇଁ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ଶୋକ ଶସ୍ତ୍ର ପ୍ରଦର୍ଶନ ସହ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଲଦାଖ୍ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ଭାରତୀୟ ସିଆର୍‌ପିଏଫ୍ ଯବାନ ପ୍ରାଣବଳି ଦେଇଥିଲେ। ସେମାନଙ୍କ ସ୍ମୃତିରେ ଦେଶରେ ପ୍ରତିବର୍ଷ ଅକ୍ଟୋବର ୨୧ରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଆସୁଛି। ୧୯୬୦ରୁ ଏଯାବତ



କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ଡିଜିପି ଅଭୟ।

### ■ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଡିଜିପି

ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ପ୍ରାୟ ୩୫ହଜାରରୁ ଊର୍ଦ୍ଧ୍ୱ ଆରକ୍ଷୀ ଦେଶ ମାତୃକାର ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଗତ ୨୦୨୦ ସେପ୍ଟେମ୍ବର ୧ରୁ ୨୦୨୧ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ ଦେଶରେ ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୩୭୭ ଜଣ ଆରକ୍ଷୀ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ସୁନିଲ କୁମାର ନାୟକ, ଦେବାଶିଷ ସେଠୀ, ସୁଧୀର କୁମାର ଟୁଡୁ ଏବଂ ଅନୀଲ ଏକ୍କା ରହିଛନ୍ତି। ସେହିପରି ଗତ ୨୦୨୦ ଅକ୍ଟୋବର ୧୭ରୁ ଚଳିତବର୍ଷ ଅକ୍ଟୋବର ୧୬ ସୁଦ୍ଧା ଓଡ଼ିଶା ପୋଲିସର ୨୨ଜଣ ଯୋଦ୍ଧା କରୋନାରେ ଶହୀଦ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ମାନବାଧିକାର କମିଶନଙ୍କୁ ଭେଟିଲା ଭାଜପା ମହିଳା ପ୍ରତିନିଧି ଦଳ

**ଭୁବନେଶ୍ୱର,୨୧।୧୦ (ବ୍ୟୁରୋ)**

**ମମିତା ହତ୍ୟାକାଣ୍ଡ**

କଳାହାଣ୍ଡି ଜିଲାର ମହାଲିଙ୍ଗ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରିବା ଏବଂ ଏହି ଘଟଣାର ସିବିଆଇ ତଦନ୍ତ କରିବା ଦାବିରେ ରାଜ୍ୟ ଭାଜପାର ଏକ ମହିଳା ଟିମ୍ ଗୁରୁବାର ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟିଛନ୍ତି। ଘଟଣାର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ପାଇଁ ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ପ୍ରତିନିଧି ଦଳ ଦାବି କରିଛି। ସ୍କୁଲର ମୁଖ୍ୟ ସଞ୍ଚାଳକ ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ଯୋଗୁ ଉକ୍ତ ବେସରକାରୀ ଶିକ୍ଷାନୁଷ୍ଠାନକୁ ବେଆଇନ ଭାବେ ପ୍ରଚୁର ସରକାରୀ ଅର୍ଥ ଅନୁଦାନ ଆକାରରେ ପ୍ରଦାନ କରାଯାଇଛି। ମୃତ ମମିତାଙ୍କ ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ, ଗୋବିନ୍ଦ ସାହୁ ଶିକ୍ଷାନୁଷ୍ଠାନ ଆଳରେ ସେଠାରେ ଦେହ କାରବାର କରୁଥିଲେ । ମମିତା ଏଭଳି ହୀନ କାର୍ଯ୍ୟ ସମ୍ପର୍କରେ ସମସ୍ତ ଖବର ଜାଣି ସାରିଥିବାରୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଛି। ଭାଜପା ଓ ଗଣମାଧ୍ୟମ ଚାପ କାରଣରୁ ପୋଲିସ ବାଧ୍ୟ ହୋଇ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜାଣିଶୁଣି ତାଙ୍କୁ ପୋଲିସ ହାଜତରୁ ଖସେଇ ଦିଆଯାଇଥିଲା । ଏହି ହତ୍ୟାକାଣ୍ଡରେ ମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଅଛନ୍ତି ବୋଲି ଭାଜପା ଅଭିଯୋଗ କରିଛି । ମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଥିବାରୁ ଏହି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ସମ୍ଭବ ହେବ ନାହିଁ। ଅଭିଯୁକ୍ତ ମନ୍ତ୍ରୀଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ସହ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ଊର୍ମିଳା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପା ଛାତ୍ରୀଛାତ୍ରଙ୍କୁ ବଦନାମ କରୁଛି: ବିଜେଡି

ଅନ୍ୟପକ୍ଷେ ଭାଜପା ହଜାର ହଜାର ଛାତ୍ରୀଛାତ୍ରଙ୍କୁ କାହିଁକି ବଦନାମ କରୁଛି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଭାଜପା ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ମିଥ୍ୟା ଓ ଭିତ୍ତିହୀନ ବିବୃତି ଦେଇ ସମସ୍ତ ଶିକ୍ଷାନୁଷ୍ଠାନକୁ ବଦନାମ କରୁଛନ୍ତି, ଯେଉଁଠାରେ ବହୁ ସଂଖ୍ୟାରେ ଝିଅମାନେ ପାଠ ପଢୁଛନ୍ତି। ଏଭଳି ବଦନାମକୁ ଏହି ଅନୁଷ୍ଠାନରେ ପଢୁଥିବା ପିଲାମାନଙ୍କର ମାତାପିତା କଦାପି ବରଦାସ୍ତ କରିବେ ନାହିଁ ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ମାରୱାଡି ସମାଜ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଭୁବନେଶ୍ୱରରୁ ରାଜସ୍ଥାନ ଜୟପୁରକୁ ସିଧାସଳଖ ବିମାନ ସେବା ଆରମ୍ଭ ନିମନ୍ତେ ବଡ଼ଧରଣର ସରକାରୀ ଗିହାତି ସହ ଆନୁଷଙ୍ଗିକ ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମାରୱାଡି ସମାଜ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଗୁରୁବାର ମାରୱାଡି ସମାଜର ବିଭିନ୍ନ ସହଯୋଗୀ ଶାଖା ମିଳିତ ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ଲୋକସେବା ଭବନଠାରେ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତାପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମାରୱାଡି ସମାଜ ମୁଖପାତ୍ରମାନେ କହିଛନ୍ତି ଯେ, ବିମାନସେବା ଆମର ଦୀର୍ଘଦିନର ଆଶା ଓ ଆବଶ୍ୟକତା ପୂରଣ କଲା। ଉଭୟ ଓଡ଼ିଶା ଓ ରାଜସ୍ଥାନର ସଂସ୍କୃତି ଓ ପରମ୍ପରା ବହୁ ପୁରାତନ। ସିଧାସଳଖ ବିମାନସେବା ଉଭୟ ରାଜ୍ୟ ମଧ୍ୟରେ ଥିବା ବନ୍ଧୁତ୍ୱ, ପର୍ଯ୍ୟଟନ ଏବଂ ବେପାର ବାଣିଜ୍ୟକୁ ବହୁଗୁଣିତ କରିବ। ମୁଖ୍ୟ ଶାସନ ସଚିବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି ଯୋଗୁ ସିଧାସଳଖ ବିମାନସେବା ଚଳିତ ବର୍ଷ ନଭେମ୍ବର ୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ସପ୍ତାହକୁ ୩ ଦିନ ଇଣ୍ଡିଗୋ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଯାତାୟାତ କରିବ। ପ୍ରତି ଯାତ୍ରୀ ଲାଗି ସରକାର ୭୫ ହଜାର ଟଙ୍କାର ସହାୟତା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ଯୋଗାଇବେ। ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ଗୋଆକୁ ସିଧାସଳଖ ବିମାନସେବା ଆରମ୍ଭ ହେବ ବୋଲି ସୁରେଶ କହିଛନ୍ତି। ଏହି ବିମାନସେବା ରାଜ୍ୟରେ ପର୍ଯ୍ୟଟନ, ଶିଳ୍ପୀକରଣ, ବେପାରବଣିଜ ବୃଦ୍ଧି କରିବା ସହ ଯୁବପିଢ଼ିଙ୍କ ଲାଗି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି।


**ZILLA SWASTHYA SAMITI, SUNDARGARH**
**OFFICE OF THE CDM & PHO, SUNDARGARH**

Advt. No. 3498/NHM Dt. 18.10.2021

**CORRIGENDUM**

No. E-539:- Referring to the Advertisement No.: 3468 dtd.11/10/2021 a corrigendum has been published in the district website: sundergarh.nic.in. The modification may be read by all the interested bidders before filling the application. All other terms and conditions will remain unchanged.

Sd./-
CDM & PHO, Sundargarh

OIPR-10100/11/0027/2122

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2950721 (O), 2950765 (R), E-mail: srgmhps_burla@yahoo.co.in,
GST No. 21AAACO2575P1Z9, CIN: U40101OR1995SGC003963

No.: HHEP/Tech-W-129(Vol-VII), 2021-22/4567 Date: 08.10.2021

**e-TENDER CALL NOTICE No. HHEP-50/2021**

No.: CAD-1507: Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade/ class registered with Central Govt./MES/Railway to be received online mode only for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No. | Name of Work | Approx. tender value of work (in Rs.) | Class of Contractor | Cost of tender (Non-refundable) |
|---|---|---|---|---|
| 1 | Construction of backside parking shed at Office Building, HHEP, Burla | 1264699/- | D & C | Rs.7080/- (Rs.6000/- + GST 18%) |

- Availability of bids online : 13.10.2021 (11.00 A.M.) to 27.10.2021 (05.00 P.M.)
- Last date & time of receipt of bid online : 27.10.2021 upto 05.00 P.M.
- Date & time of opening of tender : 28.10.2021 at 11.30 A.M.
- EMD : In shape of Bid Security Declaration form as per Annexure - 6
- The bidders shall have to participate in online only in the portal https://tendersodisha.gov.in.

Further details can be seen from the e-procurement portal https://tendersodisha.gov.in / www.ohpcltd.com.

OIPR-04007/11/0023/2122 Sd./- Unit Head, HHEP, Burla

**ମାଟିଆଗୁଣ୍ଡି (BPH) ପୋକର ପରିଚାଳନା ନିମନ୍ତେ**
**ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା**

No. L-76

ବର୍ତ୍ତମାନ ପରିସ୍ଥିତିରେ ଆମ ରାଜ୍ୟର କେତେକ ଜିଲ୍ଲାରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଦେଖାଦେଇଛି। ଏହି ପୋକ ଧାନ ଗଛ ମୂଳରେ ପାଣି ସ୍ତର ଉପରେ ରୁହେ। ଏମାନଙ୍କର ଆର୍ଥିକ ଦେହଳୀ ସୀମା ରେଖା ହେଉଛି ବୁଦା ପ୍ରତି ୧୦ଟି ପୋକ, ଏହି ପୋକର ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ ଅବସ୍ଥା ଧାନ ଗଛ କାଣ୍ଡରୁ ପ୍ରଚୁର ପରିମାଣରେ ରସ ଶୋଷି ନିଅନ୍ତି ଯାହା ଦ୍ୱାରା ଧାନ ଗଛ ଗୁଡ଼ିକ ସମ୍ପୂର୍ଣ୍ଣ ଶୁଖି ବାଦାମୀ ରଙ୍ଗ ଦେଖାଯାଏ। ବିଭିନ୍ନ ସ୍ଥାନରେ ଧାନ ବିଲ ମଝିରେ ବାଦାମୀ ରଙ୍ଗର ଚକଡ଼ା ଚକଡ଼ା ଗୋଲାକାର ଆକୃତି ଦେଖାଯାଏ। ଏ କୀଟର ପ୍ରଜନନ କ୍ଷମତା ଅଧିକ ଅଟେ ଯାହା ଫଳରେ ଖୁବ୍ କମ୍ ଦିନରେ ଏହି ପୋକର ଆକ୍ରମଣ କ୍ଷିପ୍ର ଗତିରେ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଡ଼ି ଯାଏ।

**ପରିଚାଳନା**

୧) ପ୍ରଥମେ ଆକ୍ରାନ୍ତ ଜମିରୁ ପାଣି ନିଷ୍କାସନ କରିବା ଦରକାର ଓ ୩ ରୁ ୪ ଦିନ ଶୁଖାଇ ପୁଣି ପାଣି ମଡ଼ାଇବା ଦରକାର। ଏମିତି ଅଦଳବଦଳ କରି ଜମିରେ ପାଣି ରଖିବା ଦରକାର।
୨) ଜମିରେ ପ୍ରତି ୧୦ଧାଡ଼ି ଗଛ ପରେ କତି କରନ୍ତୁ ଯାହାଦ୍ୱାରା ଗଛ ମୂଳରେ ଆଲୋକ ପଡ଼ି ପାରିବ।
୩) ପୋକ ଆକ୍ରମଣ ସମୟରେ ଯବକ୍ଷାରଜାନ ପ୍ରୟୋଗ ବନ୍ଦ ରଖନ୍ତୁ।
୪) ଜମିରେ ବୁଢ଼ିଆଣୀ ଛାଡ଼ନ୍ତୁ।
୫) କୀଟନାଶକ ଔଷଧ ଗଛ ମୂଳରେ ସିଞ୍ଚନ କରନ୍ତୁ।

| କ୍ର.ସଂ. | ଅନୁମୋଦିତ କୀଟନାଶକ ନାମ | ପରିମାଣ |
|---|---|---|
| ୧ | ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୨୦୦ ଗ୍ରାମ ୫୦୦ ଲିଟର ପାଣିରେ |
| ୨ | ଇଥୋଫେନୋପ୍ରକ୍ସ ୧୦% ଇ.ସି. | ୫୦୦ ମି.ଲି. ୫୦୦ ଲିଟର ପାଣିରେ |
| ୩ | ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୩୦୦ ଗ୍ରାମ୍ ୫୦୦ ଲିଟର ପାଣିରେ |
| ୪ | ବୁପ୍ରୋଫେଜିନ୍ ୧୫%+ ଏସିଫେଟ୍ ୫୦%ଡବ୍ଲୁ.ଜି. | ୧୨୫୦ଗ୍ରାମ୍ ୫୦୦ ଲିଟର ପାଣିରେ |
| ୫ | କ୍ଲୋଥିଆନିଡ଼ିନ ୫୦% ଡବ୍ଲୁ.ଜି. | ୨୪ଗ୍ରାମ୍ ୫୦୦ ଲିଟର ପାଣିରେ |
| ୬ | ଫ୍ଲୋନିକାମାଇଡ ୫୦% ଡବ୍ଲୁ.ଜି. | ୧୫୦ ଗ୍ରାମ୍ ୫୦୦ ଲିଟର ପାଣିରେ |

ଉପରୋକ୍ତ କୀଟନାଶକକୁ ଅଦଳ ବଦଳ କରି ପାଣିରେ ମିଶାଇ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଗୋଟିଏ ଔଷଧକୁ ବାରମ୍ବାର ପ୍ରୟୋଗ କରନ୍ତୁ ନାହିଁ।

**ଅଧିକ ତଥ୍ୟ ଜାଣିବା ପାଇଁ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା 'ଆମ କୃଷି' ଦେୟମୁକ୍ତ ଦୂରଭାଷ ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ।**

OIPR-01034/11/0027/2122

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO II**
**BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**
**Bid Identification No- C.C. (R&B) - 02**
**e – Procurement Notice No. 17 of 2021-22**

No. (Estg.) Bhubaneswar the -2021

No. B-491:- The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Four numbers of Building work (Composite) and Three numbers Road work to be received in online bidding, Single and Double cover system for construction work as detailed in : https://tendersorissa.gov.in. The details of bid documents will be available in the above website 26.10.2021 to 5.00 P.M of 11.11.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 12.11.2021 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer,
BBSR (R&B) Division No.II, BBSR

OIPR-34088/11/0004/2122

**NOTICE INVITING TENDER**
**OFFICE OF THE NOTIFIED AREA COUNCIL, ODAGAON**

No.C-1126

At/P.O.- Odagaon, Dist.- Nayagarh, Pin- 752081
Phone: 06753-260062, Email: nacodagaon@gmail.com
Tender Call Notice No. 1894 dt.21.10.2021
E-Procurement Notice No.NAC-ODG-2/2021-22

| | | | |
|---|---|---|---|
| 1 | Name of the work | : | Civil work as per DTCN |
| 2 | No. of works | : | 01 No. |
| 3 | Value of work | : | Rs.72,99,343.77 |
| 4 | Class of contractor | : | As per DTCN |
| 5 | Period of completion | : | 300 days |
| 6 | Date of publication | : | Dt.22.10.2021 |
| 7 | Date and time of availability of document in the portal | : | From Dt.22.10.2021 at 11.00 A.M. to Dt.01.11.2021 upto 5.00 P.M. |
| 8 | Last date / time for receipt of bids in portal | : | Dt.01.11.2021 upto 5.00 P.M. |
| 9 | Last date of submission of original documents in this office | : | On date 03.11.2021 from 10.00 A.M. to 02.00 P.M. by Registered Post / Speed Post / Drop Box available at NAC Office |
| 10 | Date and time of opening the bid | : | On dt.05.11.2021 at 3.00 P.M. |
| 11 | Name and address of the officer inviting bid | : | Executive Officer, NAC, Odagaon |

Further details can be seen from e-Procurement portal https://tendersodisha.gov.in

Sd./- Executive Officer, NAC, Odagaon
OIPR-13142/11/0002/2122

**WORKS DEPARTMENT**
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**

No. B-495 e-mail: bhadrakrnbdivision@gmail.com

**Government of Odisha "e" Procurement Notice**
Bid Identification No. EE (R&B) BDK - 23/2021-22

No. 4336 Dt.11.10.2021

1. Nature of Work : Building Work
2. Number of Works : 1 (One) No. Building Work
3. Amount put to tender : Rs.82,90,232/-
4. Class of Contractor : 'B', 'A'
5. Date & time of availability of bid document in the portal : Dt.30.10.2021 at 10.00 A.M.
6. Last date/time of receipt of bid in the portal : Dt.08.11.2021 upto 05.00 P.M.
7. Date of opening of bid : Dt.09.11.2021 at 11.30 A.M.
8. Name & address of the Office Inviting Bid : Superintending Engineer, Bhadrak (R&B) Division
9. The bidders have to participate in ONLINE bidding only. Further details can be seen from the e-procurement portal "http://tendersodisha.gov.in". All future corrigendum will be available on ONLINE mode only.

Sd./- Superintending Engineer
Bhadrak (R&B) Division
OIPR-34079/11/0010/2122

**OFFICE OF THE SUPERINTENDENT**
Sardar Vallavbhai Patel Post Graduate Institute of Paediatrics,
Health & F.W. Department, Govt. of Orissa
Cuttack-753002, Tel/Fax: 0671-2508978
www.svppgip.org
email: svppgip_cuttack@rediffmail.com

No. ..... Date:..............

**TENDER CALL NOTICE**

No.E-540:- Sealed tenders are invited for supply of office contingency articles and computer peripherals for SVP PG Institute of Paediatrics, Cuttack-2 for the year 2021-22. The bid will be received by Registered/ Speed Post only. The details date of submission of tender paper (list of articles), date of opening of technical bid, date of opening of price bid and the terms and conditions can be found in the tender paper by downloading from the website www.svppgip.org. The tender paper received after 15 days from the date of publication of the tender notice will not be entertained. The rate quoted by the tenderer will be valid till completion of this financial year 2021-22 or till the next tender is approved, which is earlier. No changes will be made in between. Each tender must be accompanied by valid GST certificate and must be contained an earnest money deposit amounting to Rs.1,000/- (Rupees one thousand) only in shape of Demand Draft duly pledged in favour of the Superintendent, SVP PGIP, Cuttack. No tender will be considered without such earnest money deposit. The undersigned has every right to accept or reject any or all tenders without assigning any reason thereof.

Sd./- Superintendent, SVP PG Institute of Paediatrics, Cuttack
OIPR-10017/11/0012/2122

**OFFICE OF THE MUNICIPAL COUNCIL, BELPAHAR**
Phone: 06645-250458, FAX- 06645-250236,
Email- nacbelpahar@gmail.com

**"e" PROCUREMENT NOTICE**
BID REFERENCE NO. EO/BPHM/03/21-22
BID IDENTIFICATION NO. 2021_ORULB_71848
TENDER CALL NOTICE NO. 2198 DT.21.10.2021

No. C-1123:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Construction works. |
| No. of Works | : | 17 Nos. |
| Bid Value | : | Varies from Rs.5,00,000.00 to Rs.6,51,600.00 |
| Period of Completion | : | 3 Calendar Months |
| Date & Time of availability of the bid documents in the portal | : | From dt.23.10.2021 at 10.00 A.M. to dt.02.11.2021 upto 5.00 P.M. |
| Submission of original Financial documents (Bid Cost & EMD) by Regd. Post/Speed Post | : | dt.03.11.2021 to dt.08.11.2021 during office hours on working days. |
| Bids received online shall be opened on | : | 11.00 A.M. on dt.09.11.2021 |
| Name and address of the officer inviting bid | : | Executive Officer, Belpahar Municipality |

Further details can be seen from the procurement portal: www.tendersorissa.gov.in. If any addendum/corrigendum/cancellation of tender shall be publish in the above website only.

OIPR-13024/11/0002/2122 Sd./- Executive Officer, Belpahar Municipality

**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BARGARH**
E-mail: eeolicbgh@gmail.com

Tender Call Notice No. 04/2021-22/OLIC, BGH Dated: 16.10.2021

**NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY FOR ENGAGEMENT OF UNARMED SECURITY GUARD**

No. CAD-1502: Executive Engineer, Lift Irrigation, Bargarh invites sealed proposals from eligible bidders (Firms/Agencies) interested to provide "Facility Management Services" on outsourcing basis vide a service contract to be engaged under Lift Irrigation Division, Bargarh.

Tender documents can be had from the Office of the Executive Engineer, Lift Irrigation Division, Bargarh during office hours on working days from Dt.18.10.2021 to Dt.27.10.2021 on application and payment of cost of tender paper (non refundable Rs.4000/-) in shape of Bank/Banker's Cheque drawn on any Nationalized Bank in favour of Executive Engineer, Lift Irrigation Division, Bararh payable at Bargarh.

The completed tende documents shall be received at L.I. Division, Bargarh at 2.00 P.M. of Dt.28.10.2021 which will be opened at Lift Irrigation Division, Bargarh on the same day at 3.30 P.M. in presence of tenderes of their authorised representatives, if any.

The tender must be accompanied with all required documents/EMD as per DTCN in absence of which the tender will summarily be rejected.

The undersigned reserves the right to accept or reject any or all the tenders without assigning any reason thereof.

Sd./- Executive Engineer
Lift Irrigation Division, Bargarh
OIPR-32277/11/0003/2122

# ଗ୍ରାଉଣ୍ଡ ଜିରୋରେ ତଦନ୍ତ କଲେ ଡିଆଇଜି, ଏସ୍‌ପି

## ମମିତା ମେହେରଙ୍କ ହତ୍ୟା ଘଟଣା

ଭବାନୀପାଟଣା/ଗୋଲାମୁଣ୍ଡା, ୨୧।୧୦(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣା ରାଜ୍ୟରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଓ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ସାଇଣ୍ଟିଫିକ ଟିମ୍ ସହ ଘଟଣାର ତଦନ୍ତ କରିବା ପାଇଁ ଗ୍ରାଉଣ୍ଡ ଜିରୋ ଅର୍ଥାତ୍ ମହାଲିଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟରେ ପହଞ୍ଚି ବିଭିନ୍ନ ଦିଗ ଉପରେ ଯାଞ୍ଚ କରିଛନ୍ତି।


ଡିଆଇଜି ଓ ଏସ୍‌ପି ତଦନ୍ତ କରୁଛନ୍ତି ।

### ଅଧକ୍ଷା ମମିତା ରହୁଥିବା ରୁମ୍ ଖାନ୍‌ତଲାସ

ମହିଳା ପୋଲିସ ସହାୟତାରେ ଡିଆଇଜି, ବଲାଙ୍ଗୀର ଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ମହାଲିଙ୍ଗ ଆଞ୍ଚଳିକ କଲେଜ ଛାତ୍ରୀନିବାସ(ଗର୍ଲ୍ସ ହଷ୍ଟେଲ) ଫାଟକ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ସ୍କୁଲ ଅଧକ୍ଷା ମମିତା ମେହେର ରହୁଥିବା ରୁମ୍‌ରେ ଖାନ୍‌ତଲାସି କରିଥିଲେ। ଏହାସହ ଛାତ୍ରୀନିବାସ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଥିବା ଚର୍ଚ୍ଚା ହେଉଛି। କଲେଜ ଛାତ୍ରୀନିବାସରେ ଏକ ୱେଲ ଫର୍ନିସ୍ ରୁମ୍ (ସୁସଜ୍ଜିତ କୋଠରି) ରହିଛି, ଯେଉଁଠି ଛାତ୍ରୀଙ୍କୁ ଛାଡ଼ିବାକୁ ଆସୁଥିବା ଅଭିଭାବକମାନେ ରହିବା ବ୍ୟବସ୍ଥା ରହିଥିଲା। କିନ୍ତୁ ସେଠାରେ ଅଭିଭାବକମାନେ ରହିବା ବଦଳରେ ରାଜନେତାମାନେ ରାତ୍ରି ଯାପନ କରୁଥିଲେ। ଏପରିକି ଖୋଦ୍ ସ୍କୁଲ ସଭାପତି ଗୋବିନ୍ଦ ସାହୁ ମଧ୍ୟ ସେଠାକୁ ଯାଉଥିଲେ ବୋଲି ଆଲୋଚନା ହେଉଛି। ସେଠାରେ କୁଆଡେ ସେକ୍ସ ର୍‌ୟାକେଟ ଚାଲୁଥିଲା ବୋଲି ଅଭିଯୋଗ ହେଉଥିଲା। ସେହି କୋଠରିକୁ ଡିଆଇଜି ଯାଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇପାରି ନାହିଁ।

### ତଦନ୍ତ ଶେଷ ପରେ ଜଣାଇବୁ

ଡିଆଇଜି ଓ ଏସ୍‌ପି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ଇଂଲିଶ ମିଡିୟମ୍ ସ୍କୁଲକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେଠାରେ ଟିକିନିଖି ଯାଞ୍ଚ କରିଥିଲେ। ପରେ ଷ୍ଟାଡିୟମ୍‌ର ଯେଉଁଠାରେ ମମିତାଙ୍କୁ ମାରି ପୋତା ଯାଇଥିଲା, ସେଠାକୁ ଯାଇଥିଲେ। ସେଠାରେ ପୁଣିଥରେ ଖୋଳା ଯାଇଥିଲା। ଉକ୍ତ ଗାତରୁ ହାଡ଼ର କିଛି ଅଂଶ ଓ ମୋବାଇଲ ଭଳିଆ ଏକ ଜିନିଷ ଉଦ୍ଧାର କରାଯାଇଛି। ଯାହାକି ମମିତାଙ୍କ ମୋବାଇଲ ବୋଲି ଆଶା କରାଯାଉଛି। ପରେ ଉକ୍ତ ପଡିଆକୁ ସିଲ୍ କରି ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସେଠାରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିବା ଜଣାପଡିଛି। ତେବେ ଏନେଇ ଡିଆଇଜି ଦୀପକଙ୍କୁ ପଚାରିବାରେ ତଦନ୍ତ ଚାଲିଛି । ତଦନ୍ତ ଶେଷ ପରେ ଖବରଦାତା ସମ୍ମିଳନୀରେ ଜଣାଇବୁ ବୋଲି କହିଥିଲେ।

### ମମିତା ମୃତ୍ୟୁ ଘଟଣାର ଅନ୍ତରାଳେ...

**ବଲାଙ୍ଗୀର ଅଫିସ, ୨୧।୧୦:** ମମିତାଙ୍କ ମୋବାଇଲ ଭିତରେ ଗୋବିନ୍ଦ ସାହୁଙ୍କ ବହୁ କଳା କାରନାମା ଏବଂ ମହାଲିଙ୍ଗ କଲେଜର ଅନେକ ଅନୈତିକ ଘଟଣାର ବହୁ ପ୍ରମାଣ ରହିଥିଲା। ଉକ୍ତ ପ୍ରମାଣ ନଷ୍ଟ କରିବାକୁ ଯାଇ ଗୋବିନ୍ଦ ମମିତାଙ୍କ ହତ୍ୟାର ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରିଥିଲେ। ମମିତାଙ୍କୁ ଖୋଳିଥିବା ଗାତରେ ପୋଡିଦେଇଥିଲେ। ଭବାନୀପାଟଣାରୁ ମମିତା କିଣିଥିବା ସବୁ ସାମଗ୍ରୀ ସହ ତାଙ୍କ ମୋବାଇଲ ଫୋନ୍‌କୁ ମଧ୍ୟ ସେହି ଗାତରେ ଫିଙ୍ଗି ପୋଡି ଦେଇଥିବା ଡିଆଇଜିଙ୍କୁ ଜେରାବେଳେ ଗୋବିନ୍ଦ ସୂଚନା ଦେଇଥିବା ଜଣାପଡିଛି। ଏହି ସୂଚନାକୁ ଭିତ୍ତିକରି ଡିଆଇଜି ଓ ଏସ୍‌ପି ଗୁରୁବାର ମହାଲିଙ୍ଗ ଷ୍ଟାଡିୟମର ଉକ୍ତ ଗାତରେ ମେଟାଲ ଡିଟେକ୍ଟର ସହାୟତାରେ ମୋବାଇଲ ଓ ଅନ୍ୟ ପ୍ରମାଣ ଖୋଜିଥିବା ଜଣାପଡିଛି।

### ପେନ୍ ଡ୍ରାଇଭ୍‌ରେ ତଥ୍ୟ ସୁରକ୍ଷିତ

ଗୋବିନ୍ଦ ସାହୁଙ୍କ ବହୁ କଳା କାରନାମା ଏବଂ ମହାଲିଙ୍ଗ କଲେଜର ଅନେକ ଅନୈତିକ ଘଟଣାର ପ୍ରାମାଣିକ ତଥ୍ୟ ଥିବା ଏକ ପେନ୍ ଡ୍ରାଇଭ୍ ଏବେ ବି ସୁରକ୍ଷିତ ଅଛି। ଉକ୍ତ ପେନ୍ ଡ୍ରାଇଭରେ ଅନେକ ଗୁମର ମମିତା ରଖିକରି ଯାଇଛନ୍ତି ବୋଲି ଜଣାପଡିଛି। ତେବେ ଏହାକୁ ପୋଲିସ ଉଦ୍ଧାର କରିଛି କି ନାହିଁ ସେନେଇ ପୋଲିସ କିଛି କହୁନାହିଁ। ତଦନ୍ତ ବେଳେ ଉକ୍ତ ପେନ୍ ଡ୍ରାଇଭ ଗୋବିନ୍ଦଙ୍କ ବିରୋଧରେ ବଡ ପ୍ରମାଣ ହେବ ବୋଲି କୁହାଯାଉଛି।

### ସବୁ ଖୋଲି କହିଦେଲେ ଡ୍ରାଇଭର, ମୁନ୍‌ସୀ

ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ୪ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ସେଥିରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ମମିତାଙ୍କ ମୃତଦେହ ଦାହ ସଂସ୍କାରରେ ସହାୟତା କରିଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଗତ ୬ ତାରିଖରେ ଜେସିବି ଡ୍ରାଇଭର ପୁଷ୍କର ଭୋଇଙ୍କୁ ଗୋବିନ୍ଦ ଷ୍ଟାଡିୟମ ଭିତରେ ଏକ ୮ ଫୁଟର ଗାତ ଖୋଳିବାକୁ କହିଥିଲେ। ତାଙ୍କ ନିର୍ଦ୍ଦେଶ ପାଇବା ପରେ ଭୋଇ ଗାତ ଖୋଳିଥିଲେ। ସେହିପରି ମୁନ୍‌ସୀ ଗୁପ୍ତେଶ୍ୱର ତାଣ୍ଡିଙ୍କୁ କାଠଗଣ୍ଡି ଉକ୍ତ ଗାତରେ ପକାଇବାକୁ ସେ କହିଥିଲେ। ନିର୍ଦ୍ଦେଶ ମୁତାବକ ଗୁପ୍ତେଶ୍ୱର ଗାତରେ କାଠ ଗଣ୍ଡି ପକାଇଥିବା ପୋଲିସକୁ କହିଥିଲେ। ଉଭୟ ପୁଷ୍କର ଏବଂ ଗୁପ୍ତେଶ୍ୱରଙ୍କୁ ପୋଲିସ ଛାଡି ଦେଇଛି।

# ଓମାନରେ ୮ ଓଡ଼ିଆ ଶ୍ରମିକ ନିର୍ଯାତିତ

**ବାଲୁଗାଁ/ବାଣପୁର, ୨୧।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ୫ ଓ ଗଞ୍ଜାମ ଜିଲାର ୩ଜଣ ଶ୍ରମିକ ଓମାନର ମସ୍କାଟରେ ନିର୍ଯାତିତ ହେଉଛନ୍ତି। ସେମାନେ ହେଲେ ଚନ୍ଦନ ବେହେରା, ଅଶୋକ ବେହେରା, ସନ୍ତୋଷ ଦଳାଇ, ସୁରେଶ ପ୍ରଧାନ, ଅଲେଖ ପରିମାଣିକ, କାଳୁ ଚରଣ ଜେନା, ଜଗନ୍ନାଥ ପଲାଇ, ବୁଲୁ ନାୟକ। ସେମାନଙ୍କୁ ଉଦ୍ଧାର କରିବାରକୁ ପରିବାର ଲୋକ ବାଲୁଗାଁ ସହକାରୀ ଶ୍ରମ-ଅଧିକାରୀଙ୍କୁ ନିବେଦନ କରିଛନ୍ତି।

**Sambalpur UniversityInstitute of Information Technology**
A Constituent and Autonomous Unit of Sambalpur University
Advt. No.: 990/SUIIT Date: 21 /10/2021

SUIIT offers B. Tech in the followingprogrammes:
1. Computer Science Engineering (CSE)
2. Electronics and Communication Engineering (ECE)
3. Electrical and Electronics Engineering (EEE)

Admission to B. Tech programmeis done through OJEE Counselling only which is currently open for students. The aspirants are advised to visit OJEE website (www.ojee.nic.in) and register in the counselling process. For hostels and admission fees related queries visit SUIIT website (www.suiit.ac.in) or contact
Dr. K. Das 9938983624(CSE), Mr. P. Mishra 9438312045(ECE), Dr. A. Panda 9337347538(EEE)

Sd./-
Director, SUIIT
EMAIL: www.admin.office@suiit.ac.in

**ୟୁକୋ ବ୍ୟାଙ୍କ** | ଢେଙ୍କାନାଳ ଶାଖା, ଜଗନ୍ନାଥ ରୋଡ୍, ଢେଙ୍କାନାଳ | **ଦଖଲ ନୋଟିସ** ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ୟୁକୋ ବ୍ୟାଙ୍କ, ଢେଙ୍କାନାଳ ଶାଖା ନିକଟରେ ସମସ୍ତ ଦେୟ ସହିତ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଓ ସେ ବାବଦ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା:** ଶ୍ରୀ ଭରତ କୁମାର ଦେବତା, ପିତା: ଶ୍ରୀ ନଟବର ଦେବତା, ସା: ମୀନାବଜାର, ଢେଙ୍କାନାଳ, ଓଡ଼ିଶା **ଗ୍ୟାରେଣ୍ଟିଦାତା:** ଶ୍ରୀମତୀ ପ୍ରଭାତୀ ଦେବତା, ସ୍ୱାମୀ: ଶ୍ରୀ ଭରତ କୁମାର ଦେବତା, ସା: ମୀନାବଜାର, ଢେଙ୍କାନାଳ, ଓଡ଼ିଶା **ଗ୍ୟାରେଣ୍ଟିଦାତା:** ଶ୍ରୀ ଦେବାଶିଷ ଦେବତା, ପିତା: ଶ୍ରୀ ଭରତ କୁମାର ଦେବତା, ସା: ମୀନାବଜାର, ଢେଙ୍କାନାଳ, ଓଡ଼ିଶା | 31.03.2021 ସୁଦ୍ଧା ଟ.11,06,295.46 + ସେ ବାବଦ ସୁଧ ଏବଂ ଖର୍ଚ୍ଚ | 30.06.2021 / 16.10.2021 | ଶ୍ରୀ ଭରତ କୁମାର ଦେବତାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଢେଙ୍କାନାଳ ଟାଉନ, ତହସିଲ / ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଖାତା ନଂ.2180, ପ୍ଲଟ୍ ନଂ.: 4987 / 9410, କ୍ଷେତ୍ର: 0.036 ଡିସିମିଲି |

ସ୍ଥାନ: ଢେଙ୍କାନାଳ
ତାରିଖ: 21.10.2021
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ମାଧ୍ୟମିକ ସ୍କୁଲରେ ନିଯୁକ୍ତ ହେବେ ୫୫୦ କ୍ରୀଡ଼ା ଶିକ୍ଷକ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ):** ସରକାରୀ ମାଧ୍ୟମିକ ସ୍କୁଲଗୁଡ଼ିକରେ ଖାଲିଥିବା ପଦବୀରେ ୫୫୦ ଜଣ କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଅକ୍ଟୋବର ୫ରେ ହୋଇଥିବା ଅନ୍‌ଲାଇନ ପରୀକ୍ଷାଫଳ ଚୂଡ଼ାନ୍ତ ହୋଇଛି । ଏହି ପରୀକ୍ଷାରେ ମୋଟ

**ପ୍ରକାଶ ପାଇଲା ଅନ୍‌ଲାଇନ ପରୀକ୍ଷା ଫଳ**

୫୫୦ ପ୍ରାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ସାଧାରଣବର୍ଗରୁ ୧୦୪ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏସ୍‌ଇବିସି ବର୍ଗର ୩୮୦, ଅନୁସୂଚିତ ଜାତି ବର୍ଗର ୪୮ ଓ ଅନୁସୂଚିତ ଜନଜାତି ବର୍ଗର ୧୮ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଅକ୍ଟୋବର ୨୯ ତାରିଖରୁ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀମାନଙ୍କର ଡକ୍ୟୁମେଣ୍ଟ ଯାଞ୍ଚ ନିଜ ସ୍ଥାୟୀ ଠିକଣା ଥିବା ଜିଲାରେ ହେବ। ଏଥିପାଇଁ ସବିଶେଷ ସୂଚନା ଖୁବ୍‌ଶୀଘ୍ର www.dseo-odisha.in ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସିବିଆଇ ତଦନ୍ତ ସହ ୫୦ଲକ୍ଷ କ୍ଷତିପୂରଣ ପ୍ରାର୍ଥନା

**କଟକ ଅଫିସ,୨୧।୧୦:** କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସନ୍‌ସାଇନ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯିବାକୁ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଏହି ଘଟଣାରେ ରାଜ୍ୟ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ କଲେ ଦୋଷୀମାନଙ୍କୁ ଦଣ୍ଡିତ କରାଯାଇପାରିବ୍ ନାହିଁ। ତେଣୁ ସିବିଆଇ ଦ୍ୱାରା ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଟିଶନରେ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ସ୍ୱରାଷ୍ଟ୍ର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବଙ୍କ ସମେତ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ, ବଲାଙ୍ଗୀର ଓ କଳାହାଣ୍ଡି ଏସ୍‌ପି, ତୁରେଇକେଲା,ସିନ୍ଧେକେଲା ଓ କେଗାଁ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉକ୍ତ ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି।

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

# ଝିଅର ଯୌନାଙ୍ଗ କାଟିଦେଲେ ବାପା

**ଭଦ୍ରକ ଅଫିସ, ୨୧।୧୦:** ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି କ୍ରୋଧିତ ସ୍ୱାମୀ ନିଜ ୩ ବର୍ଷ ଶିଶୁ କନ୍ୟାର ଯୌନାଙ୍ଗକୁ ବ୍ଲେଡ୍‌ରେ କାଟିଦେବା ଆଲୋଡ଼ନ ସୃଷ୍ଟି କରିଛି। ଭଦ୍ରକ ଜିଲା ଧୂଷୁରୀ ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଶିଶୁ କନ୍ୟାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ନୃଶଂସ ବାପାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ପୂର୍ବରୁ ଅନେକ ଥର ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କ ସ୍ୱାମୀ ମାରଧର କରୁଥିଲେ। କୁନି ଝିଅଟିକୁ ଗ୍ରାମବାସୀ ଉଦ୍ଧାର କରି ମେଡିକାଲ ନେଇଥିବା ବେଳେ ଅଭିଯୁକ୍ତଙ୍କୁ ଲୁହା କଡ଼ିରେ ବାନ୍ଧି ପକାଇଥିଲେ। ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ଧରି ଆଣି ଅଧିକ ତଦନ୍ତ ଜାରି ରଖିଛି।

# ଭିଜିଲାନ୍ସ ଜାଲରେ ପିଇଓ

**ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) କ୍ଷମାପ୍ରସାଦ ଦୁରିଆ ୬ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର କଳାହାଣ୍ଡି ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ଜଣେ ହିତାଧିକାରୀଙ୍କଠାରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ବୋନସ୍ ଟଙ୍କା ମଞ୍ଜୁର ପାଇଁ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI,**www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**OFFICE OF THE PRINCIPAL DIRECTOR OF INCOME TAX, ODISHA**
5th Floor, Aayakar Bhawan, Annexe Building,
Rajaswa Vihar, Bhubaneswar - 751007
No. Pr. DIT(Inv.)/BBSR/Adm. Approval/2021-22 Date: 18.10.2021

**TENDER CALL NOTICE FOR SERVER**

Sealed tenders are invited from reputed manufacturers/dealers for supply and installation of Server items at the 5th Floor of Aayakar Bhawan, Annexe, Rajaswa Vihar, Bhubaneswar.
The eligibility criteria, terms & conditions and other particulars etc. as laiddown in the Tender Documents may be obtained from the O/o. the Principal Director of Income Tax, Bhubaneswar, 4th Floor, Aayakar Bhawan, Annexe, Rajaswa Vihar, Bhubaneswar - 751007 from 22.10.2021 to 12.11.2021 (between 11.00 A.M. and 04.00 P.M.). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in**. The sealed tenders should reach this office latest by 12th November, 2021 (04.00 P.M.). The office of the Principal Director of Income Tax, Bhubaneswar reserves the right to cancel any or all the quotations without assigning any reason thereof.

Sd./- Addl. DIT(Inv.), U-2 (Admin)/HoO
Office of the Pr. Director of Income Tax
(Inv.), Bhubaneswar, Mob. No. 9438917090


**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1505 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4412 Dt.16.10.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for selection of agencies for Construction of Model Park at Ward no.-10 (Sukha Santi Park) under Jatani Municipality.
Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
MANAGING DIRECTOR
OIPR-01450/11/0002/2122



# ଶିକ୍ଷାଦାନରେ ବାଧକ ଶିକ୍ଷକ ଅଭାବ

- ଅନୁଗୋଳ ଜିଲାରେ ଖାଲି ପଡ଼ିଛି ୪୬୫ ପଦବୀ
- ୧୯ ବିଦ୍ୟାଳୟରେ ନାହାନ୍ତି ପ୍ରଧାନଶିକ୍ଷକ
- କଳା ଶିକ୍ଷକ ପଢ଼ାଉଛନ୍ତି ବିଜ୍ଞାନ ବିଷୟ



ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

**ଅନୁଗୋଳ ଅଫିସ, ୨୧।୧୦**

କୋଭିଡ୍ କାରଣରୁ ବିଗିଡ଼ିଯାଇଛି ଶିକ୍ଷାଦାନ ବ୍ୟବସ୍ଥା। ପ୍ରାୟ ୨ ବର୍ଷ ହେଲା ଅନ୍‌ଲାଇନ୍‌ରେ ଚାଲିଛି ପାଠପଢ଼ା। ସଂକ୍ରମଣ ସାମାନ୍ୟ ଥମିଥିବାରୁ ଦଶମ ଓ ନବମ ପରେ ଏବେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇଛି। ଆଗାମୀ ଦିନରେ ସ୍ଥିତିକୁ ଦେଖି ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ କଥା ଚିନ୍ତା କରାଯିବ ବୋଲି ସରକାର କହୁଛନ୍ତି। ହେଲେ ଶିକ୍ଷାଦାନରେ ବାଧକ ସାଜୁଥିବା ଶିକ୍ଷକ ଅଭାବ ସମସ୍ୟାକୁ ଏଯାଏ ଦୂର କରାଯାଇ ନାହିଁ। ଅନୁଗୋଳ ଜିଲାରେ ୪୬୫ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଗୁଣାତ୍ମକ ଶିକ୍ଷାଦାନ କିପରି କରାଯିବ ସେ ନେଇ ଶିକ୍ଷାବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନୁଗୋଳ ଜିଲାରେ ଥିବା ସ୍କୁଲଗୁଡ଼ିକ ପାଇଁ ମୋଟ୍ ୧୦୬୫ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ। କିନ୍ତୁ ଜିଲାରେ ୬୦୦ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ୪୬୫ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ସେହିପରି ୧୧୦ ଜଣ ପ୍ରଧାନ ଶିକ୍ଷକଙ୍କ ସ୍ଥାନରେ ୯୧ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରହିଛନ୍ତି। ଗଣିତ ଓ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମ ପଢ଼ାଇବାକୁ ବହୁ ସ୍କୁଲରେ ଶିକ୍ଷକ ନାହାନ୍ତି। ଜିଲାରେ ୧୪୧ଟି ଗଣିତ ଶିକ୍ଷକ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୬୮ଟି ପଦବୀ ଖାଲି ରହିଛି। ୧୩୧ଟି ବିଜ୍ଞାନ ଶିକ୍ଷକ ପଦବୀରୁ ୬୨ଟିରେ ନିଯୁକ୍ତି ଦିଆଯାଇ ନାହିଁ। ସାହିତ୍ୟ, ଇଂଲିଶ, ଇତିହାସ ଓ ଭୂଗୋଳ ପଢ଼ାଇବାକୁ ୨୭୯ ଜଣ ଶିକ୍ଷକ ଦରକାର। ହେଲେ ୧୨୮ଟି ପଦବୀରେ ସମ୍ପୃକ୍ତ ଶିକ୍ଷକ ନାହାନ୍ତି। ୧୦୮ ହିନ୍ଦୀ ଶିକ୍ଷକ ପଦବୀ ମଧ୍ୟରୁ ୪୦ଟି ନିଯୁକ୍ତି ଦିଆଯାଇନାହିଁ। ୧୧୧ କ୍ଲାସିକାଲ ଶିକ୍ଷକ ପଦବୀ ରହିଥିବାବେଳେ ୪୬ଟି ଖାଲି ପଡ଼ିଛି। ୧୧୦ ଖେଳ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୪୭ ପଦବୀ ଫାଙ୍କା ରହିଛି। ୩୭ ଜଣ ଟିଆଇ ଶିକ୍ଷକଙ୍କ ମଧ୍ୟରୁ ମାତ୍ର ୭ ଜଣ କାର୍ଯ୍ୟରତ ଅଛନ୍ତି। ଟିଏମ୍ ଶିକ୍ଷକ ପଦବୀ ୩୮ଟି ଥିବାବେଳେ ୨୫ ପଦବୀ ଖାଲି ପଡ଼ିଛି। କିରାଣି, ପିଅନ ଓ ରାତ୍ରି ଜଗୁଆଳିଙ୍କ କ୍ଷେତ୍ରରେ ମଧ ସମାନ ଅବସ୍ଥା। ୧୧୦ କିରାଣି ପଦବୀ ରହିଥିବାବେଳେ ୨୦ଟି ଖାଲି ପଡ଼ିଛି। ୨୪୧ ପିଅନ ପଦବୀ ମଧ୍ୟରୁ ୯୨ଟିରେ ନିଯୁକ୍ତି ଦିଆଯାଇ ନାହିଁ। ୪୪ଟି ବିଦ୍ୟାଳୟରେ ଆଦୌ ରାତ୍ର ଜଗୁଆଳି ନାହାନ୍ତି। ଏପରି କି ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ କଳା(ଆର୍ଟ୍ସ) ଶିକ୍ଷକମାନେ ବିଜ୍ଞାନ ପଢ଼ାଉଛନ୍ତି। ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଏପରି ସ୍ଥିତି ଉପୁଜିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି।

### ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି

ରାଜ୍ୟ ସରକାର ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ନେଇ ବିଜ୍ଞାପନ ଦିଆଯାଇ ସାରିଛି। ପ୍ରଧାନ ଶିକ୍ଷକମାନଙ୍କ ଏବେ ପଦୋନ୍ନତି ହେଉଛି। ଏହା ହେବା ଦ୍ୱାରା ଆଉ ଉକ୍ତ ପଦବୀ ଖାଲି ରହିବ ନାହିଁ।

- ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ



### ବିଷୟ ଭିତ୍ତିକ ଶିକ୍ଷକ ଅଭାବ

ଅନୁଗୋଳ ଜିଲାର ଅଧିକାଂଶ ବିଦ୍ୟାଳୟରେ ବିଷୟ ଭିତ୍ତିକ ଶିକ୍ଷକଙ୍କ ଅଭାବ ରହିଛି। ତେଣୁ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଭାବେ ଶିକ୍ଷାଦାନ କରିବା ଏତେ ସହଜ ହେବ ନାହିଁ। ତେଣୁ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି କରାଯିବା ଆବଶ୍ୟକ।

- ସରୋଜ କୁମାର ପାଣିଗ୍ରାହୀ, ରାଜ୍ୟ ଓଷ୍ଟା ଉପସଭାପତି



## ସଂକ୍ଷେପରେ

### ଏସ୍‌ଆଇଟି ତଦନ୍ତ ଦାବି



**ତାଳଚେର,୨୧।୧୦(ନି.ପ୍ର.):** କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡର ଏସ୍‌ଆଇଟି ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଏବଂ ଗିରଫ ଦାବି କରିଛି ତାଳଚେର ବ୍ଲକ କଂଗ୍ରେସ। ଏ ନେଇ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗୁରୁବାର ସ୍ଥାନୀୟ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପାଣିଙ୍କ ନେତୃତ୍ୱରେ ନଗର ସଭାପତି ମାନସ ରଞ୍ଜନ ବାଇ, ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ହାଡିବନ୍ଧୁ ବିଶ୍ୱାଳ, ବିରଞ୍ଚି ଧର, ରାଜକିଶୋର ସାହୁ, ପୁଷ୍ପକ ସ୍ୱାଇଁ, କିଷାନ କଂଗ୍ରେସ ଜିଲା ସଭାପତି ଦାଶରଥି ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୧।୧୦:** ଅନୁଗୋଳ ଜିଲାରୁ ଗୁରୁବାର ୪ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୨୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଆଁରପାଳ ବ୍ଲକ ଅଞ୍ଚଳରୁ ୨ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ଜଣେ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦ୍ୱିତୀୟ ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ,୨୧।୧୦:** ଅନୁଗୋଳ ସହରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଥିବା ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଟାଉନ ଥାନା କାରିଗର ସାହିର ଦେବାଶିଷ ବେହେରା (୨୮)। ବୁଧବାର ପୁଲିସ ଘଟଣାର ଅନ୍ୟତମ ଅଭିଯୁକ୍ତ କଳିଆ ନାୟକ (୨୪)ଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ଏକ ସ୍କୁଟି ମଧ ଜବତ କରାଯାଇଥିଲା। ଗତ ମଙ୍ଗଳବାର ରାତିରେ କାଳିଆ ଓ ଦେବାଶିଷ ମନ୍ଦିର ହୁଣ୍ଡି ଭାଙ୍ଗିବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଦେବାଶିଷଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ୮୨ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା,୨୧।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଅଖରକଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜୁ ଜନତା ଦଳ ଓ ମା ଚର୍ଚ୍ଚିତା ଯୁବକ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସରପଞ୍ଚ ମହେଶ୍ୱର ଦେହୁରୀ, ସୁଜିତ ସାହୁ, ସଚିଦାନନ୍ଦ ନାୟକ, ବୁଲାଶେନ ମାଝି, ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଯୁବତୀଯୁବକମାନେ ଯୋଗଦେଇ ରକ୍ତଦାନ କରିଥିଲେ।

### ଡିଜେଲ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୨୧।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ପୋଲିସ ବୁଧବାର ଚଢ଼ାଉ କରି ଏକ ଗାଡ଼ିରୁ ୩୯୦ ଲିଟର ଚୋରା ଡିଜେଲ ଜବତ କରିଛି। ଏହି ଘଟଣାରେ କଣିହାଁ ଥାନା ହରିଚନ୍ଦନପୁର ଗ୍ରାମର ଧରଣୀଧର ସାହୁ(୫୧)ଙ୍କୁ ଗିରଫ କରାଯାଇଛି। ଧରଣୀଧର ଏକ ଭ୍ୟାନରେ ୧୩ଟି ଜାରକିନ ଚୋରା ଡିଜେଲ ନେଇ କୋଶଳା ଆସୁଥିବାବେଳେ ଖବରପାଇ ଛେଣ୍ଡିପଦା ପୋଲିସ କୋଶଳା ହାଟପଡିଆଠାରେ ଚଢ଼ାଉ କରିଥିଲେ। ଏ ନେଇ ନଂ ୪୮୭/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ,୨୧।୧୦:** ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲା ଠାରେ ଅଜଣା ଗାଡି ଧକ୍କାରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସଦର ଥାନା ତେରଜାଙ୍ଗ ଅଞ୍ଚଳର ହୃଦାନନ୍ଦ ପଟ୍ଟନାୟକଙ୍କ ପୁଅ ଜିତେନ୍ଦ୍ର ପଟ୍ଟନାୟକ (୨୫) ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିତେନ୍ଦ୍ର ଅନୁଗୋଳ ଆସୁଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡିଛି।

## 'ସମାଜରେ ସୁନାମ ଅର୍ଜନ କର'



ବଇଣ୍ଡା କଲେଜରେ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ।


ତାଳଚେର କଲେଜରେ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ।

**ତାଳଚେର/ ବଇଣ୍ଡା,୨୧।୧୦**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କଲେଜ ଅଧକ୍ଷ ଡ. ବିଜୟ କୁମାର ଖଲାରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଅଧ୍ୟାପକମାନେ ମହାବିଦ୍ୟାଳୟ ତଥା ତାହାର ମୌଳିକ ବାତାବରଣ ସମ୍ପର୍କରେ ସୂଚନା ଦେବା ସହ ଭଲ ପାଠପଢ଼ି ସମାଜରେ ସୁନାମ ଅର୍ଜନ ପାଇଁ ଉତ୍ସାହିତ କରିଥିଲେ। କଳା ବିଭାଗର ଛାତ୍ରୀଛାତ୍ରମାନଙ୍କୁ ଡ. କଳ୍ପନା ବୋଇତ, ସୁବାସ ଚନ୍ଦ୍ର ଦାସ, ବିରଞ୍ଚି ନାରାୟଣ ସାମଲ, ଶଶାଙ୍କ ଶେଖର ପ୍ରଧାନ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ.ପବିତ୍ର ମୋହନ ଧଳ, ପ୍ରାଧ୍ୟାପିକା ପୁଷ୍ପଲତା ରଥ ଓ ବିଜୟଶ୍ରୀ ତିୱାରୀ, ବାଣିଜ୍ୟ ବିଭାଗର ପ୍ରାଧ୍ୟାପିକା ସରୋଜ କୁମାର ପ୍ରଧାନ, ମେଜର ସୁବ୍ରତ କୁମାର ଦାସ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ କରାଯାଇଛି। ଏ ନେଇ କଲେଜ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ କାଳନ୍ଦୀ ଚରଣ ପ୍ରଧାନ, ଅଧ୍ୟାପକ ଅସିତ କୁମାର ଜେନା, ଚନ୍ଦ୍ରଶେଖର ସିଂ, ନିରଞ୍ଜନ ଦାସ, ରବିନାରାୟଣ ବେହେରା, ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉଳ, ସୁମିତ୍ରା ସିଂ, ନିରୋଜ ନଳିନୀ ମହାନ୍ତି, ଅରୁନ୍ଧତୀ ସାହୁ ଯୋଗଦେଇ ସମାଜରେ ସତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ନୂତନ ଛାତ୍ରୀଛାତ୍ରଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା।

## ଶହୀଦ୍‌ଙ୍କ ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ, ୨୧।୧୦**

ଅନୁଗୋଳ ଛେଳିଆପଡ଼ା ସ୍ଥିତ ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ଗୁରୁବାର ୬୨ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସାର୍ଥକ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୀର ଶହୀଦଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ୧୯୬୦ ମସିହାରୁ ଏଯାବତ୍ ଦେଶର ପ୍ରାୟ ୩୫ ହଜାର ୭୫ ଜଣ ଆରକ୍ଷୀ ଦେଶ ମାତୃକାର ସେବାରେ ନିଜ ଜୀବନ ଉତ୍ସର୍ଗ କରିଛନ୍ତି। ଚଳିତବର୍ଷ ଦେଶର ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ମୋଟ୍ ୩୭୭ ଜଣ ଆରକ୍ଷୀ ପ୍ରାଣବଳି ଦେଇଛନ୍ତି। ଚଳିତ ମାସ ୧୨ ତାରିଖରେ ଅନୁଗୋଳ ଜିଲାର କନଷ୍ଟେବଳ ସତ୍ୟବାଦୀ ଦେହୁରୀ କରୋନାରେ ପ୍ରାଣ ହରାଇ ପ୍ରେରଣାର ଉତ୍ସ ପାଲଟିଥିବା ଡିଆଇଜି ପ୍ରକାଶ କରିଛନ୍ତି। ଏସ୍‌ପି ଜଗମୋହନ ମୀନା ସମସ୍ତ ଶହୀଦଙ୍କ ନାମ ପଠନ କରିବା ସହିତ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପୋଲିସର ବହୁ ବରିଷ୍ଠ ଅଧିକାରୀମାନେ ଏହି ସମାରୋହରେ ଉପସ୍ଥିତ ଥିଲେ।


ଛେଳିଆପଡ଼ା ସ୍ଥିତ ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ଅନୁଗୋଳ ଅଫିସ,୨୧।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବି କରିଛି ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ଏବଂ ଯୁବମୋର୍ଚ୍ଚା। ଗୁରୁବାର ମୋର୍ଚ୍ଚା ପକ୍ଷରୁ ରାଜା ଛକଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହାପରେ ଶତାଧିକ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ଥାନା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତିମା ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ରୋଜାଲିନ ଦାସ, ମମତା ମହାପାତ୍ର, ସୁଜାତା ଦାସ, ନମିତା ଦଳ ବେହେରା, ଜିଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ଏମ୍‌ଡି ସବୀର, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି, ଜିଲା ଯୁବମୋର୍ଚ୍ଚା ଉପସଭାପତି ବିରଜା ମୋହନ ପରିଡା, ସାଧାରଣ ସମ୍ପାଦକ ସମୀର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଥାନା ଛକରେ ଭାଜପା ମହିଳା ଓ ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

## ୨୭ରେ ବିକ୍ଷୋଭ କରିବ ଚାଷୀ ସୁରକ୍ଷା କମିଟି

**ଅନୁଗୋଳ ଅଫିସ, ୨୧।୧୦:** ଦୀର୍ଘ ଦିନରୁ ଚକବନ୍ଦୀ ଉଚ୍ଛେଦ ପାଇଁ ଅନୁଗୋଳ ଜିଲାର ପ୍ରାୟ ୯୨ଟି ଗାଁର ଚାଷୀମାନେ ସରକାର ଓ ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି। ଏ ସମ୍ପର୍କରେ ଲୋକ ପ୍ରତିନିଧିମାନଙ୍କୁ ମଧ ଭେଟି ଅଭିଯୋଗ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଆସନ୍ତା ୨୭ ତାରିଖରେ ଚାଷୀ ସୁରକ୍ଷା କମିଟି ନେତୃତ୍ୱରେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କମିଟି ସଭାପତି ଭାସ୍କର ଚନ୍ଦ୍ର ଦେହୁରୀ ଏବଂ ସମ୍ପାଦକ କାଳୀଚରଣ ପ୍ରଧାନ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା



**ବଆଁରପାଳ,୨୧।୧୦(ଡି.ଏନ.ଏ.)**

ବଆଁରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା ବୁଧବାର ପାଳିତ ହୋଇଯାଇଛି। ଅପରାହ୍ନରେ ଗ୍ରାମ ଦିଅଁ ଘରୁ ବିଭିନ୍ନ ବାଦ୍ୟ ବାଜଣାରେ ମା'ଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଦେବୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ମାନସିକ ପୂରଣ ନିମନ୍ତେ କେତେଜଣ ଶ୍ରଦ୍ଧାଳୁ ଅଧିଆ ପଡିବା ସହ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। କରୋନା କଟକଣା ଯୋଗୁ ଯାତ୍ରା ସେପରି ଆଡ଼ମ୍ବରପୂର୍ଣ୍ଣ ହୋଇ ନ ଥିଲା। ଗ୍ରାମ ସଭାପତି ତଥା ବିଧାୟକ ରଜନୀକାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପାଳିତ ହୋଇଥିଲା। ଦୟାନିଧି ବିଶ୍ୱାଳ, ସୁବାସ ପଟ୍ଟନାୟକ, ଉପେନ୍ଦ୍ର ସାମଲ, ସତ୍ୟବାନ ଅମାନ୍ତ, ଦୁର୍ଯ୍ୟୋଧନ ଅମାନ୍ତ, ଭରତ ଚନ୍ଦ୍ର ମାଝି, ନାରାୟଣ ସାହୁ, ଦିବାକର ବେହେରା, ନିରଞ୍ଜନ ବିଶ୍ୱାଳ, ଅରୁଣାଭ ସିଂହ, ହାଡିବନ୍ଧୁ ରାଉତ, ରବୀନ୍ଦ୍ର ବେହେରା, କୃପା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ହୋମଗାର୍ଡଙ୍କୁ ମାଡ଼

**ଆଠମଲ୍ଲିକ,୨୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ଥାନାର ହୋମଗାର୍ଡ ସୁଜାତା ପ୍ରଧାନଙ୍କୁ ସ୍ଥାନୀୟ ହିନ୍ଦୋଳସାହିର ପରମେଶ୍ୱର ବଘାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୮୨/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ହୋମଗାର୍ଡ ସୁଜାତା ବୁଧବାର ଅପରାହ୍ନରେ ବାପଘର କିଶୋରନଗର ବ୍ଲକ ଖଣ୍ଡହତା ଗ୍ରାମକୁ ପୁଅଙ୍କ ସହ ସ୍କୁଟିରେ ଯାଉଥିବାବେଳେ ଆଠମଲ୍ଲିକ ଏନ୍‌ଏସି ହିନ୍ଦୋଳ ସାହିର ପରମେଶ୍ୱର ତାଙ୍କୁ ମାନଯୋର ରାସ୍ତାରେ ଅଟକାଇଥିଲେ। ଏହାପରେ ଓଢ଼ଣିରେ ସୁଜାତାଙ୍କ ବେକକୁ ଚାପିଧରି ଠେଙ୍ଗାରେ ପିଟିଥିଲେ। ସୁଜାତା ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେବାପରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ନିରୋଦ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଉପଆରକ୍ଷୀ ଅଧିକାରୀ କଳ୍ପନା ବେହେରା ଏକ ମାମଲା ରୁଜୁ କରି ଅଭିଯୁକ୍ତ ପରମେଶ୍ୱରଙ୍କୁ ଗିରଫ କରିଛନ୍ତି। ସେହିପରି ଅଭିଯୁକ୍ତଙ୍କ ବାପା ଫୋନ ଯୋଗେ ସୁଜାତାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଥିବାରୁ ତାଙ୍କ ନାମରେ ମଧ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

## ବାମୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଉ ମେମୁ ଟ୍ରେନ୍

**ବଇଣ୍ଡା,୨୧।୧୦(ଡି.ଏନ.ଏ.)**

### ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ କୌଣସି ଯାତ୍ରୀବାହୀ ଟ୍ରେନ ରହୁ ନ ଥିବାରୁ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଳଚେର-ପୁରୀ ମେମୁ ଟ୍ରେନକୁ ବାମୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦେଇଥିବା ଦାବିପତ୍ର ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୧୮ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏଥିସହ ଏହି ଷ୍ଟେଶନ ଦେଇ ଯାଉଥିବା ସମ୍ବଲପୁର ପୁରୀ ଇଣ୍ଟରସିଟି ଏକ୍ସପ୍ରେସର ରହଣି ପାଇଁ ଦାବି ବିଷୟରେ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅକ୍ଟୋବର ୨ରେ ବାମୁର ଗସ୍ତରେ ଆସିଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଥିଲେ, ବାମୁର ଷ୍ଟେଶନ ଉପରେ ବହୁ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। କରୋନା ପୂର୍ବରୁ ଏହି ଷ୍ଟେଶନ ଦେଇ ଯାଉଥିବା ସମ୍ବଲପୁର-ପୁରୀ, ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ ଏଠାରେ ରହଣି କରୁଥିବାବେଳେ ଏବେ କୌଣସି ଟ୍ରେନ ରହୁନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଥିବା ଗ୍ରାମବାସୀ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ।

## ୧୭ ମଣ୍ଡପରେ ଲକ୍ଷ୍ମୀ ପୂଜା

**ତାଳଚେର,୨୧।୧୦(ନି.ପ୍ର.)**


ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା କରୋନା କଟକଣା ମଧ୍ୟରେ ପାଳିତ ହେଉଛି। ବାଉଁଶଗାଡିଆସ୍ଥିତ ମା' ଗଜଲକ୍ଷ୍ମୀ ପୂଜା କମିଟି, ବଡଠାକୁର ଘର ସାହି ମା' ମହାଲକ୍ଷ୍ମୀ ପୂଜା କମିଟି, ପିଢ ସାହି ମହାଲକ୍ଷ୍ମୀ ପୂଜା କମିଟି, ଏମ୍‌ଏଲ୍‌ଏ ଛକ ମହାଲକ୍ଷ୍ମୀ ପୂଜା କମିଟି, ହରଗୌରୀ ଲକ୍ଷ୍ମୀପୂଜା କମିଟି, ଗୋଛାୟତ ସାହି, ବୁଢାବୁରୀ ସାହି, ଟାରଗାଡିଆ, ସୁପରମାର୍କେଟ ଛକ, ମଝିକା ଦେଉଳ ଛକ, ପୁରୁଣା ସାହି କଦମ୍ବ ଛକ, କଳମଛୁଇଁ ପୁରୁଣାସାହି ଆଦି ୧୭ଟି ମଣ୍ଡପରେ ମା'ଙ୍କ ପୂଜା କରାଯାଉଛି। ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ମଣ୍ଡପଗୁଡିକୁ ଆବଦ୍ଧ କରାଯାଇଛି। ଜନସମାଗମ ନ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ପୂଜାକମିଟିଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ୨୦୦୮ରୁ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟି ଗଠନ କରାଯାଇଛି। ଚଳିତବର୍ଷ ନିରାଡମ୍ବରରେ ଭସାଣି କାର୍ଯ୍ୟ ସମାପନ ହେବ ବୋଲି କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟି ସଭାପତି ଗଗନ ବିହାରୀ ସାହୁ ଓ ସମ୍ପାଦକ ହରେଶ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।





ତାଳଚେର ସହରର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀ।





ଅନୁଗୋଳ ସହର ଅମଲାପଡ଼ା ପୂଜା ମଣ୍ଡପ। ବଜାର ଛକ ପୂଜା ମଣ୍ଡପ। ବସଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀ ମେଢ଼। ଅନୁଗୋଳ କଲେଜ ଛକ ମେଢ଼। (ଫଟୋ- ବୁଲୁ)

**ଓମାନ ଓପନର ଯତୀନ୍ଦର ସିଂଙ୍କ ଘର ପଞ୍ଜାବର ଲୁଧିଆନାରେ। ତାଙ୍କ ଖେଳିବା ଶୈଳୀ ଶିଖର ଧାୱନଙ୍କ ସହ ମିଶୁଥିବାରୁ ତାଙ୍କୁ ଓମାନର ଧାବନ କୁହାଯାଉଛି । ୧୫ ବର୍ଷ ବୟସରେ ସେ ପରିବାର ସହ ଓମାନ ଚାଲିଯାଇ ସ୍କୁଲ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ...**


ଯତୀନ୍ଦର ସିଂ

# ଓମାନର ଧାବନ

ଚଳିତ ଟି୨୦ ବିଶ୍ୱକପ୍‌ରେ କ୍ୱାଲିଫାୟର୍ସ ଖେଳୁଥିବା ଓମାନର ପ୍ରଦର୍ଶନ ଭଲ ରହିଛି। ଓମାନର ଷ୍ଟାର ବ୍ୟାଟର ୩୨ ବର୍ଷୀୟ ଯତୀନ୍ଦର ସିଂ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓମାନ ତରଫରୁ ସେ ଦୁଇଟି ମ୍ୟାଚ୍ ଖେଳି ଦଳ ପାଇଁ ସର୍ବାଧିକ ସ୍କୋର ହାସଲ କରିଛନ୍ତି। ସେ ପାପୁଆ ନ୍ୟୁଗିନି ବିପକ୍ଷରେ ୪୨ଟି ବଲ୍ ଖେଳି ୭୩ ରନ ସଂଗ୍ରହ କରିଛନ୍ତି। ସେହିପରି ବାଂଲାଦେଶ ବିପକ୍ଷରେ ସେ ୩୩ଟି ବଲ ଖେଳି ୪୦ ରନ ସଂଗ୍ରହ କରିଛନ୍ତି। ଓପିନିଂ କରିବା ସହ ଓ ଦ୍ରୁତ ଗତିରେ ରନସଂଗ୍ରହ କରୁଥିବାରୁ ତାଙ୍କୁ ଭାରତୀୟ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ସହ ତୁଳନା କରାଯାଉଛି। ତାଙ୍କୁ ଓମାନର ଧାବନ କୁହାଯାଉଛି। ତାଙ୍କ ଖେଳିବା ଶୈଳୀ ଧାୱନଙ୍କ ସହ ମିଶି ଯାଉଛି।

ଯତୀନ୍ଦର ପଞ୍ଜାବର ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ। ୧୫ ବର୍ଷ ବୟସରେ ସେ ପରିବାର ସହ ଓମାନ ଯାଇ ସେଠାରେ ସ୍ଥାୟୀ ଭାବେ ରହିଥିଲେ। ସେଠାରେ ସ୍କୁଲରେ ଯତୀନ୍ଦର କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ତାଙ୍କର କୌଣସି କୋଚ୍ ନ ଥିଲେ ଓ ସେ କୌଣସି କ୍ରିକେଟ ଏକାଡେମୀରେ ଯୋଗ ମଧ୍ୟ ଦେଇ ନ ଥିଲେ। ସେ ସ୍କୁଲରୁ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଏହାପରେ ସେ ୧୫ ବର୍ଷରୁ କମ୍ ଦଳ ପାଇଁ ଖେଳିବା ପରେ ୧୯ ବର୍ଷରୁ କମ୍ ଦଳ ପାଇଁ ଖେଳିଥିଲେ। ୨୦୦୭ରେ ତାଙ୍କୁ ୧୯ ବର୍ଷରୁ କମ୍ ଓମାନ ଦଳ ପାଇଁ ଖେଳିବାର ସୁଯୋଗ ମିଳିଥିଲା। ସେ ଉଇକେଟକିପିଂ କରିବା ସହ ବ୍ୟାଟିଂ କରୁଥିଲେ। ଏହାପରେ ୨୦୧୧ରେ ସେ ଓମାନ ଜାତୀୟ ଦଳରେ ସାମିଲ ହୋଇଥିଲେ ଓ ନିୟମିତ ଭାବେ ଓମାନ ପାଇଁ କ୍ରିକେଟ ଖେଳି ଆସୁଛନ୍ତି। ନିଜକୁ ଫିଟ୍ ରଖିବା ପାଇଁ ସେ ଫୁଟବଲ, ଭଲିବଲ ଖେଳିବା ସହ ଶଟ୍‌ପୁଟ୍ ମଧ୍ୟ ପକାଉଥିଲେ। ଓମାନ ଦଳରେ ୫ଜଣ ଖେଳାଳି ଭାରତର, ଜଣେ ଖେଳାଳି ଓମାନର ଓ ବାକି ଖେଳାଳି ପାକିସ୍ତାନର ବୋଲି ଯତୀନ୍ଦର କହିଛନ୍ତି। ବିରାଟ କୋହଲି ମୋର ଅଲ ଟାଇମ ଫେଭରାଇଟ ଖେଳାଳି ବୋଲି ସେ କୁହନ୍ତି। ରବିବାର ଭାରତ–ପାକିସ୍ତାନ ମ୍ୟାଚ୍ ଖେଳାଯିବ ଓ ଆମେ ସମସ୍ତେ ଏକାଠି ମ୍ୟାଚ୍ ଦେଖିବୁ ଓ ଭାରତ ଏହି ମ୍ୟାଚ୍ ଜିତୁ ବୋଲି ସେ କହିଛନ୍ତି। ଧାୱନଙ୍କ ସହ ମୋର ଷ୍ଟାଇଲ ମିଶିବା ସ୍ୱତଃପ୍ରବୃତ୍ତ ବୋଲି ସେ କହିଛନ୍ତି। ଧାୱନଙ୍କ ସହ ମୋତେ ତୁଳନା କରାଯାଉଥିବାରୁ ବହୁତ ଆନନ୍ଦିତ ବୋଲି ସେ କହିଛନ୍ତି। ୨୦୧୬ ଟି୨୦ ବିଶ୍ୱକପ୍ ଖେଳିବା ଅବସରରେ ଭାରତୀୟ ଖେଳାଳିଙ୍କ ସହ ମିଶିବାର ସୁଯୋଗ ପାଇଥିଲୁ। ଓମାନରେ କ୍ରିକେଟର ଲୋକପ୍ରିୟତା ଧୀରେ ଧୀରେ ବୃଦ୍ଧି ପାଉଛି। ଟି୨୦ ବିଶ୍ୱକପ୍‌ରେ କ୍ୱାଲିଫାଏ କରିବୁ ବୋଲି ଆଶା ରଖିଛୁ। ଆମର ପୂରା ପରିବାର ଲୁଧିଆନାରେ ରୁହନ୍ତି। ମୋର ୩ ଭାଇ ଓ ଜଣେ ଭଉଣୀ ଅଛନ୍ତି। ଭଉଣୀ ପଞ୍ଜାବରେ ବାହା ହୋଇଛି। ମୋ ସ୍ତ୍ରୀଙ୍କ ଘର ମଧ୍ୟ ଶହୀଦ ଭଗତ ସିଂ ନଗରରେ। ତେଣୁ ଭାରତ ସହିତ ଆମର ସମ୍ପର୍କ ରହିଛି ଓ ଆଗକୁ ମଧ୍ୟ ରହିବ ବୋଲି ଯତୀନ୍ଦର କହିଛନ୍ତି।


ନିର୍ମଳ କୁମାର ମିଶ୍ର

# ଯୁବ ଖେଳାଳିଙ୍କ ଚମକ

**ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ସଦ୍ୟ ସମାପ୍ତ ଆଇପିଏଲ୍ ଟାଇଟଲ ଜିତି ଚତୁର୍ଥ ଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ବାଙ୍ଗାଲୋର ଦ୍ରୁତ ବୋଲର ହର୍ଷଲ ପଟେଲ ୧୫ ମ୍ୟାଚରୁ ୩୨ଟି ଉଇକେଟ୍ ନେଇ ପର୍ପଲ କ୍ୟାପର ଅଧିକାରୀ ହୋଇଥିବା ବେଳେ ୧୬ଟି ମ୍ୟାଚ୍ ଖେଳି ସର୍ବାଧିକ ୬୩୫ ରନ କରିଥିବା ଚେନ୍ନାଇ ଓପନର ରତୁରାଜ ଗାଏକ୍ୱାଡ ଅରେଞ୍ଜ କ୍ୟାପ୍ ହାସଲ କରିଛନ୍ତି...**

କୋଭିଡ୍–୧୯ ସଂକ୍ରମଣଜନିତ ପ୍ରଭାବରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ୨୦୨୧ ଏପ୍ରିଲ ୯ ତାରିଖରୁ ଏହା ଚେନ୍ନାଇରେ ଆରମ୍ଭ ହୋଇଥିଲା। ମାତ୍ର ୨୯ଟି ମ୍ୟାଚ ପରେ ସ୍ଥଗିତ ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟ ୟୁଏଇରେ ଆରମ୍ଭ ହୋଇ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୫ରେ ଉଦ୍‌ଯାପିତ ହୋଇଛି। ଫର୍ମରେ ନ ଥିଲେ ମଧ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏବଂ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଇଅନ ମୋର୍ଗାନଙ୍କ ଦଳ ଫାଇନାଲ ଖେଳିବା ବେଶ୍ ଅପ୍ରତ୍ୟାଶିତ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚଗୁଡ଼ିକରେ ଏହି ଦୁଇ ଦଳ ସେତେ ଭଲ ପ୍ରଦର୍ଶନ କରିପାରି ନ ଥିଲା। ମାତ୍ର ୟୁଏଇ ପର୍ଯ୍ୟାୟରେ ଦୁଇ ଦଳ ଆଶାନୁସାରେ ପ୍ରଦର୍ଶନ କରି ପ୍ଲେ ଅଫ୍‌ରେ ପହଞ୍ଚିଥିଲେ ଏବଂ ଫାଇନାଲ ଖେଳିଥିଲେ। ଚେନ୍ନାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଥିବାବେଳେ କୋଲକାତା ୪ର୍ଥ ସ୍ଥାନ ଅଧିକାର କରି ଶେଷ ଦଳଭାବେ ପ୍ଲେ–ଅଫ୍ ପ୍ରବେଶ ନିଶ୍ଚିତ କରିଥିଲା। ପୂର୍ବରୁ ଚେନ୍ନାଇ ଦଳ ୨୦୧୦, ୨୦୧୧, ୨୦୧୮ରେ ଏବଂ କୋଲକାତା ୨୦୧୨ ଏବଂ ୨୦୧୪ରେ ଚାମ୍ପିୟନ ହୋଇଥିଲା। ଏଥର ଫାଇନାଲରେ ଏକ ବଡ଼ ସ୍କୋରର ପିଛା କରି କୋଲକାତା ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୨୭ ରନ୍ ପଛରେ ରହିଯାଇଥିଲା ; ଫଳରେ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ୪ର୍ଥ ଥର ପାଇଁ ଟାଇଟଲ ହାସଲ କରିଥିଲା। ଚେନ୍ନାଇ ଟ୍ରଫି ସହ ୨୦ କୋଟି ଟଙ୍କା ଏବଂ କେକେଆର ୧୨.୫କୋଟି ପୁରସ୍କାର ରାଶି ପାଇଥିଲା। ଷ୍ଟାର ବ୍ୟାଟର ଫାଫ୍ ଡୁପ୍ଲେସି ଏକ ଦମଦାର ଇନିଂସ ଖେଳି ଚେନ୍ନାଇକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ମ୍ୟାନ ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ।

ଉଭୟ ଦଳ ଖେଳିଥିବା ଶେଷ ୫ଟି ମ୍ୟାଚ ପଏଣ୍ଟ ଟେବୁଲର ଚିତ୍ର ବଦଳାଇବାକୁ ସକ୍ଷମ ହୋଇଥିଲା। କ୍ରମାଗତ ଭଲ ବୋଲିଂ ଯୋଗୁ ପ୍ରତିପକ୍ଷକୁ ଶେଷ ୫ଟି ମ୍ୟାଚରେ ୧୪୦ରନ୍ ମଧ୍ୟରେ ସୀମିତ ରଖି କେକେଆର ଦଳ ମନୋବଳ ବୃଦ୍ଧି କରିଥିଲା। ସେହିପରି ଚେନ୍ନାଇ ଦଳ ମଧ୍ୟ ଶେଷ ୬ଟି ମ୍ୟାଚରେ ପଛରେ ବ୍ୟାଟିଂ କରି ବିଜୟୀ ହୋଇଥିଲା। ଚାମ୍ପିୟନ ହେବାରେ ଚେନ୍ନାଇ ଦଳର ଦୁଇ ଓପନର ରତୁରାଜ ଗାଏକ୍ୱାର୍ଡ ଏବଂ ଆକ୍ରମଣାତ୍ମକ ବ୍ୟାଟର ଫାଫ୍ ଡୁପ୍ଲେସିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

କିଛି ମ୍ୟାଚରେ ଅମ୍ପାୟରିଂ ବିବାଦ, ସ୍ଲୋ ଏବଂ ଲୋ ପିଚ, କୋଭିଡ ଯୋଗୁ ଲିଗ୍ ଅଧାରୁ ସ୍ଥଗିତ ରହିବା, ଭାରତରୁ ୟୁଏଇକୁ ସ୍ଥାନାନ୍ତରିତ ହେବା, ନାମୀଦାମୀ ବିଦେଶୀ ଖେଳାଳିଙ୍କ ଅସଫଳତା, ସୀମିତ ସଂଖ୍ୟାରେ ଦର୍ଶକ, ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ଖରାପ ପ୍ରଦର୍ଶନ ଟୁର୍ନାମେଣ୍ଟର ଗ୍ଲାମର କିଛି ମାତ୍ରାରେ କମାଇ ଥିଲେ ମଧ ୧୪ତମ ସଂସ୍କରଣର ସଫଳ ପରିସମାପ୍ତି ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଦେଶୀ ଖେଳାଳିଙ୍କ ଅପେକ୍ଷା ଭାରତୀୟ ଯୁବ ବ୍ୟାଟର ଏବଂ ବୋଲରମାନେ ଭଲ ପ୍ରଦର୍ଶନ କରି ଆଗକୁ ଯିବା ପାଇଁ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ରତୁରାଜ ଗାଏକ୍ୱାଡ଼, ଭେଙ୍କଟେସ୍ ଆୟାର, ଶୁଭମ ଗିଲ୍, ରାହୁଲ ତ୍ରିପାଠୀ, ନିତିଶ୍ ରାଣା, ଦେବଦତ୍ତ ପଡିକାଲ ଏବଂ ହର୍ଷଲ ପଟେଲଙ୍କ ପରି ଖେଳାଳି ବ୍ୟାଟିଂ ଏବଂ ବୋଲିଂରେ ଚମକ ଦେଖାଇବା ଶୁଭ ସଙ୍କେତ।

ଭାରତୀୟ ପିଚ୍ ଏବଂ ୟୁଏଇ ପିଚ୍ ଖେଳାଳିଙ୍କ ବ୍ୟାଟିଂ ଏବଂ ବୋଲିଂ ଉପରେ ବେଶ୍ ପ୍ରଭାବ ପକାଇଥିଲା। ଏବି ଡି'ଭିଲିର୍ସ, ଜୋସ୍ ବଟଲର, ଜନି ବେୟାରଷ୍ଟୋ, କିରନ ପୋଲାର୍ଡ, ଡେଭିଡ୍ ୱାର୍ନର, କ୍ରିସ୍ ଗେଲ୍, ଷ୍ଟିଭେନ୍ ସ୍ମିଥ୍, ଇଆନ ମୋର୍ଗାନ, ଶକିବ ଅଲ୍ ହାସନ, ଡେଭିଡ ମିଲର, ମାର୍କସ ଷ୍ଟୋଇନିସ୍, ହାର୍ଦ୍ଦିକ ପାଣ୍ଡ୍ୟା, ନିକୋଲାସ ପୁରନଙ୍କ ପରି ସୁନାମଧନ୍ୟ ବ୍ୟାଟରମାନେ ବ୍ୟାଟିଂରେ ଫେଲ୍ ମାରିଥିଲେ। ସେହିପରି କ୍ରୀସ୍ ମୋରିସ୍, ସୁନୀଲ ନାରିନ୍, ରବିଚନ୍ଦ୍ରନ ଅଶ୍ୱିନ, ଲୋକି ଫର୍ଗୁସନ, ଯଶପ୍ରୀତ ବୁମରା, ଜୟଦେବ ଉନାଟକଟ୍, ଅକ୍ଷର ପଟେଲ, ରସିଦ୍ ଖାଁ, ସାମ କୁରାନ, ଭୁବନେଶ୍ୱର କୁମାରଙ୍କ ପରି ବୋଲରମାନେ ସେମାନଙ୍କ ଦକ୍ଷତା ଅନୁସାରେ ବହୁ ପଛରେ ରହିଯାଇଥିଲେ ; ଯାହା କି ଫ୍ରାଞ୍ଚାଇଜ୍ ମାଲିକଙ୍କ ଚିନ୍ତା।


ରତୁରାଜ ଗାଏକ୍ୱାଡ
ହର୍ଷଲ ପଟେଲ

ବଢାଇଛି। ସମ୍ପୂର୍ଣ୍ଣ ଲିଗ୍‌ରେ ମୋଟ ୬୦ଟି ମ୍ୟାଚରୁ ମାତ୍ର ୪ଟି ଶତକ ଦେଖିବାକୁ ମିଳିଛି। ଜୋସ୍ ବଟଲର, ସଞ୍ଜୁ ସାମସନ, ରତୁରାଜ ଗାଏକ୍ୱାର୍ଡ ଓ ଦେବଦତ୍ତ ପଡିକାଲ ଗୋଟିଏ ଲେଖାଏ ଶତକ ହାସଲ କରିଥିଲେ। ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୨୪ ରନ୍ ବଟଲରଙ୍କ ନାମରେ ରହିଛି। ୯ଥର ୨ଶହ ଉପରକୁ ସ୍କୋର ହୋଇଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ୨୩୫ ରନ୍ ସର୍ବାଧିକ। ଗତ ଆଇପିଏଲରେ ସର୍ବନିମ୍ନ ସ୍କୋର ୮୫ରନ୍ ରାଜସ୍ଥାନ ରୟାଲ୍ସ ନାମରେ ରହିଛି। ୩ଥର ଶହେରୁ କମ୍ ରନ୍ ସ୍କୋର ହୋଇଥିଲା। ୯୭ ବ୍ୟାଟର ମୋଟ ୬୮୭ଟି ଛକା ମାରିଥିଲେ। ଏହା ମଧ୍ୟରୁ ଚେନ୍ନାଇ ବ୍ୟାଟରମାନେ ସର୍ବାଧିକ ୧୧୫ ଛକା ମାରିଥିଲେ। ବ୍ୟକ୍ତିଗତ ଭାବେ ଦେଖିବାକୁ ଗଲେ ପଞ୍ଜାବ କିଙ୍ଗ୍ସର ଅଧିନାୟକ ଲୋକେଶ ରାହୁଲ ସର୍ବାଧିକ ୩୦ଟି ଛକା ମାରି ଆଗରେ ରହିଛନ୍ତି। ସମ୍ପୂର୍ଣ୍ଣ ଲିଗ୍‌ରେ ୭୧୬ଟି ଉଇକେଟର ପତନ ଘଟିଥିଲା। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଲୋକି ଫର୍ଗୁସନ ଦ୍ରୁତତମ ବୋଲର ରୂପେ ଘଣ୍ଟାପ୍ରତି ୧୫୩.୯୫ କିମି ବେଗରେ ବଲ ପକାଇ କଶ୍ମୀର ଷ୍ଟାର ଦ୍ରୁତ ବୋଲର ଉମ୍ରାନ ମଲିକ (୧୫୨.୯୫ କିମି)ଙ୍କୁ ପଛରେ ପକାଇଥିଲେ।

ପରିସଂଖ୍ୟାନ ଅନୁସାରେ ସମ୍ପୂର୍ଣ୍ଣ ଲିଗ୍‌ରେ ୧୧୧ ବ୍ୟାଟର ମୋଟ ୧୬୪୮ଟି ଚୌକା ମାରିଥିଲେ। ରତୁରାଜ ଏକାକୀ ୬୪ଟି ଚୌକା ମାରିଥିଲେ। ସେ ଟୁର୍ନାମେଣ୍ଟର ବଡ଼ ଛକା (୧୦୮ ମିଟର) ମାରିବାର ରେକର୍ଡ ମଧ୍ୟ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ (ଆରସିବି) ତାରକା ମିଡିୟମ ପେସ୍ ବୋଲର ହର୍ଷଲ ପଟେଲ ୧୫ ମ୍ୟାଚରୁ ୩୨ଟି ଉଇକେଟ୍ ନେଇ ପର୍ପଲ କ୍ୟାପର ଅଧିକାରୀ ହୋଇଥିଲେ। ୨୦୧୩ ସଂସ୍କରଣରେ ଡ୍ୱେନ ବ୍ରାଭୋ ମଧ ୩୨ଟି ଉଇକେଟ ନେଇଥିଲେ। ବ୍ୟାଟିଂରେ ରତୁରାଜ ୧୬ଟି ମ୍ୟାଚରୁ ଗୋଟିଏ ଶତକ ଏବଂ ୪ଟି ଅର୍ଦ୍ଧଶତକ ସହ ସର୍ବାଧିକ ୬୩୫ ରନ୍ କରି ଅରେଞ୍ଜ୍ କ୍ୟାପ୍‌ର ଅଧିକାରୀ ହୋଇଥିଲେ।


ରତୁରାଜ ଇମର୍ଜିଂ ପ୍ଲେୟର ଅଫ୍ ଦି ସିଜନ୍ ହୋଇଥିବା ବେଳେ ପରଫେକ୍ଟ କ୍ୟାଚ୍ ଅଫ୍ ଦି ସିଜନ୍ ପୁରସ୍କାର ପାଇଥିଲେ ରବି ବିଷ୍ଣୋଇ। ହର୍ଷଲ ଗେମ ଚେଞ୍ଜର ଅଫ୍ ଦି ସିଜନ, ଭେଙ୍କଟେସ ଆୟର ପାୱାର ପ୍ଲେୟାର ଅଫ୍ ଦି ସିଜନ୍, ଶିରନ ହେଟମେର ସୁପର ଷ୍ଟ୍ରାଇକର ଅଫ୍ ଦି ସିଜନ୍ ପୁରସ୍କାର ହାସଲ କରିଥିଲେ। ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିଲେ ମଧ ହର୍ଷଲ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର, ରାଜସ୍ଥାନ ରୟାଲ୍ସ ଦଳକୁ ପ୍ଲେୟାର ପ୍ଲେ ଆୱାର୍ଡ ମିଳିଥିଲା। ମ୍ୟାନ୍ ଅଫ ଦି ଫାଇନାଲ ଡୁପ୍ଲେସି ଦ୍ୱିତୀୟ ସର୍ବାଧିକ ୬୩୩ ରନ୍ ସ୍କୋର କରିଥିଲେ। ରବି ବିଷ୍ଣୋଇ, ରବୀନ୍ଦ୍ର ଜାଡେଜା, ଚେତନ ସାକାରିଆ, ସଞ୍ଜୁ ସାମସନ, ରାହୁଲ ତ୍ରିପାଠୀ, ଶିଖର ଧାୱନ, ଇଅନ ମୋର୍ଗାନଙ୍କ କେତେକ କ୍ୟାଚ ବେଶ୍ ଦର୍ଶନୀୟ ଥିଲା।

ସ୍ୱାଗତ ସମ୍ପଦ

# ଯଶରୁ ଅପଯଶ

**ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଯଶ ଅର୍ଜନ କରିଥିବା କେତେକ ଖେଳାଳି ଅପଯଶ ଯୋଗୁ ଜେଲଦଣ୍ଡ ଭୋଗୁଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଦୁଇଥର ଅଲିମ୍ପିକ ପଦକ ଜିତିଥିବା ରେସଲର ସୁଶୀଲ କୁମାର...**

ଯୁବ ରେସଲର ସାଗର ଧଙ୍କର୍ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଅଲିମ୍ପିଆନ୍ ରେସଲର୍ ସୁଶୀଲ କୁମାରଙ୍କ ଜେଲମୁକ୍ତି ଆଶା ମଉଳିଯାଇଛି। ଦିଲ୍ଲୀ କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଛନ୍ତି। ସୁଶୀଲଙ୍କୁ ଦିଲ୍ଲୀ ପୋଲିସ ଅଯଥା ମାମଲାରେ ଫସାଇଦେଇଛି ବୋଲି ତାଙ୍କ ଓକିଲ ଦାବି କରିଥିଲେ। ଚଳିତ ବର୍ଷ ଜୁନ୍ ୨ରୁ ସୁଶୀଲ ତିହାର କେନ୍ଦ୍ରୀୟ ଜେଲରେ ବନ୍ଦୀ ଅଛନ୍ତି। । ଦିଲ୍ଲୀ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ଏହା ବୋଧହୁଏ ଥିଲା ପ୍ରଥମ ଜାମିନ ଶୁଣାଣି। ସୁଶୀଲ କୁମାର ବିଶ୍ୱର ଜଣେ ମହାନ୍ କୁସ୍ତିଯୋଦ୍ଧା, ଯିଏ ଦୁଇଟି ଅଲିମ୍ପିକ୍‌ରେ ଭାରତ ପାଇଁ ବ୍ରୋଞ୍ଜ ଓ ରୌପ୍ୟ ପଦକ ପାଇଥିଲେ। ସେ ମଧ୍ୟ ବିଶ୍ୱ ଚାମ୍ପିୟନ୍। ଏଭଳି କୃତିତ୍ୱ ଅର୍ଜନରେ ସୁଶୀଲ ଭାରତର ପ୍ରଥମ କୁସ୍ତିବିତ୍। ହେଲେ ଆଇନ ଆଖିରେ ସେ ଏବେ ଜଣେ ହତ୍ୟାକାରୀ। ସୁଶୀଲ ମୁଖ୍ୟ ଅଭିଯୁକ୍ତ ଥିଲାବେଳେ ୧୧ଜଣ ସହ ଅଭିଯୁକ୍ତ ଅଛନ୍ତି। ୨୦୨୧ ମେ' ୪ ରାତିରେ ସୁଶୀଲ ଓ ତାଙ୍କ ସାଥୀମାନେ ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମରେ ଯୁବ କୁସ୍ତିବିତ୍ ସାଗର ଧଙ୍କର୍‌ଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସାଗର ଗୁରୁତର ଆହତ ହୋଇଥିଲେ। ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୧୯ ଦିନ ପରେ ୨୩ ମେ'ରେ ଦିଲ୍ଲୀରୁ ସୁଶୀଲଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ତାଙ୍କ ଗିରଫଦାରିକୁ ୬ ମାସ ବିତିଲାଣି। ଛତ୍ରସାଲ ଷ୍ଟାଡିୟମରେ ଏକ ଘରର ମାଲିକାନାକୁ ନେଇ ସୁଶୀଲ ଓ ସାଗରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ସାଗର ଜାତୀୟ କନିଷ୍ଠ କୁସ୍ତି ଚାମ୍ପିୟନ୍ ଥିଲେ। ତାଙ୍କ ବାପା ଦିଲ୍ଲୀ ପୋଲିସ କର୍ମଚାରୀ। ସାଗରଙ୍କୁ ମରଣାନ୍ତକ ଆକ୍ରମଣର ଭିଡିଓ ଫୁଟେଜ୍ କୋର୍ଟରେ ଦାଖଲ କରିଛି ପୋଲିସ । ସୁଶୀଲ ଜେଲରେ ଏକ ଭିନ୍ନ କୋଠରି, ଟିଭି ସେଟ୍ ଓ ପୌଷ୍ଟିକ ଖାଦ୍ୟ ମଞ୍ଜୁର କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ କିଛି ନ ମିଳିବାରୁ ସୁଶୀଲ ବିଚାରାଧୀନ କଏଦୀମାନଙ୍କ ସହ ସାଧାରଣ ୱାର୍ଡରେ ରହିଆସୁଛନ୍ତି। ଦିଲ୍ଲୀର ନଜଫଗଡ଼ ନିକଟ ବାପ୍ରୋଲା ଗାଁର କୃତୀ ସନ୍ତାନ ହେଲେ ସୁଶୀଲ। ପିତା ଦିୱାନ ସିଂ ଗାଡ଼ି ଚାଳକ ଓ ମାତା କମଳା ଦେବୀ ଗୃହିଣୀ। ସୁଶୀଲଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ତାଙ୍କ କୁସ୍ତି ସଫଳତା ଆଖି ଝଲସାଇ ଦେବାଭଳି। କୁସ୍ତିଯାତ୍ରା ତାଙ୍କର ଆରମ୍ଭ ହୁଏ ବାଲ୍ୟକାଳରୁ। ସେତେବେଳେ ପିତା ଦିୱାନ ସିଂ କୁସ୍ତି କରୁଥିଲେ। ୧୪ ବର୍ଷ ବୟସରେ ସୁଶୀଲ ଛତ୍ରସାଲ ଷ୍ଟାଡିୟମ ଆଖଡ଼ାରେ ଯୋଗ ଦେଇଥିଲେ। ସେ ଜଣେ ଶାକାହାରୀ କୁସ୍ତିବିତ୍। ଦାଦ୍ରୀସ୍ଥିତ ନଏଡ଼ା କଲେଜ ଅଫ୍ ଫିଜିକାଲ ଏଜୁକେଶନରୁ ଡିଗ୍ରୀ ହାସଲ କରିଛନ୍ତି। ୧୯୯୮ ମସିହାରେ ସେ ପ୍ରଥମ ଥର ବିଶ୍ୱ କ୍ୟାଡେଟ କୁସ୍ତିରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୨୦୦୦ ମସିହା ଏସିଆନ୍ କନିଷ୍ଠ ରେସଲିଂରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ୨୦୦୩ରେ ସିନିୟର ବର୍ଗକୁ ଆସିଥିଲେ। ଏହି ସମୟରେ ସେ ଏସିଆନ୍ ଚମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ଓ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରୁ ଅଲିମ୍ପିକ୍ ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ୬୦ କେଜି ବର୍ଗରେ ଲଢ଼ି ୧୪ଶ ସ୍ଥାନରେ ରହିଥିଲେ। ୨୦୦୫ ଓ ୨୦୦୭ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ, ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି ଭାରତ ପାଇଁ ଇତିହାସ ରଚିଥିଲେ। ଏହା ପୂର୍ବରୁ ଭାରତର କେବଳ ଖସାବା ଦାଦାସାହେବ ଯାଦବ ୧୯୫୨ ଅଲିମ୍ପିକ୍ କୁସ୍ତିରେ ବ୍ରୋଞ୍ଜ ପଦକ ଜିତିପାରିଥିଲେ। ୨୦୧୦ ମସ୍କୋ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ଆଲାନ୍ ଗୋଗାଏଭ୍‌ଙ୍କୁ ମାତ୍ ଦେଇ ଜିତିଥିଲେ ଟାଇଟଲ୍ ଓ ସ୍ୱର୍ଣ୍ଣ ପଦକ। ୨୦୦୬ରେ ଅର୍ଜୁନ ପୁରସ୍କାର ଓ ୨୦୧୧ରେ ପାଇଥିଲେ ପଦ୍ମଶ୍ରୀ ଉପାଧି। ୨୦୧୦ ଦିଲ୍ଲୀ, ୨୦୧୪ ଗ୍ଲାସଗୋ ଓ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରମାଗତ ୩ଟି ସ୍ୱର୍ଣ୍ଣ ପଦକ ଜିତି ନିଜ ଆଧିପତ୍ୟ ବଜାୟ ରଖିଥିଲେ। ୨୦୧୦ରେ ଖେଳରତ୍ନ ପୁରସ୍କାର ପାଇଥିଲେ।


ସୁଶୀଲ କୁମାର


ଏସ୍ ଶ୍ରୀସନ୍ଥ

## ଶ୍ରୀସନ୍ଥଙ୍କଠାରୁ ସୁଶୀଲଙ୍କ ଯାଏ...

ସୁଖ୍ୟାତିରୁ ବଦନାମ ହୋଇଥିବା କେତେଜଣ କୃତୀ ଖେଳାଳିଙ୍କ ଅପରାଧ ଘଟଣା ଏଇଭଳି। ପୂର୍ବତନ କ୍ରିକେଟର ଏସ୍ ଶ୍ରୀସନ୍ଥ। ଭାରତର ୨୦୦୭ ବିଶ୍ୱ ଟି୨୦ ଓ ୨୦୧୧ ବିଶ୍ୱ କପ୍ ବିଜୟୀ ଦଳର ଦ୍ରୁତ ବୋଲର୍ ଥିଲେ। ୨୦୧୩ ଆଇପିଏଲରେ ରାଜସ୍ଥାନ୍ ରୟାଲ୍ସ ପକ୍ଷରୁ ଖେଳୁଥିଲାବେଳେ ମ୍ୟାଚ ଫିକ୍ସିଂ ଅପରାଧରେ ଅଭିଯୁକ୍ତ ହୋଇଥିଲେ। ୭ ବର୍ଷ ବାସନ୍ଦାଦେଶ ଭୋଗିବା ପରେ ତାଙ୍କ ଉପରେ ଜାରି ହୋଇଥିବା ଆଜୀବନ ନିଷେଧାଦେଶ ହଟିଥିଲା। ବକ୍ସର ଦୀପକ ପହଲ। ଭାରତୀୟ କନିଷ୍ଠ ବକ୍ସିଂ ଦଳରେ ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ବକ୍ସର। ଏଣୁ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ରହିଥିଲା। କିନ୍ତୁ ଗ୍ଲୋଭ୍‌ସ ବଦଳରେ ଗନ୍ ଧରିବାପରେ ସେ ହୋଇଯାଇଥିଲେ ଜଣେ ଗ୍ୟାଙ୍ଗଷ୍ଟର୍। ୪ଟି ହତ୍ୟା, ଲୁଟ୍ ଓ ପୋଲିସ କବଳରୁ ସାଥୀମାନଙ୍କୁ ଖସାଇବା ପାଇଁ ଷଡ଼ଯନ୍ତ୍ର ଆଦି ମାମଲାରେ ଜେଲଦଣ୍ଡ ଭୋଗୁଛନ୍ତି। ପୂର୍ବତନ ଭାରତୀୟ ଶଟ୍ ପୁଟ୍ ଖେଳାଳି ଇକ୍‌ବାଲ ସିଂ ବୋପାରାଇ। ସେ ୧୯୮୩ ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଥିଲେ ବ୍ରୋଞ୍ଜ ପଦକ ବିଜେତା। ଆମେରିକାରେ ସପରିବାର ରହୁଥିଲେ। ମାତ୍ର କିଛି କାରଣ ପାଇଁ ନିଜ ମାଆ ଓ ସ୍ତ୍ରୀଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଗତବର୍ଷରୁ ସେ ଆମେରିକାରେ ବନ୍ଦୀ ଜୀବନ ବିତାଉଛନ୍ତି। ତନଭୀର ହୁସେନ୍ ଜଣେ ଅନ୍ତର୍ଜାତୀୟ ସ୍ନୋ–ସୁ ରେସର୍। କଶ୍ମୀରର ମୂଳ ବାସିନ୍ଦା। ୨୦୧୭ରେ ଆମେରିକାରେ ଯୌନ ଅପରାଧ କରି ଗିରଫ ହୋଇଥିଲେ। ସେ ମଧ୍ୟ ଜେଲଦଣ୍ଡ ପାଇଛନ୍ତି। ସେହିଭଳି ନଭଜୋତ ସିଂ ସିଦ୍ଧୁ ବିଶ୍ୱର ଜଣେ ଚର୍ଚ୍ଚିତ କ୍ରିକେଟର ହେଲେ ବି ଅପରାଧ ଘଟାଇ ଦଣ୍ଡିତ ଓ ନିନ୍ଦିତ ହୋଇଥିଲେ। ସିଦ୍ଧୁ ପଟିଆଲା ନିବାସୀ ଗୁରନାମ୍ ସିଂ ହତ୍ୟା ମାମଲାରେ ଜଡ଼ିତ ଥିଲେ। ୧୯୯୧ରେ ତାଙ୍କୁ ଗିରଫ କରାଯାଇଥିଲା। ୨୦୦୬ରେ ତାଙ୍କ ବିରୋଧରେ ହତ୍ୟା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସିଦ୍ଧୁଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।




ICICI Bank Credit & Debit Cards | 5% or Up to ₹5000* cashback valid on ICICI Bank Debit/Credit Cards EMI

RBL BANK apno ka bank | 5% or upto ₹5 000* Cash back. Min Transaction amount ₹40 000*

www.tvsmotor.com/tvs-apache | For further details please give a missed call to 18003157227. *T&C apply. **Applicable for RTR 4V Series only. Valid till 31st Oct'21.

TVS CREDIT | L&T Financial Services Two-wheeler Finance | HDFC BANK We understand your world | IDFC FIRST Bank ALWAYS YOU FIRST

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com • EXCLUSIVE APACHE RR 310 DEALERSHIPS - BHAWANIPATNA: Raj Rajeswari TVS, Ph: 7682809880; SAMBALPUR: Kishore TVS, Ph: 9778371171; BHUBANESWAR: 3S TVS, Ph: 8860629978; ROURKELA: Unique TVS, Ph: 8114372182, 8114372181; BERHAMPUR: Arya TVS, Ph: 9692492412; BARIPADA: Allied TVS, Ph: 7852935617. Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph: 8260250728. Authorised Dealers: Parjang: Ph: 9777112004, Jiral: Ph: 9437549916, Kamakyanagar: Ph: 9437332936, Rasol: Ph: 9437663780, Gondiya: Ph: 9937118011, Bhuban: Ph: 9937707823, Pallahara: Ph: 9437663970. Banarpal: Ph: 7008092305, Mahidharpur: Ph: 8917382498, Khamar: Ph: 6371396100

McCann/Blr/Tvs/910/10/21